ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଗୁହାଳିଆ ଗ୍ରାମର ଦେବଗିରି ପାହାଡ଼ ପାଦଦେଶରେ ଅବସ୍ଥିତ ଖରାଖାଇ ପଡ଼ିଆରେ ଗୁରୁବାର ଆୟୋଜିତ ହାତୀ ସଭାରେ ଆଲୋଚନା ଚାଲିଛି । 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ , ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ 'ବିକାଶ ସାଥୀ' ସମ୍ପାଦକ ଡ. ବିଶ୍ୱଜିତ ପଣ୍ଡା, ଏଏସ୍‌ଡି ଗ୍ରୁପ୍‌ର କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଅଛନ୍ତି।




ହାତୀସଭା ଅଭିଯାନରେ ସାମିଲ ଗ୍ରାମବାସୀ ଓ 'ବିକାଶ ସାଥୀ'ର କର୍ମକର୍ତ୍ତା।

# ଆଜିଠୁ ୫ ଦିନ ପାଇଁ ୫ ଜିଲା ଗସ୍ତ କରିବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ

ଭୁବନେଶ୍ୱର, ୭।୮(ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାରଠାରୁ ୫ ଦିନ ପର୍ଯ୍ୟନ୍ତ ୫ ଜିଲା(କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସୋନପୁର) ଗସ୍ତ କରିବେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କୋଟିଆ ଗସ୍ତକରି ସେହି ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସହ ସୁଭଦ୍ରା ଯୋଜନାର ସମୀକ୍ଷା କରିବେ। ଏହାସହ ଶନିବାର ତଥା ରାଖୀ ପୂର୍ଣ୍ଣିମା ଅବସରରେ କୋରାପୁଟରେ ଆୟୋଜିତ ସୁଭଦ୍ରା ୩ୟ କିସ୍ତି ପ୍ରଦାନ ସମାରୋହରେ ଯୋଗଦେବେ। ଉପମୁଖ୍ୟମନ୍ତ୍ରୀ ୫ ଜିଲାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ସମୀକ୍ଷାକରିବା ସହ ଆଗାମୀ କାର୍ଯ୍ୟକ୍ରମ ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କ ବଦଳି

## କାଠିଆପଡ଼ା ଛାତ୍ରୀ ପୋଡ଼ି ଘଟଣା

କେନ୍ଦ୍ରାପଡା, ୭।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଛାତ୍ରୀ ସଙ୍ଗିତା ପରିଡାଙ୍କ ମୃତ୍ୟୁ ଘଟଣାରେ ଏଏସ୍‌ଆଇ ଶୈଳେନ୍ଦ୍ର ପଲାଇଙ୍କୁ ଜିଲା କାର୍ଯ୍ୟାଳୟକୁ ବଦଳି ହୋଇଛି। ଏସ୍‌ପି ସିଦ୍ଧାର୍ଥ କାଟାରିଆ ଏ ନେଇ ବୁଧବାର ଥାନାକୁ ଭଏଟଏଫ୍ ମାଧ୍ୟମରେ ସୂଚନା ଦେଇଥିଲେ। ଏସ୍‌ପି କାଟାରିଆ କହିଛନ୍ତି, ମୃତା ସଙ୍ଗିତାଙ୍କୁ ଜଣେ ଯୁବକ ବ୍ଲାକମେଲ୍ ସମ୍ପର୍କରେ ସେ ଗତ ୬ ମାସ ପୂର୍ବରୁ ଆସିଥିବା ଅଭିଯୋଗ ପତ୍ରକୁ ଏଏସ୍‌ଆଇ ପଲେଇ ଗ୍ରହଣ କରି ନ ଥିବା ତାଙ୍କ ବାପା ଶଶିକାନ୍ତ ଗଣମାଧ୍ୟମରେ ସୂଚନା ଦେଇଛନ୍ତି। ତଦନ୍ତକୁ ସ୍ୱଚ୍ଛ ଓ ନିରପେକ୍ଷ ରଖିବା ପାଇଁ ଏଏସ୍‌ଆଇ ପଲାଇଙ୍କ ବଦଳି କରାଯାଇଛି।

# ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନକୁ 'ନା'

## ଗୋଟିଏ ଦିନରେ ୧୦ ଗାଡ଼ି ଜବତ, କଟିଲା ୧୯୫ ଚାଲାଣ

କଟକ,୭।୮(କାର୍ତ୍ତିକ ସାହୁ)

ମାଲବାହୀ ଗାଡ଼ିରେ ବେଆଇନ ଯାତ୍ରୀ ପରିବହନ ରୋକିବାକୁ ପଦକ୍ଷେପ ନେଇଛି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଏଭଳି ବେଆଇନ ପରିବହନ ବିରୋଧରେ ସ୍ୱତନ୍ତ୍ର ଭାବେ ଚଢ଼ାଉ ପାଇଁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ), ଅତିରିକ୍ତ ଆର୍‌ଟିଓଙ୍କୁ ନିର୍ଦ୍ଦେଶାନାମା ଜାରି ହୋଇଛି। ଏହି କ୍ରମରେ ଆର୍‌ଟିଓମାନେ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ସ୍ଥାନରେ କଡ଼ାକଡ଼ି ଯାଞ୍ଚ କରିଛନ୍ତି। ଗୁରୁବାର ପ୍ରଥମ ଦିନରେ ୧୯୫ ଚାଲାଣ କଟାଯାଇଥିବା ବେଳେ ଅସୁରକ୍ଷିତ ଭାବରେ ଯାତ୍ରୀ ପରିବହନ କରୁଥିବା ୧୦ ମାଲବାହୀ ଗାଡ଼ିକୁ ଜବତ କରାଯାଇଥିବା ଏସ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ସମଗ୍ର ରାଜ୍ୟରେ ଚଢ଼ାଉରେ ବାଲେଶ୍ୱର ଆର୍‌ଟିଓଙ୍କ ଦ୍ୱାରା ସର୍ବାଧିକ ୨୪ଟି ଚାଲାଣ କଟିଥିବା ବେଳେ ଚଣ୍ଡିଖୋଲ ଆର୍‌ଟିଓଙ୍କ ଦ୍ୱାରା ୧୫, କଟକ ଆର୍‌ଟିଓଙ୍କ ଦ୍ୱାରା ୧୪, ମୟୂରଭଞ୍ଜ ଆରଟିଓଙ୍କ ଦ୍ୱାରା ୧୩, ଗାମ୍ ଆର୍‌ଟିଓଙ୍କ ଦ୍ୱାରା ୧୨, ଢେଙ୍କାନାଳ ଆରଟିଓଙ୍କ ଦ୍ୱାରା ୧୧, ଖୋର୍ଦ୍ଧା ଏଆର୍‌ଟିଓଙ୍କ ଦ୍ୱାରା ୧୦, ଭୁବନେଶ୍ୱର–୨ରେ ୮, ଭୁବନେଶ୍ୱର–୧ ରେ ୫ଟି ଚାଲାଣ କଟାଯାଇଛି। ସେହିଭଳି ଯାଜପୁର ଓ ଚଣ୍ଡିଖୋଲ ଆର୍‌ଟିଓ, ଭଞ୍ଜନଗର ଏଆର୍‌ଟିଓଙ୍କ ଦ୍ୱାରା ଦୁଇଟି ଲେଖାଏଁ ଗାଡ଼ି ଜବତ କରାଯାଇଛି। ଭୁବନେଶ୍ୱର–୨, ନବରଙ୍ଗପୁର, କଳାହାଣ୍ଡି ଓ ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏଁ ଗାଡ଼ି ଜବତ କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ମାଲବାହୀ ଗାଡ଼ି ଯାତ୍ରୀ ପରିବହନ କରିବା ବେଆଇନ। ଅନେକ ସମୟରେ ଏଭଳି ବେଆଇନ ଏବଂ ବିପଦପୂର୍ଣ୍ଣ ଭାବରେ ଅନେକ ମାଲବାହୀ ଗାଡ଼ି ଅସୁରକ୍ଷିତ ଭାବରେ ଯାତ୍ରୀମାନଙ୍କୁ ନେଉଥିବା ଅଭିଯୋଗ ଆସୁଛି। ଯାହା ଦୁର୍ଘଟଣାର କାରଣ ମଧ୍ୟ ହେଉଛି। ତେଣୁ ଏହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ ଆର୍‌ଟିଓ ଏବଂ ଏଆର୍‌ଟିଏଙ୍କୁ ପରିବହନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କେବଳ ଏତିକିରେ ସୀମିତ ରହିବ ନାହିଁ। ଆଗକୁ ସଡ଼କ ଦୁର୍ଘଟଣାର ଅନ୍ୟ ପ୍ରମୁଖ କାରଣ ଯେପରିକି ଦ୍ରୁତଗତି, ମଦ୍ୟପାନ କରି ଗାଡ଼ିଚାଳନା ବିରୋଧରେ ମଧ୍ୟ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ କରାଯିବ। ଯେଉଁ ଆର୍‌ଟିଓ ଅଧୀନରେ ଯେଉଁ କାରଣ ପାଇଁ ଅଧିକ ଦୁର୍ଘଟଣା ହେଉଥିବ ସେମାନେ ତାର ବିଶ୍ଳେଷଣ କରି ସେହି ଆଧାରରେ ଏନଫୋର୍ସମେଣ୍ଟକୁ କଡ଼ାକଡ଼ି କରିବେ। ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ବିଭିନ୍ନ ସମୟରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛି। ତେବେ ଏହି ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଯେଉଁମାନେ ସଡ଼କ ସୁରକ୍ଷା ନିୟମ ପାଳନ କରୁନାହାନ୍ତି ସେମାନଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ଏନଫୋର୍ସମେଣ୍ଟ ବୃଦ୍ଧି କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ସଡ଼କ ବ୍ୟବହାରକାରୀ ସଡ଼କ ସୁରକ୍ଷା ନିୟମ ପାଳନ କରି ସୁରକ୍ଷିତ ଭାବରେ ଘରେ ପହଞ୍ଚିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ଥାନା ଅଧିକାରୀଙ୍କ ସମେତ ୭ ଜଣଙ୍କ ନାଁରେ ଅଭିଯୋଗ

## ବାଲିଚନ୍ଦ୍ରପୁର ଥାନାରେ ଯୁବକଙ୍କୁ ମାଡ଼ ଘଟଣା

ଚଣ୍ଡିଖୋଲ,୭।୮(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ଯୁବକ ରବୀନ୍ଦ୍ର ମଲ୍ଲିକଙ୍କୁ ଅଟକ ରଖି ମାଡ଼ ମାରିବା ଏବଂ ବିଷ ପିଇବାକୁ ଦେବା ଘଟଣା ଏବେ ରୋଚକ ମୋଡ଼ନେଇଛି। ରବୀନ୍ଦ୍ରଙ୍କ ସ୍ତ୍ରୀ ଭାନୁ ମଲ୍ଲିକ ଗୁରୁବାର ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ, ଏସ୍‌ଆଇ ହରିଶ ସିଂହଙ୍କ ସମେତ ଅନ୍ୟ ୫ଜଣ ପୋଲିସ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଭାନୁ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ଯେ, ଏକ ଗଣ୍ଡଗୋଳ ଘଟଣା ସମ୍ପର୍କରେ ଏତଲା ଦେବାକୁ ଗତ ୩ ତାରିଖ ସକାଳ ୯ଟାରେ ତାଙ୍କ ସ୍ୱାମୀ ରବୀନ୍ଦ୍ର ଓ ଆଉ ଜଣେ ମହିଳା ନମିତା ମଲ୍ଲିକ ଥାନାକୁ ଆସିଥିଲେ। ପୋଲିସ ମହିଳାଙ୍କୁ ଛାଡ଼ଦେଇ ରବୀନ୍ଦ୍ରଙ୍କୁ ଅଟକ ରଖିଥିଲା। ସେହିଦିନ ରାତି ୧୧ଟା୩୦ରେ ଥାନା ଅଧିକାରୀ ସମରଜିତ ନାୟକ, ଏସ୍‌ଆଇ ହରିଶ ସିଂହଙ୍କ ସମେତ ଅନ୍ୟ ୫ ଜଣ ରବୀନ୍ଦ୍ରଙ୍କୁ ଉଲଗ୍ନ କରି ମାଡ଼ ମାରିଥିଲେ। ଏକ ଲୁହା ରଡ ଗରମ କରି ତାଙ୍କ ହାତରେ ଚେଙ୍କ ଦେଇଥିଲେ। ଜୀବନରୁ ମାରିଦେବାକୁ ଧମକ ଦେବା ସହ ବିଷ ବୋତଲ ଦେଇଥିଲେ। ବିଷ ପିଇମରିବୁ, ନଚେତ ବାଡେଇ ମାରି ଦେବୁ ବୋଲି ଧମକ ଦେଇଥିଲେ। ଫଳରେ ରବୀନ୍ଦ୍ର ଭୟରେ ବିଷପିଇ ଦେଇଥିଲେ। ଏହାପରେ ସେ ଗୁରୁତର ହୋଇ ପଡ଼ିଥିଲେ। ପୋଲିସ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥାରେ ସୁଧାର ନ ଆସିବାରୁ ପରେ ପୋଲିସ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲା। ହେଲେ ଏ ସମ୍ପର୍କରେ ରବୀନ୍ଦ୍ରଙ୍କ ପରିବାରକୁ ଜଣାଇ ନ ଥିଲା। ଦୁଇଦିନ ଧରି ରବୀନ୍ଦ୍ରଙ୍କ ପରିବାର ଥାନା ସମ୍ମୁଖରେ ବସି ରହିଥିଲେ ମଧ୍ୟ ପୋଲିସ ସେମାନଙ୍କୁ କୌଣସି ସୂଚନା ଦେଇ ନ ଥିଲା। ବିଭିନ୍ନ ବାହାନା କରି ୫ ତାରିଖ ଅପରାହ୍ନରେ ପୋଲିସ ରବୀନ୍ଦ୍ରଙ୍କ ପରିବାରକୁ କଟକ ବଡ଼ଡାକ୍ତରଖାନାକୁ ନେଇ ରବୀନ୍ଦ୍ରଙ୍କୁ ଭେଟ କରାଇଥିଲ।

# ଶାହା, ନଡ୍ଡାଙ୍କୁ ଭେଟିଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୭।୮ (ସୁନିତ୍ ମିଶ୍ର)

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଗୁରୁବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସ୍ୱାସ୍ଥ୍ୟ, ରସାୟନ ଏବଂ ସାର ମନ୍ତ୍ରୀ ମନ୍ତ୍ରୀ ତଥା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କୁ ଭେଟିଛନ୍ତି। ନଡ୍ଡାଙ୍କ ସହ ସେ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଏହି ଅବସରରେ ତାଙ୍କୁ ମହାପ୍ରଭୁ ଜଗନ୍ନାଥଙ୍କ ମହାପ୍ରସାଦ ଦେଇଛନ୍ତି। ଏହାସହ ସେ ବିଭିନ୍ନ ପ୍ରସଙ୍ଗରେ ନଡ୍ଡାଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ସହ ମଧ ସେ ଭେଟିଛନ୍ତି। ଏହି ଅବସରରେ ସେ ଶାହାଙ୍କୁ ମହାପ୍ରସାଦ ଦେବା ସହିତ ବିଭିନ୍ନ ପ୍ରସଙ୍ଗରେ କଥାବାର୍ତ୍ତା କରିଛନ୍ତି।



# ରାସ୍ତା ନିର୍ମାଣରେ ବ୍ୟବହାର ହେବ ପ୍ଲାଷ୍ଟିକ୍ ବର୍ଜ୍ୟ



ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ସଂଯୁକ୍ତ ବିଭାଗର ଅଧିକାରୀମାନେ।

ଭୁବନେଶ୍ୱର, ୭।୮ (ବନ୍ଦନା ସେଠୀ)

ପ୍ଲାଷ୍ଟିକ ବର୍ଜ୍ୟ ବା ଅଳିଆ ଏବେ ପରିବେଶ ପ୍ରଦୂଷଣ ବୃଦ୍ଧି କରିବା ସହ ମଣିଷ ଓ ପଶୁପକ୍ଷୀଙ୍କ ପାଇଁ ବଡ଼ ବିପଦ ସାଜିଛି। ତେବେ ପ୍ଲାଷ୍ଟିକ ବର୍ଜ୍ୟର ସୁବିନିଯୋଗ କରାଯାଇ କିପରି ଏହି ବିପଦକୁ ଏଡାଇ ହେବ ସେନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଏବେ ରାସ୍ତା ନିର୍ମାଣରେ ଏହାକୁ ବ୍ୟବହାର କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଅଣ୍ଟାଭିଡିଛି। ଏ ସଂକ୍ରାନ୍ତରେ ଗୁରୁବାର ଖାରବେଳ ଭବନଠାରେ ଏକ ବୈଠକ ବସିଥିଲା। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ସହରାଞ୍ଚଳ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର ଉପରେ ବିଚାରବିମର୍ଶ କରିଥିଲେ। ସେ କହିଲେ, ପ୍ଲାଷ୍ଟିକ ଅଳିଆ ବିଶେଷକରି ବୋତଲ ଏବଂ କ୍ୟାରୀବ୍ୟାଗ୍ ଆଦିକୁ ଖଣ୍ଡ ଖଣ୍ଡ କରି ଗରମ ବିଟୁମେନ ଏବଂ ସମାହାର ସହିତ ମିଶ୍ରିତ କରି ରାସ୍ତା ନିର୍ମାଣ କରାଯାଇପାରିବ। ଏହି ପଦ୍ଧତି ପୂର୍ବରୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଦ୍ୱାରା ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି। ଏହା ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ବୃଦ୍ଧି କରିବା ସହିତ ପ୍ଲାଷ୍ଟିକ ଅଳିଆ ପରିଚାଳନା ପାଇଁ ଏକ କାର୍ଯ୍ୟକାରୀ ସମାଧାନ ଭାବରେ ମଧ୍ୟ କାର୍ଯ୍ୟ କରିବ। ତେବେ ରାସ୍ତା ନିର୍ମାଣରେ ପ୍ଲାଷ୍ଟିକ ଅଳିଆ ବ୍ୟବହାର କରି ରାଜ୍ୟର କିଛି ସହରାଞ୍ଚଳରେ ପାଇଲଟ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବ୍ୟତା ଅନୁସନ୍ଧାନ କରାଯାଇଥିଲା। ଏହି ପଦକ୍ଷେପ ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ସାହାଯ୍ୟ କରିବ ଏବଂ ଏକ ବୃତ୍ତାକାର ଅର୍ଥନୀତି ପ୍ରତି ଯୋଗଦାନ ଦେବ ବୋଲି ଆଲୋଚନା ହୋଇଥିଲା। ବୈଠକରେ ବିଡିଏ ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା ନାଏକ, ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଜେ.ପି. ବର୍ମା, ପ୍ରବନ୍ଧକ ଟେକ୍ନିକାଲ ଆର୍‌ଓ ଅବିନାଶ ବେହେରା, ଇଆଇସି ପିଏଚ ବିଳାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ



ବ୍ରହ୍ମ ଚେଲାନି

ବାଂଲାଦେଶରେ ସେନା ସମର୍ଥନରେ ହୋଇଥିବା ହିଂସାତ୍ମକ ବିଦ୍ରୋହ ଯୋଗୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ କ୍ଷମତାଚ୍ୟୁତ କରାଗଲା। ଏହା ପରେ ସେଠାରେ ଅରାଜକତା ଲାଗି ରହିଛି। ଅର୍ଥ ବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି। ଇସଲାମ୍ ମୌଳବାଦୀଙ୍କ ଶକ୍ତି ବଢ଼ିଚାଲିଛି। ଯୁବକମାନେ ଅଧିକ କଠୋରପନ୍ଥୀ ହେଉଛନ୍ତି। ଆଇନବିହୀନ ଅବ୍ୟବସ୍ଥା ଦେଖାଯାଇଛି। ଏହା ସହ ଧର୍ମୀୟ ଓ ଜାତିଗତ ସଂଖ୍ୟାଲଘୁମାନେ ଅବଦମିତ ହୋଇ ରହିଛନ୍ତି। ଏଭଳି ସ୍ଥିତିରେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆଶା କରାଯାଉନାହିଁ। ଅନେକେ ଆଶା କରିଥିଲେ, ହସିନା କ୍ଷମତାରୁ ଗଲା ପରେ ଏକଚ୍ଛତ୍ରବାଦ ଶାସନ ଅନ୍ତ ଘଟିବ ଓ ବାଂଲାଦେଶ ପାଇଁ ଗଣତନ୍ତ୍ରର ପରିବର୍ତ୍ତନ ସୁଗମ ହୋଇଯିବ। ଶେଷରେ ଛାତ୍ର ଆନ୍ଦୋଳନ ଶାସନ ପତନର କାରଣ ବୋଲି ସେମାନେ ଦର୍ଶାଇବା ଯୋଗୁ କ୍ଷମତାଶାଳୀ ସେନାର ନିର୍ଣ୍ଣାୟକ ଭୂମିକା ଗୌଣ ହୋଇଗଲା। ହସିନା ସେନାର ପ୍ରଭାବ ଉପରେ ଅଙ୍କୁଶ ଲଗାଇବାକୁ ଚେଷ୍ଟା କରୁଥିବାରୁ ତାହା ସମସ୍ୟାରେ ଥିଲା ଏବଂ ଶେଷରେ ତାଙ୍କୁ ଭାରତକୁ ଚାଲିଯିବା ଲାଗି ବାଧ କରିଥିଲା। ସେହିପରି ଛାତ୍ର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଓ ସହଯୋଗ କରିଥିବା ମୌଳବାଦୀମାନେ ହସିନାଙ୍କ ଶାସନରେ ଉପେକ୍ଷିତ ହୋଇ ରହିଥିଲେ। ସେମାନେ ମଧ୍ୟ ହସିନାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଏକ ସୁଯୋଗ ପାଇଗଲେ।

ବେଆଇନ ଭାବେ ହାସିନାଙ୍କୁ କ୍ଷମତାଚ୍ୟୁତ କରାଯିବା ପରେ ଗଠିତ ମଧ୍ୟବର୍ତ୍ତିକାଳୀନ ସରକାରର ପ୍ରମୁଖ ପରାମର୍ଶଦାତା ଭାବେ ମହମ୍ମଦ ୟୁନୁସଙ୍କୁ ଅବସ୍ଥାପିତ କରାଯାଇଥିଲା। ୟୁନୁସ୍ ୨୦୦୬ରେ ଅର୍ଥନୀତିରେ ନୋବେଲ ପୁରସ୍କାର ଲାଭ କରିଥିଲେ। ସେ ଗ୍ରାମୀଣ ବ୍ୟାଙ୍କର ମାଇକ୍ରୋକ୍ରେଡିଟ ପାଇଁ ଗରିବଙ୍କ ତ୍ରାଣକର୍ତ୍ତା ଭାବେ ସାମ୍ନାକୁ ଆସିଥିଲେ। ତେବେ ଗ୍ରାମୀଣ ବ୍ୟାଙ୍କର ପ୍ରକୃତ ପ୍ରଭାବକୁ ନେଇ ନୋବେଲ କମିଟି ଚୟନରେ କିଛି ଊଣା ରହିଯାଇଥିଲା। ବରଂ ଏହା ଭୂରାଜନୈତିକ ବିଷୟକୁ ସୂଚିତ କରୁଥିଲା। ନୋବେଲ ପୁରସ୍କାର ପ୍ରଦାନ ଅବସରରେ କମିଟିର ଅଧ୍ୟକ୍ଷ ୟୁନୁସଙ୍କୁ ଇସ୍‌ଲାମ ଓ ପାଶ୍ଚାତ୍ୟ ମଧ୍ୟରେ ଏକ ପ୍ରତିକାତ୍ମକ ସେତୁ ଭାବେ ଅଭିହିତ କରିଥିଲେ। ଆମେରିକାରେ ୧୧ ସେପ୍ଟେମ୍ବର ୨୦୦୧ରେ ଉଗ୍ରବାଦୀ ଆକ୍ରମଣ ପରେ ପାଶ୍ଚାତ୍ୟରେ ଇସ୍‌ଲାମକୁ କ୍ରୁର ବୋଲି ପ୍ରଚାର କରାଯାଉଥିବାରୁ ନୋବେଲ ବିଜେତା ଭାବେ ୟୁନୁସଙ୍କ ଚୟନ ତାହାକୁ ପ୍ରତିହତ କରିପାରିବ ବୋଲି ଅଧ୍ୟକ୍ଷ ଆଶାପୋଷଣ କରିଥିଲେ। ତେବେ ୟୁନୁସଙ୍କୁ ଚୟନ କରାଯିବା ପଛରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସମର୍ଥନକୁ ଅସ୍ୱୀକାର କରାଯାଇ ନ ପାରେ।

ବାଂଲାଦେଶ ମଧ୍ୟବର୍ତ୍ତିକାଳୀନ ସରକାରର ନେତା ଭାବେ ୟୁନୁସ ବ୍ୟାପକ ସୁଧାର ଓ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ କରିବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ବାରମ୍ବାର ନିର୍ବାଚନକୁ ସ୍ଥଗିତ ରଖାଯାଇଆସୁଛି। ସାମ୍ବିଧାନିକ ବୈଧତାର ଅଭାବ ସତ୍ତ୍ୱେ ମଧ୍ୟବର୍ତ୍ତିକାଳୀନ ସରକାର ସ୍ୱାଧୀନ ସଂସ୍ଥାଗୁଡ଼ିକରୁ ବ୍ୟକ୍ତିମାନଙ୍କୁ ହଟାଇବା ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କ ସମେତ ୫ ଜଣ ବରିଷ୍ଠ ବିଚାରପତିଙ୍କୁ ପଦବୀରୁ ତଡ଼ିଦେବା ସହ ଦେଶର ସବୁଠୁ ପୁରୁଣା ଓ ବୃହତ୍ତମ ତଥା ବାଂଲାଦେଶକୁ ସ୍ୱାଧୀନତା ଦେଇଥିବା ହାସିନାଙ୍କ ଆୱାମୀ ଲିଗ୍ ଭଳି ରାଜନୈତିକ ଦଳକୁ ସେ ବେଆଇନ ଘୋଷଣା କରିଛନ୍ତି। ଏହି ସରକାରରେ ମାନବ ଅଧିକାର ଉଲ୍ଲଂଘନ ଘଟଣା ବୃଦ୍ଧି ପାଇଚାଲିଛି ଏବଂ ଦମନ ତୀବ୍ର ହୋଇଛି। ଆଇନଜୀବୀ, ଶିକ୍ଷାବିତ୍, ସାମ୍ବାଦିକ, କଳାକାରଙ୍କ ସମେତ ହସିନାଙ୍କ ସମର୍ଥକ ଏବଂ ଏବକାର ସରକାରକୁ ବିରୋଧ କରୁଥିବା ଲୋକଙ୍କୁ ଏକାଠି ଜେଲରେ ରଖାଯାଉଛି। ଫେବୃଆରୀଠାରୁ ଅନେକ ହଜାର ଲୋକଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନେକ ସାମ୍ବାଦିକଙ୍କୁ ବେଆଇନ ଭାବେ ହତ୍ୟାଠାରୁ ଆରମ୍ଭ କରି ଗୁରୁତର ଅପରାଧରେ ଛନ୍ଦି ଦିଆଯାଉଛି। ହାଜତରେ ଅବୈଧ ହତ୍ୟା ଓ ନିର୍ଯାତନାର ଖବର ଏବେ ସାଧାରଣ ଘଟଣା ହୋଇଗଲାଣି। ଇସ୍‌ଲାମ ମୌଳବାଦୀଙ୍କୁ ଏବେ ଥଇଥାନ କରାଯିବା ବିଷୟ ଅତ୍ୟନ୍ତ ଉଦ୍‌ବେଗଜନକ। ସେନା ଓ ମୁସଲମାନ ଧର୍ମଗୁରୁଙ୍କ ଦ୍ୱାରା ଚାଲୁଥିବା ଶାସନକୁ ନାମକୁମାତ୍ର ନେତୃତ୍ୱ ଦେଉଥିବା ୟୁନୁସ ପୂର୍ବରୁ ଉଗ୍ରବାଦ ସହ ଜଡ଼ିତ ଥିବା ଜେହାଦି ଗୋଷ୍ଠୀଙ୍କ ଉପରୁ ନିଷେଧାଦେଶ ଉଠାଇ ଦେଇଛନ୍ତି। କୁଖ୍ୟାତ ଇସ୍‌ଲାମ ନେତାମାନଙ୍କୁ ମୁକ୍ତ କରିଦେଇଛନ୍ତି। ଅନେକ ମୌଳବାଦୀ ଏବେ ମନ୍ତ୍ରୀପଦ କିମ୍ବା ଅନ୍ୟ ସରକାରୀ ପଦବୀକୁ ଦଖଲ କରିଛନ୍ତି ଏବଂ ସେମାନଙ୍କ ସହ ଅନୁବନ୍ଧିତ ବିରାଟ ଉପଦ୍ରବୀ ଗୋଷ୍ଠୀ ଖୋଲାଖୋଲି ଭାବେ ବିରୋଧୀଙ୍କୁ ଭୟଭୀତ କରୁଛନ୍ତି।



ବୌଦ୍ଧ, ହିନ୍ଦୁ ଓ ଖ୍ରୀଷ୍ଟିଆନ ଧର୍ମର ଲୋକ ଏବଂ ଆଦିବାସୀ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ କରାଯାଉଛି। ମୌଳବାଦୀମାନେ ବିଚାରରେ ଯେଉଁମାନେ ଇସ୍‌ଲାମ ବିରୋଧୀ ଗୋଷ୍ଠୀ, ସେମାନେ ମଧ୍ୟ ଆକ୍ରମଣର ଶିକାର ହେଉଛନ୍ତି। କିନ୍ତୁ ଆକ୍ରମଣକାରୀଙ୍କ ବିରୋଧରେ କୌଣସି ଦଣ୍ଡବିଧାନ ହେଉନାହିଁ। ଯେଉଁ ମହିଳାମାନେ ଠିକ୍ ଭାବେ ପୋଷାକ ପିନ୍ଧୁନାହାନ୍ତି, ସେମାନଙ୍କୁ ସର୍ବସାଧାରଣରେ ଅପମାନିତ ଓ ଆକ୍ରମଣ କରାଯାଉଛି। ସମାଜରେ କଠୋର କଟକଣା ଲାଗୁ କରିଥିବା ଏକ ତାଲିବାନୀ ସଂସ୍କୃତି ସେଠାରେ ଦୃଢ଼ ହେବାରେ ଲାଗିଛି। ସ୍ଥିତି ଏତେ ଖରାପ ହୋଇଛି ଯେ, ସରକାର ସପକ୍ଷବାଦୀ ତଥା ଆୱାମୀ ଲିଗ୍‌ର ଘୋର ବିରୋଧୀ ଭାବେ ଜଣାଶୁଣା ବାଂଲାଦେଶ ନ୍ୟାଶନାଲିଟି ପାର୍ଟି (ବିଏନ୍‌ପି) ମୌଳିକ ସ୍ୱାଧୀନତାର ଅବକ୍ଷୟକୁ ତୀବ୍ର ନିନ୍ଦା କରିଛି। ସମାଲୋଚନା କରି କହିଛି, 'ଧର୍ମ ନାମରେ ପାଗଳାମି ପ୍ରକାଶ ପାଇଛି ' ଏବଂ ରାସ୍ତାରେ 'ଭୟାନକ ହିଂସା' ଦେଖାଯାଇଛି।

ବାଂଲାଦେଶରେ ଭୁଶୁଡ଼ି ପଡୁଥିବା ଏକ ଅର୍ଥ ବ୍ୟବସ୍ଥା ଏହିସବୁ ସମସ୍ୟା ସୃଷ୍ଟି କରିବା ସ୍ୱାଭାବିକ। ସେଠାରେ ଜିଡିପି ଅଭିବୃଦ୍ଧି ନିମ୍ନଗାମୀ ହୋଇଛି, ବୈଦେଶିକ ଋଣ ଅତ୍ୟଧିକ ବଢ଼ିଯାଇଛି। ୧୨ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ସବୁଠୁ ଶୀର୍ଷରେ ପହଞ୍ଚିଛି। ନିବେଶକଙ୍କ ବିଶ୍ୱାସ କମିବା ସହ ୫ ବର୍ଷ ମଧ୍ୟରେ ଶେୟାର ବଜାର ସବୁଠୁ ନିମ୍ନ ସ୍ତରକୁ ଖସିଛି। ଲୋକେ ଚାକିରି ହରାଉଛନ୍ତି ଏବଂ ସେମାନଙ୍କ ଜୀବନଶୈଳୀର ଅଧୋଗତି କଟରବାଦ ଓ ସାମାଜିକ ଅସ୍ଥିରତା ସୃଷ୍ଟିକରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏକ ମୁସଲମାନ ଦେଶ ଭାବେ ବାଂଲାଦେଶ ଏକଦା ଧର୍ମନିରପେକ୍ଷ ଗଣତନ୍ତ୍ରକୁ ଧାରଣ କରିଥିଲା। କୋଭିଡ୍-୧୯ ମହାମାରୀ ପର୍ଯ୍ୟନ୍ତ ଆର୍ଥିକ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ଅଗ୍ରଗତି କରୁଥିଲା ଏବଂ ସାମାଜିକ ସ୍ଥିରତା ମଧ୍ୟ ରହିଥିଲା। କିନ୍ତୁ ବର୍ତ୍ତମାନ ଏହା ସେନା କଟକଣାରେ ଥିବା ଏକ ପ୍ରକାର ନିଷ୍କ୍ରିୟ ବ୍ୟବସ୍ଥାରେ ରହି ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ସେନା ନିୟନ୍ତ୍ରଣ ଦୀର୍ଘଦିନ ହେଲା ପାକିସ୍ତାନକୁ ମଧ୍ୟ ସମସ୍ୟାରେ ପକାଇଛି ଏବଂ ତାହା ଏଥିରୁ ମୁକୁଳିବା ପାଇଁ ସଂଗ୍ରାମ ଜାରି ରଖିଛି।

ଏସବୁର ପରିଣାମ ସାରା ଅଞ୍ଚଳକୁ ପ୍ରଭାବିତ କରିବ। ବାଂଲାଦେଶର ତିନି ପାଖରେ ଭାରତର ସୀମା ରହିଛି ଏବଂ ଅନେକ ଲକ୍ଷ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଭାରତରେ ରହିଛନ୍ତି। ଏହା ଭାରତକୁ ଅତ୍ୟଧିକ ପ୍ରଭାବିତ କରିବ। ହସିନାଙ୍କ ଶାସନ ସମୟରେ ବାଂଲାଦେଶ ବିଶେଷକରି ଉଗ୍ରବାଦ ବିରୋଧୀ ଓ ଆଞ୍ଚଳିକ ଯୋଗାଯୋଗ କ୍ଷେତ୍ରରେ ଭାରତର ନିକଟତମ ସହଯୋଗୀ ଥିଲା। ସେ ଶାସନରୁ ହଟିଯିବା ହିଁ ଭାରତର ରଣନୀତିକ ସ୍ୱାର୍ଥ ପ୍ରତି ଏକ ଶକ୍ତ ଝଟ୍‌କା। କ୍ଷତି ଭରଣା କରିବାକୁ ଭାରତ ସରକାର ଏବେ ଧୀରେ ଧୀରେ ଚେଷ୍ଟା କରୁଛନ୍ତି, ଯଥା ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରି ଉଗ୍ରବାଦୀ ଅନୁପ୍ରବେଶ ରୋକିବା ପାଇଁ ପଦକ୍ଷେପ ନେଉଛନ୍ତି। ହାସିନାଙ୍କୁ କ୍ଷମତାରୁ ତଡ଼ିଦିଆଯିବା ଯୋଗୁ ସୃଷ୍ଟି ହୋଇଥିବା ବିପଦକୁ ଭାରତ ଉପଲବ୍ଧି କରିପାରିଥିବାବେଳେ, ଆମେରିକା ଶାସନ ପରିବର୍ତ୍ତନକୁ ସମର୍ଥନ କରିଛି। କିନ୍ତୁ ଯଦି ବାଂଲାଦେଶ ଏବକାର ଧାରାରେ ଗତିକରେ, ତେବେ ଏକ ସ୍ୱାଧୀନ, ମୁକ୍ତ, ସମୃଦ୍ଧ ତଥା ସ୍ଥାୟୀ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିଶ୍ଚିତ କରିବା ଲାଗି ନେଉଥିବା ପଦକ୍ଷେପକୁ ଏହା ଅଧିକ ଜଟିଳ କରିଦେବ। କେତେକେ ସତର୍କ କରି ଦେଇଛନ୍ତି ଯେ, ବାଂଲାଦେଶ ବିଶ୍ୱରେ ହିଂସା ଓ ସଂଘର୍ଷର ଆଉ ଏକ ଜ୍ୱଳନକେନ୍ଦ୍ର ପାଲଟିଯାଇପାରେ, ଯାହା ଦୂର ଦେଶଗୁଡ଼ିକର ଦୃଷ୍ଟି ଆକର୍ଷଣ କରିବ। ଆଉ ଯଦି ଅନ୍ତର୍ଜାତୀୟ ସମୁଦାୟ ଗଣତାନ୍ତ୍ରିକ ମୂଲ୍ୟବୋଧ, ଧର୍ମୀୟ ସ୍ୱାଧୀନତା ଏବଂ ଆଞ୍ଚଳିକ ସ୍ଥିରତାର ସୁରକ୍ଷା ପାଇଁ ଗଭୀର ଭାବେ ଚିନ୍ତା କରୁଛନ୍ତି, ତେବେ ବାଂଲାଦେଶର ଲଗାତର ଅଧୋଗତିକୁ ଆଉ ବେଶି ଦିନ ଅଣଦେଖା କରିପାରିବ ନାହିଁ।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

# ଅସଲି ସ୍ୱାଧୀନତା



ନଗେନ୍ଦ୍ର ନାଥ ପଟ୍ଟନାୟକ

ସ୍ୱାଧୀନତା ଏମିତି ଯାହିତାହି କୌଣସି ଚିଜ ନୁହେଁ ଯାହାକି କେବଳ ଆମର ବାହ୍ୟଦେଶରେ ପରିଦୃଷ୍ଟ ହୋଇଥାଏ। ଏଇ ଯେମିତି ଆମ ଆଖିଦ୍ୱୟ ଲମ୍ଭିଯାଏ ଆଖପାଖରେ ଥିବା ବିସ୍ତୀର୍ଣ୍ଣ ଖୋଲା ପଡ଼ିଆ ଆଡ଼େ। ତେବେ ଏହି ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନ ଉଙ୍କିମାରେ, ମଣିଷର ଚର୍ମନେତ୍ରରେ ପଟି ବାନ୍ଧିଦେଲେ କି ଫାଇଦା ମିଳେ ଯେ ? ବାସ୍ତବ ତଥା ଅସଲି ସ୍ୱାଧୀନତା ତାକୁଇ ବୁଝାଏ ଯାହା ଯୁଗପତ୍ ଆମ ହୃଦୟ ଓ ମଗଜରେ ସାହସ ଶକ୍ତି ସଞ୍ଚାର କରେ। ସେଇ ସଚ୍ଚା ସ୍ୱାଧୀନତା ହିଁ ଆମର ସକଳ କର୍ମକୁ ନୂଆଦିଶା ଓ ମୋଡ଼ଦିଏ। ଆମ ଭଳି ସ୍ୱପ୍ନଭୁକ୍‌ମାନଙ୍କ ମନରେ ଲହଡି ଭାଙ୍ଗୁଥିବା ସ୍ୱପ୍ନମାନଙ୍କୁ ସାକାର କରିବାର ଉତ୍ସାହ ଭରିଦିଏ। କିନ୍ତୁ ସ୍ୱାଧୀନତା ଯେବେ ଲୋକଦେଖାଣିଆ ହୋଇଯାଏ ତା'ର କିଛି ଫାଇଦା ନ ଥାଏ। ଏଇ ଯେମିତି ପାଶ୍ଚାତ୍ୟ ଦେଶଗୁଡ଼ିକରେ ଯାତ୍ରା କଲାବେଳେ ଆମକୁ ମନେହୁଏ ସତେ ଯେମିତି ଆମର ସ୍ୱାଧୀନ ବିଚାରବୋଧ ଦୁର୍ବଳ ଅଶକ୍ତ ହୋଇଯାଇଛି। ସାଧାରଣତଃ ଲୋକମାନେ ସ୍ୱାଧୀନତାକୁ କେବଳ ଗୋଟିଏ ବାହ୍ୟଚିଜ୍ ରୂପେ ବୁଝନ୍ତି ବୋଲି ଆମ ସମାଜ ଓ ରାଜନୀତିରେ ଚାପ ଓ ବାଧ୍ୟବାଧକତା ବୃଦ୍ଧି ପାଇବାରେ ଲାଗିଛି।

ରାଜରାଜୁଡ଼ା ସମୟରେ ଦୃଶ୍ୟପଟ ସମ୍ପୂର୍ଣ୍ଣ ଭାବେ ନିଆରା। ବର୍ଣ୍ଣାଢ୍ୟ ରାଜଦରବାରରେ ମିଥ୍ୟାବାଦୀ, ଚାଟୁକାର ଓ ଚକ୍ରାନ୍ତକାରୀଙ୍କ ଦ୍ୱାରା ପରିବେଷ୍ଟିତ ହୋଇରହୁଥିଲେ ସମ୍ରାଟ। ଦୁନିଆରେ ସେ ଏକମାତ୍ର ସ୍ୱାଧୀନଚେତା ମଣିଷଟେ ବୋଲି ତାଙ୍କୁ ମନେ ହେଉଥିଲା। କିନ୍ତୁ ଅସଲରେ ଦେଖିଲେ ସୁଶୋଭିତ ଚମତ୍କାର ଗାରଦଖାନାରେ ସେ ଜଣେ କଏଦୀ କେବଳ। ସମ୍ପ୍ରତି ପାଶ୍ଚାତ୍ୟ ଦେଶଗୁଡ଼ିକର ନାଗରିକମାନଙ୍କ କ୍ଷେତ୍ରରେ ଏଭଳି ପରିଲକ୍ଷିତ ହେଉଛି। ନିଜେ ସ୍ୱାଧୀନ ବୋଲି ହୃଦ୍‌ବୋଧ କରୁଥିଲେ ହେଁ ଗୋଟିଏ ସଶକ୍ତ ବ୍ୟବସ୍ଥାର ଜାଲ ଭିତରେ ସେମାନେ ଫସିଯାଇଛନ୍ତି ଯାହାକି ସେମାନଙ୍କ ଜୀବନକୁ ଅକ୍ଟୋପସ୍ ଭଳି କାବୁ କରିନେଇଛି। ଆମ ଦେଶରେ ମଧ୍ୟ ଊଣାଧିକେ ସେଇ ହାଲତ୍। ଆମ ସଭ୍ୟତା ଗୋଟିଏ ଛାଞ୍ଚ ସଦୃଶ ଯାହା ମନୁଷ୍ୟକୁ ଶକ୍ତଭାବେ ଜଡ଼େଇ ଧରିଥାଏ। ସ୍ୱଦେଶର ଲୋକମାନଙ୍କ ଆତ୍ମାର ଉଡ଼ାଣକୁ ଆମେ ଯେମିତି ରୋକିଦେଇଛେ। ଆମେ ଶତାବ୍ଦୀ ଶତାବ୍ଦୀ ଧରି ପୁରୁଣା ରୀତିନୀତି, ପ୍ରଚଳିତ ପ୍ରଥା ପରମ୍ପରା ଓ ନିୟମାବଳୀର ଭାରି ବୋଝ ତଳେ ସେମାନଙ୍କୁ ଚାପି ଦେଇଛେ। ଖାସ୍ ସେଥିପାଇଁ ଆମର ଜାତୀୟ ଏକତା ଅଶକ୍ତ ହୋଇଯାଇଛି। ତେଣୁ ଆମେ ବାହ୍ୟ ଓ ଆଭ୍ୟନ୍ତରୀଣ ସମସ୍ୟାଗୁଡ଼ିକ ସହିତ ସଫଳତାର ସହ ମୁକାବିଲା କରିବାରେ ଅକ୍ଷମ। ବସ୍ତୁବାଦୀ ପାଶ୍ଚାତ୍ୟ ସଭ୍ୟତା ଏକପ୍ରକାର ଯନ୍ତ୍ରଚାଳିତ, ଯାହା ମାନବ ଜୀବନକୁ ଇନ୍ଧନ ଭଳି ଜଳାଉଛି। ଏହା ଲୋକଦେଖାଣିଆ ଭାବେ ସ୍ୱାଧୀନତା ସିନା ; କିନ୍ତୁ ଅସଲରେ ବିଚାରିଲେ ଏହା ଦାସତ୍ୱକୁ ବିଶେଷଭାବେ ବୃଦ୍ଧି କରିଦେଇଛି। ଅପରପକ୍ଷରେ ଦେଖିଲେ ଭାରତର ସଭ୍ୟତା ଏକ କଠିନ ଛାଞ୍ଚ ସଦୃଶ। ଆମକୁ ଏଇ ଦୁଇଟି ସଭ୍ୟତାରୁ ବାହାରିଆସି ଅସଲି ସ୍ୱାଧନତାକୁ ଆପଣାଇବାକୁ ପଡ଼ିବ। ଆପଣା ଭାଗ୍ୟକୁ ନିଜେ ଗଢ଼ିତୋଳିବାକୁ ହେବ। ଯେଉଁ ବ୍ୟକ୍ତି ଅପର ସ୍ୱାଧୀନତାକୁ ଛିନ୍ନ କରିନିଏ ସେ ନିଜର ନୈତିକ ସ୍ୱାଧୀନତାର ଅଧିକାରକୁ ହରାଇ ବସେ। ଅବିଳମ୍ବେ ସେ କାୟିକ ତଥା ନୈତିକ ଦାସତ୍ୱର ଜାଲରେ ଫସିଯାଏ। ଏହି ପରିପ୍ରେକ୍ଷୀରେ ଆମ ମନରେ ସ୍ୱତଃସ୍ଫୂର୍ତ୍ତ ଭାବେ ଏକାଧିକ ପ୍ରଶ୍ନ ବୁଢ଼ିଆଣୀ ଜାଲ ଭଳି ଛନ୍ଦି ହୋଇଯାଏ। ଆମର ଈପ୍‌ସିତ ସ୍ୱାଧୀନତା କ'ଣ କେବଳ ବାହାର ଦୁନିଆର ସ୍ୱାଧୀନତା ଅଥବା ବାହ୍ୟ ପରିସ୍ଥିତି ସବୁର ସ୍ୱାଧୀନତା, ଯାହାକୁ କିଣାବିକା କରାଯାଇପାରେ ? ଆମେ କ'ଣ ସ୍ୱାଧୀନତାକୁ ପ୍ରକୃତରେ ଭଲପାଇ ତା' ଉପରେ ଅତୁଟ ଆସ୍ଥା ପ୍ରକଟ କରିଥାଉ। ଆମେ ସମାଜରେ ଏମିତି ଜାଗା ପକ୍କା କରିନେବା ଯେଉଁଠି ଆମର ପିଲାକବିଲାଙ୍କ ଦିମାକ ମାନବ ଗରିମା ଆଦର୍ଶରେ ବିନା କୌଣସି ଅନ୍ୟାୟପୂର୍ଣ୍ଣ ଇନ୍ଧନରେ ବିକଶିତ ହୋଇପାରିବ।

ଉଡ଼ାଣ ଭରିବାର ଅଭୀପ୍ସା ପୋଷଣ କରିବାକୁ ହେଲେ ବିଚାରଧାରାକୁ ନୂଆ ଦିଶା ଦେବା ସଙ୍ଗେସଙ୍ଗେ ସ୍ୱାଧୀନ ମନରେ ବିଚାର କରିବାକୁ ପଡ଼ିବ। ଆମେ ଯଦି ସଚ୍ଚା ମନରେ ସ୍ୱାଧୀନତାକୁ ନ ଆପଣାଇବା ଏବଂ ତା'ର ତାକତ ଓ କ୍ଷତି ଘଟାଇବା ଆଶଙ୍କାକୁ ନ ବୁଝିବା ପର୍ଯ୍ୟନ୍ତ ଆମ ଜୀବନ ପ୍ରକୃତ ଅର୍ଥରେ ସଫଳ ତଥା ସାର୍ଥକ ହୋଇପାରିବ ନାହିଁ। **ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର**

**ଲକ୍ଷ୍ମୀସାଗରକେନାଲରୋଡ୍,ଭୁବନେଶ୍ୱର**

**ମୋ:୯୪୩୮୩୩୨୧୩୮**

## ଏଇ ଭାରତରେ

ଜ୍ଞାନ ସେଟ୍ଟୀଙ୍କୁ ବୟସ ଏବେ ୨୮ । ସେ ପେସାରେ ଜଣେ ଇଞ୍ଜିନିୟର ଓ ରହୁଛନ୍ତି ମେଙ୍ଗାଲୁରୁରେ । ଏବେ ଚାକିରି ଛାଡ଼ି ଅଗଣାରେ ବଗିଚାଟିଏ କରିଛନ୍ତି। ସେହି ବଗିଚାର ନାମ ଦେଇଛନ୍ତି 'ନମୋ ବଗିଚା'। ସେ ଘର ଅଗଣା ବଗିଚାରେ ୩,୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏଥିମଧ୍ୟରେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ, ଫୁଲଗଛ, ଫଳଗଛ, ପାଣିରେ ବଢୁଥିବା ଗଛ ଆଦି ରହିଛି। କେବଳ ଅଗଣା ନୁହେଁ ଘର ବାଲକୋନି, ଏପରି କି ଘର ଭିତରେ ମଧ୍ୟ ବିଭିନ୍ନ ଗଛ ଲଗାଇଛନ୍ତି। ସବୁ ଗଛକୁ ଶତ ପ୍ରତିଶତ ଜୈବିକ ପଦ୍ଧତିରେ ବଢ଼ାଇଛନ୍ତି। ଦେଖିବାକୁ ଗଲେ ଜ୍ଞାନଙ୍କ ଘରର ପ୍ରତ୍ୟେକଟି ଇଞ୍ଚରେ ଗଛ ରହିଛି। ଜ୍ଞାନ ମଧ୍ୟ ଅନ୍‌ଲାଇନରେ ନର୍ସରି ବିଜ୍‌ନେସ ଚଳାଇଛନ୍ତି। ଏହାକୁ ସେ ଜାନୁଆରୀ ୨୦୨୨ରେ ଆରମ୍ଭ କରିଥିଲେ। ବର୍ତ୍ତମାନ ଗଛ ପାଇଁ ସେ ଭାରତର ବିଭିନ୍ନ ସହରରୁ ଅର୍ଡର ପାଉଛନ୍ତି ଓ ସେମାନଙ୍କୁ ତାହା ବିକ୍ରି କରୁଛନ୍ତି। ରୋଷେଇଘର ବର୍ଜ୍ୟରୁ ସେ ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ତାହାକୁ ଗଛରେ ଦେଉଛନ୍ତି। ଜୈବ କୀଟନାଶକ ମଧ୍ୟ ପ୍ରସ୍ତୁତ କରି ପ୍ରୟୋଗ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ DHARITRI

୮ ଅଗଷ୍ଟ ୧୯୭୬

- ନୂଆଦିଲ୍ଲୀରୁ ମାନ୍ଦ୍ରାଜ ମଧ୍ୟରେ 'ତାମିଲନାଡୁ ଏକ୍ସପ୍ରେସ୍' ନାମିତ ଏକ ଦ୍ରୁତଗାମୀ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଆରମ୍ଭ ହୋଇଛି।
- ପାକିସ୍ତାନର ସବୁଠୁ ସମୃଦ୍ଧ ପଞ୍ଜାବ ଅଞ୍ଚଳରେ ଭୀଷଣ ବର୍ଷା ଓ ବନ୍ୟା ଫଳରେ ୪୦ ଜଣ ବ୍ୟକ୍ତିଙ୍କ ପ୍ରାଣହାନି।
- ସେଓଲ ଅନ୍ତର୍ଗତ ଦକ୍ଷିଣ ଚଞ୍ଜୁ ନଗରୀ ନିକଟରେ ଭୀଷଣ ବର୍ଷା ଯୋଗୁ ଭୂମି ଧସିଯିବା ଫଳରେ ୨୧ ଜଣଙ୍କ ମୃତ୍ୟୁ।

## su | do | ku   ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | 2 | | | 4 | | |
| 4 | | | | 6 | | | | 1 |
| | 6 | | 8 | | 9 | | | |
| 7 | | | | | | | | 3 |
| | | 4 | 9 | | | | | |
| 2 | | | | 3 | | | | 9 |
| | | | 6 | | | 3 | 2 | |
| | 4 | 8 | | 1 | | 6 | | |
| | | 5 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 1 | 7 | 6 | 8 | 4 | 5 | 3 |
| 3 | 4 | 7 | 2 | 5 | 1 | 6 | 9 | 8 |
| 6 | 8 | 5 | 9 | 4 | 3 | 1 | 2 | 7 |
| 1 | 6 | 3 | 8 | 9 | 7 | 5 | 4 | 2 |
| 7 | 2 | 9 | 4 | 3 | 5 | 8 | 6 | 1 |
| 8 | 5 | 4 | 6 | 1 | 2 | 7 | 3 | 9 |
| 9 | 1 | 2 | 5 | 7 | 6 | 3 | 8 | 4 |
| 5 | 7 | 8 | 3 | 2 | 4 | 9 | 1 | 6 |
| 4 | 3 | 6 | 1 | 8 | 9 | 2 | 7 | 5 |

ଗତକାଲିର ଉତ୍ତର

# କହନ୍ତି ଜନତାଙ୍କ ପାଇଁ



ଭଗବାନ ଦାଶ

ଆମ ଦେଶ ପୃଥିବୀର ସର୍ବବୃହତ୍ ଗଣତନ୍ତ୍ର ଦେଶ। ଏଠି ଶାସନ ଡୋର ଧରାଇ ଦିଅନ୍ତି ସାଧାରଣ ଜନତା, ଯେଉଁମାନେ କି ସାବାଳକ, ଭୋଟର। ତେଣୁ ଭୋଟରଙ୍କୁ ନିଜର କରିବାର କଳାଟା ଦଳୀୟ ନେତାଙ୍କର ଜରୁରୀ ହୋଇଥାଏ। ଭାବିଚିନ୍ତି ପ୍ରତ୍ୟେକ ଦଳ ନିଜ ନିଜର ଭୋଟ ହାତେଇବା ଇସ୍ତାହାର ତିଆରି କରନ୍ତି। କେଉଁ ଦଳ କ'ଣ କହିଥାଏ, ସେତେଟା ଗୁରୁତ୍ୱ ବହନ କରେ ନାହିଁ। କିନ୍ତୁ ଯଦି କୌଣସି ଦଳ ଶାସନ ଗାଦିକୁ ଆସିଯାଏ, ତେବେ ତା'ର ପ୍ରକାଶିତ ଇସ୍ତାହାର ବିରୋଧୀଦଳମାନଙ୍କର ଆଲୋଚନାର ମୁଖ୍ୟ ବିଷୟ ହୋଇଯାଏ। କହିଥିଲେ କ'ଣ, କରୁଛନ୍ତି କ'ଣ ? ଯଦିଓ କିଛି କିଛି କରାଯାଉଥାଏ, ଦୃଷ୍ଟିଯାଏ କହିଥିବାର କେଉଁ ମୁଖ୍ୟ ଅଂଶଟି କାର୍ଯ୍ୟକାରୀ ହୋଇପାରିନି, ଯାହା ବହୁଳ ଭାବେ ଲୋକଙ୍କୁ ପ୍ରଭାବିତ କରୁଥାଏ।

ଶାସନକୁ ଆସିବା ପୂର୍ବରୁ ସବୁ ଦଳର ଲକ୍ଷ୍ୟଥାଏ ଭୋଟରଙ୍କୁ ଆକର୍ଷିତ କରିବା। ପରେ ଲକ୍ଷ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଥାଏ। କାରଣ ଦଳରେ ଦଳୀୟ ଭାବନାର ପ୍ରଭାବ ରହେ। ପ୍ରଥମେ ନିଜ ଦଳକୁ ମଜଭୁତ କରେ। ଦଳୀୟ ପାଣ୍ଠି ବଢ଼ାଏ। ଦଳୀୟ ଅଫିସ ବଢ଼ାଏ। କର୍ମକର୍ତ୍ତା ମଧ୍ୟ ଆସ୍ତେ ଆସ୍ତେ ବଢ଼ାଇଚାଲେ। ଚେଷ୍ଟାକରେ କୋଣ ଅନୁକୋଣରେ ନିଜର ସ୍ଥିତି ଜାହିର କରିବାକୁ। ସମସ୍ତଙ୍କ ପାଇଁ କହୁଥିଲେ ବି କାର୍ଯ୍ୟରେ ପାତରଅନ୍ତର ପରିଲକ୍ଷିତ ହୁଏ। ଗୋଟିଏ ଛୋଟ ଉଦାହରଣ ଦେଲେ ଯଥେଷ୍ଟ ହେବ। ମନେକର, ପୂର୍ବ ସରକାର କରିଥିବା କୌଣସି ଜନକଲ୍ୟାଣକାରୀ କାମ ବନ୍ଦକଲେ ଜନ ଆନ୍ଦୋଳନ ମୁଣ୍ଡ ଟେକିପାରେ। କିନ୍ତୁ କରାଯିବ, ନିଶ୍ଚୟ କରାଯିବ ବାରମ୍ବାର କହି କରୁ ନ ଥିଲେ ବି ସହଜରେ ବିଦ୍ରୋହ ଦାନା ବାନ୍ଧିପାରେ ନାହିଁ। ପ୍ରତିଶ୍ରୁତି ବିଦ୍ରୋହୀଙ୍କ ମନକୁ ଅସ୍ତମିତ କରେ।

ଗୋଟିଏ ଉଦାହରଣରୁ ଏହା ସ୍ପଷ୍ଟ ହୋଇପାରିବ। ପୁରୀ ସହର କଥା। ଆଗରୁ ଯେତିକି ଉନ୍ନତି ହୋଇଛି ଏବେ କିଛିଟା ଆଖିଦୃଶିଆ ଉନ୍ନତି ହେବା ପରି ଲାଗୁଛି କି? ଶ୍ରୀମନ୍ଦିରର ଚାରିପାଖ ଯେତିକି ପ୍ରଶସ୍ତ କରାଯାଇଛି, ତାହାର ଭଲ ମନ୍ଦ ବିଚାର ନ କରି ଆଗ ଭାବିବା, ପୂର୍ବପରି ସଂକୀର୍ଣ୍ଣ ରାସ୍ତାଥିଲେ ପୁରୀ ସହର କ୍ରମବର୍ଦ୍ଧିଷ୍ଣୁ ଲକ୍ଷ ଲକ୍ଷ ଭକ୍ତଙ୍କୁ ସେତିକିରେ ସ୍ଥାନ ଦେଇପାରିଥାନ୍ତା କି? ପୁରୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ କାମ କିଛି ଆଗେଇଥିବାର ନଜରକୁ ଆସୁନାହିଁ। ରାଜଧାନୀ ଭୁବନେଶ୍ୱରରୁ ପୁରୀକୁ ଛଅଟିକିଆ ଆଉ ଗୋଟିଏ ସିଧାରାସ୍ତା କରାଯିବାର ପରିପ୍ରକାଶ କାଗଜ କଲମରେ ଅଛି ନା ଲିଭିଗଲାଣି ଜାଣିହେଉନି। ଶ୍ରୀମହାପ୍ରଭୁଙ୍କ ସୁନା ଅଳଙ୍କାର ଗଣତିମଣତି ବିଭିନ୍ନ ଆଳରେ ଡେରି ହେବାରେ ଲାଗିଛି। ଏଇ ସବୁରୁ ଜଣାପଡ଼େ ରାଜନୀତି ବଦଳିଗଲେ ପାଣିପାଗ କେମିତି ରହେ। ଆଉ ଚିଲିକାରେ ପୋଲ ଅବଶ୍ୟ ହେବ ବୋଲି ଶୁଣାଯାଉଛି। ଯାହା ହେଉ, ଗଲା ସରକାରର ଜନକଲ୍ୟାଣ କାର୍ଯ୍ୟଗୁଡ଼ିକର ଅଗ୍ରଗତି ପ୍ରତି ଦୃଷ୍ଟି ରହୁ। ନଚେତ୍ ପାଞ୍ଚବର୍ଷ ଶାସନ ସମୟକୁ ଛଅ ବର୍ଷରେ କରିବାର ପ୍ରତିଶ୍ରୁତି ଦେଇ କିଛି ନ କଲେ ବି କେହି କହିବାର କୌଣସି ଉପାୟ ରହିବ ନାହିଁ। ବରଂ ଏହା କାମ ସମ୍ପୂର୍ଣ୍ଣ କରିପାରିବାରେ ଅକ୍ଷମତା ବୋଲି ଧରି ନିଆଯାଇପାରେ।



ଅବଶ୍ୟ ଏବେ ପୁରୀ ସହରକୁ ମହାନଗର ନିଗମ ଘୋଷଣା କରିବାର ପରିକଳ୍ପନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଚାରରେ ଏଥିପାଇଁ କାଲିଠାରୁ କାର୍ଯ୍ୟ ଆରମ୍ଭ ହେବାର ପ୍ରକାଶ ପୁରୀ ଲୋକଙ୍କୁ ଆହୁରି ଆକର୍ଷିତ ଏବଂ ଆଶ୍ୱସ୍ତ କରିଛି। ତେବେ ସରକାର ଏ ଦିଗରେ ଆଗଉଥିବାର କୌଣସି ଅନୁକୂଳ ପରିବେଶ ପୁରୀବାସୀଙ୍କୁ ପରିଲକ୍ଷିତ ହେଉନାହିଁ। ସୁଶାସନର ନାରା ଦେଇ ସରକାର ସୁଶାସନ କରୁଛନ୍ତି କହିବା ଲୋକେ ଅନୁଭବ କରୁଛନ୍ତି ତ ?

ସବୁ ସମୟରେ ଲୋକମାନେ ଦଳମତ ନିର୍ବିଶେଷରେ ସରକାରଙ୍କର ଶାସନାଧୀନ। ସମସ୍ତଙ୍କ କଲ୍ୟାଣ ଦେଶର କଲ୍ୟାଣ। ପୂର୍ବ ସରକାର ଯଦି କିଛି କଲ୍ୟାଣକର କାର୍ଯ୍ୟ କରିଥାଏ, ତା'ଠାରୁ ଅଧିକ କଲ୍ୟାଣକର କାର୍ଯ୍ୟ କରି ଲୋକଙ୍କର ଆସ୍ଥା ଭାଜନ ହେବା ନୂତନ ସରକାରର ଆଭିମୁଖ୍ୟ, ମୂଳଲକ୍ଷ୍ୟ ହେବା ବିଧେୟ। ଏହା ନ ହୋଇ ଯଦି ପୂର୍ବ କାର୍ଯ୍ୟର ତର୍ଜମା କରି ପୂର୍ବ ସରକାରକୁ ବଦନାମ କରିବାରେ ନୂତନ ସରକାର ବ୍ୟସ୍ତ ରହିବେ, ତେବେ ପ୍ରଗତିମୂଳକ ନୂତନ କାର୍ଯ୍ୟପନ୍ଥା ଗ୍ରହଣ ହେବ କେବେ! ପ୍ରଗତି କାମରେ ନୁହେଁ, କଥାରେ ହିଁ ରହିଯିବ।

ଆଜି ହେଉ କି କାଲି, ଯଦି ପୁରୀକୁ ମହାନଗର ନିଗମରେ ପରିଣତ କରାଯାଏ ଏବଂ ଆନ୍ତର୍ଜାତିକ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୁଏ, ତେବେ ଏହା କେବଳ ଭାରତର ନୁହେଁ, ସାରା ପୃଥିବୀର ପର୍ଯ୍ୟଟକମାନଙ୍କର ଏକ ମନଲୋଭା ଆକର୍ଷଣୀୟ କେନ୍ଦ୍ର ହେବ ଏହା ନିଃସନ୍ଦେହ। ସରକାରୀ ଆୟ ବଢ଼ିବ। ଏସବୁ କାର୍ଯ୍ୟକାରୀ ହେଲେ, ପୁନଶ୍ଚ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ପ୍ରଶସ୍ତୀକରଣ ଅନିବାର୍ଯ୍ୟ ହୋଇପଡ଼ିବ। ଗମନାଗମନର ଯେତେ ବିକାଶ ହେବ, ଭକ୍ତଙ୍କ ସୁଅ ସେତେ ଛୁଟିବ। ପ୍ରତିବର୍ଷ ରଥଯାତ୍ରାରେ ଭକ୍ତଙ୍କ ଉପସ୍ଥିତି ଲକ୍ଷ ଲକ୍ଷ ଆକାରରେ ବଢ଼ି ଚାଲୁଛି। କିନ୍ତୁ ସହର ଭିତରେ ଅର୍ଥାତ୍ ସିଂହଦ୍ୱାରଠାରୁ ଗୁଣ୍ଡିଚାମନ୍ଦିର ପର୍ଯ୍ୟନ୍ତ ରାସ୍ତା ଯେ ସ୍ଥିର ଏବଂ ସୀମିତ। ରାସ୍ତାର ଓସାର ବୃଦ୍ଧି ମଧ୍ୟ ଅଧିକ ହେବାର ଆବଶ୍ୟକତା ଉପଲବ୍ଧି ହେଲାଣି।

କଥା ଅପେକ୍ଷା କାମ ଲୋକଙ୍କୁ ଅଧିକ ଆକର୍ଷିତ ଏବଂ ପ୍ରଭାବିତ କରେ। କଥା ସାମୟିକ ଖୁସି ଆଣେ, ପରେ କାର୍ଯ୍ୟଠାରୁ ଦୂରେଇଗଲେ ଘୃଣା ସୃଷ୍ଟି କରେ। ସମଷ୍ଟିଗତ ଅପେକ୍ଷା ଗୋଷ୍ଠୀଗତ କେବେ ସ୍ପୃହଣୀୟ ନୁହେଁ। ସମସ୍ତେ ଭାରତୀୟ। ଭାରତ ସମସ୍ତଙ୍କର। ଉନ୍ନତି ପରିକଳ୍ପନା କରାଯାଉ ଭାରତର। ତେବେ ଯାଇ ଦେଶର ଅଭିବୃଦ୍ଧି ସମ୍ଭବ। ବିକଶିତ ଭାରତର ସ୍ୱପ୍ନ ସାକାର ହେବ। ଯେ କେହି ଦଳ ସରକାରକୁ ଆସିଲେ ଦଳ ତା'ର ମୁଖ୍ୟ ନ ହୋଇ ଜନତା, ଦେଶ ତା'ର ନିଜର ହେଉ। ସର୍ବାଙ୍ଗୀନ ଉନ୍ନତି ପ୍ରତି ଧ୍ୟାନ ଦିଆଯାଉ। ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଅଭାବୀର ଭାବ ପୂରଣ ସରକାରଙ୍କର ପ୍ରାଥମିକତାରେ ରହୁ। ଲୋକଙ୍କ କଥା ଭାବିଲେ, ଲୋକେ ବି ସରକାରଙ୍କ କଥା ଭାବିବେ। ସରକାର ଲୋକମୁଖରେ ଲୋକଙ୍କ ସରକାର ବୋଲି ପ୍ରକଟିତ ହେବ। ସରକାରଙ୍କୁ ଏହା ଲୋକଙ୍କ ସରକାର ବୋଲି କହିବାକୁ ପଡ଼ିବ, ଅନୁଭବରେ ଆସିବ। ଜନତାଙ୍କ ପାଇଁ କହନ୍ତୁ, କରନ୍ତୁ।

**ଗୁଣ୍ଡିଚାବିହାର, ପୁରୀ**

**ମୋ: ୮୨୪୯୦୮୨୪୦୦**

## ଚିରନ୍ତନୀ

ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
ବଥାଇ ଉଠେ ରୁଦ୍ଧତାର
କ୍ରନ୍ଦନ ହେ କ୍ରନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଲଫାପା ମିଳୁ ନାହିଁ

ମହାଶୟ,

ଆଗକୁ ରାଖୀ ପୂର୍ଣ୍ଣମୀ। ଦୂର ଦୂରାନ୍ତରେ ରହୁଥିବା ଭାଇମାନଙ୍କ ପାଖକୁ ରାଖୀ ପଠାଇବା ପାଇଁ ଭଉଣୀମାନେ ଡାକଘରକୁ ଯାଉଛନ୍ତି। କିନ୍ତୁ ଦେଖାଯାଉଛି ଅନେକ ଡାକ ଅଫିସରେ ଏନ୍‌ଭଲପ୍ ବା ଲଫାପା ମିଳୁନାହିଁ। ଭଉଣୀମାନେ ନିରାଶ ହେଉଛନ୍ତି ଏବଂ ବାହାରୁ ବହି ଦୋକାନରୁ ଅଧିକ ୫ଟଙ୍କା ଦେଇ ଏନ୍‌ଭଲପ୍ କିଣୁଛନ୍ତି। ବହୁ ସମୟରେ ବହି ଦୋକାନରେ ମଧ୍ୟ ଏହା ମିଳୁ ନାହିଁ। ଏଣୁ ଲୋକମାନେ ଡାକଘର ଉପରେ ନିର୍ଭର କରି ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ଡାକବିଭାଗ ଦୃଷ୍ଟି ଦେବାକୁ ଅନୁରୋଧ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲୋପ ପାଇବାକୁ ବସିଲାଣି ହାବସପୁରୀ ଶାଢ଼ି

- ସରକାରୀ ପ୍ରୋତ୍ସାହନ ସାଙ୍ଗକୁ କଞ୍ଚାମାଲ ଅଭାବ
- କୌଳିକ ବୃତ୍ତିକୁ ବଞ୍ଚାଇବା ଭିତରେ ଭବିଷ୍ୟତ ଖୋଜୁଛନ୍ତି ବୁଣାକାର

ଭବାନୀପାଟଣା,୭।୮ (ଉତ୍ତମ କୁମାର ଦାଶ)

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶାଢ଼ି ପ୍ରସ୍ତୁତ କରାଯାଏ। ସେଥିମଧ୍ୟରେ ବରପାଲି ଶାଢ଼ି, ସୋନପୁରୀ ଶାଢ଼ି, ବାନ୍ଧ ଶାଢ଼ି, ସତ୍ୟ ଶାଢ଼ି, ସମ୍ବଲପୁରୀ ଶାଢ଼ି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଳାହାଣ୍ଡି ଜିଲାର ହାବସପୁରୀ ଶାଢ଼ି ମଧ୍ୟ ଜିଲା, ରାଜ୍ୟ, ଦେଶ ତଥା ଦେଶ ବାହାରେ ନିଜର ପରିଚୟ ସୃଷ୍ଟି କରିଛି। ଏପରି କି ରାଜ୍ୟ ସରକାର ଏହାକୁ ଜିଆଇ ଟ୍ୟାଗ ମାନ୍ୟତା ଦେଇସାରିଛନ୍ତି। ତେବେ ପ୍ରଚାର ଓ ପ୍ରସାର ପାଇଁ ସରକାର କିମ୍ବା ପ୍ରଶାସନ ଆଗଭର ହେଉ ନ ଥିବାବେଳେ ଏହି ଶାଢ଼ି ଏବେ ବିଲୁପ୍ତ ହେବାକୁ ବସିଥିବା ବେଳେ ବୁଣାକାରମାନେ ମଧ୍ୟ ରୋଜଗାର ହରାଇ ବସିଛନ୍ତି । କଳାହାଣ୍ଡି ଜିଲାରେ ଊନବିଂଶ ଶତାବ୍ଦୀରେ କନ୍ଧ ଜନଜାତିର ଲୋକମାନେ ହାବସପୁରୀ ଶାଢ଼ି ବୁଣାକାମ ଆରମ୍ଭ କରିଥିଲେ।



ଜଣେ ବୁଣାକାର ହାବସପୁରୀ ଶାଢ଼ି ବୁଣୁଛନ୍ତି।

ପରବର୍ତ୍ତୀ ସମୟରେ ଭୁଲିଆ ସମ୍ପ୍ରଦାୟର ଲୋକମାନେ ଏହାକୁ କୌଳିକ ବୃତ୍ତି ଭାବରେ ଗ୍ରହଣ କଲେ ବୋଲି କୁହାଯାଏ। ବର୍ତ୍ତମାନ ବିଭିନ୍ନ ଶାଢ଼ି ବଜାରକୁ ଆସିବା ଯୋଗୁ ହାତବୁଣା ଶାଢ଼ିର ଚାହିଦା କମିବାକୁ ଲାଗିଲା। ବେପାର କମିବାରୁ ବୁଣାକାରମାନେ ଶାଢ଼ି ବୁଣା ଛାଡି ଅନ୍ୟ କାମକରି ପରିବାର ପ୍ରତିପୋଷଣ କଲେ। ଫଳରେ ହାବସପୁରୀ ଶାଢ଼ି ଆଉ ବଜାରରେ ଦେଖିବାକୁ ମିଳୁନାହିଁ। ଜିଲାର ଜୁନାଗଡ଼ ବ୍ଲକର ହାବସପୁରଠାରେ ଥିବା ଭୁଲିଆ ବା ମେହେର ସମ୍ପ୍ରଦାୟର ଲୋକମାନେ ନିଜର କଳାକୌଶଳ ଓ କାରିଗରୀ ବିଦ୍ୟାରେ ଏହି ଶାଢ଼ିର ପରିଚୟ ସୃଷ୍ଟି କରିଥିଲେ। ଗ୍ରାମର ପ୍ରାୟ ୨୦ ପରିବାର ସଦସ୍ୟ ଏହି କାମରେ ନିୟୋଜିତ ରହି ହାବସପୁରୀ ଶାଢ଼ି, ଗାମୁଛା, ଲୁଙ୍ଗି, ଶାଲ, ଡୋର ସ୍କ୍ରିନ ଆଦି ତିଆରି କରୁଥିଲେ, ଯାହା ଜିଲା ତଥା ଦେଶରେ ଆଦୃତ ହୋଇପାରୁଥିଲା। କାଳକ୍ରମେ କଞ୍ଚାମାଲର ଦର ଅଧିକ ଓ ବଜାରରେ ଫ୍ୟାନ୍ସି ଶାଢ଼ି ଆସିଯିବା ପରେ ହାବସପୁରୀ ଚାହିଦା କମିବାରୁ ସେମାନେ ତାଙ୍କ ମଜୁରୀ ମଧ୍ୟ ପାଇଲେ ନାହିଁ। ଫଳରେ ଏହି ବୁଣାକାର ନିଜ କୌଳିକ ବୃତ୍ତିକୁ ଛାଡିବାକୁ ବାଧ୍ୟ ହୋଇଥିବା ପ୍ରକାଶ କରିଛନ୍ତି। ୨୦୨୨ରେ ଗ୍ରାମରେ ଥିବା କଳା ଓ ହସ୍ତତନ୍ତ ସମବାୟ କେନ୍ଦ୍ର ପୁନରୁଦ୍ଧାର ନିମନ୍ତେ ଜିଲା ପ୍ରଶାସନ ଓ ବେଦାନ୍ତ ଆଲୁମିନା ପକ୍ଷରୁ ୧୦ ଲକ୍ଷ ଟଙ୍କା ସହାୟତା କରାଯାଇଥିଲା। ପରେ ଏହି ଘରର ପୁନରୁଦ୍ଧାର କାମ ଶେଷ ହେବାପରେ ସେଠାରେ ସ୍ଥାନୀୟ ବୁଣାକାରଙ୍କୁ ତାଲିମ ଦିଆଯାଉଥିଲା। ହେଲେ ଗତ କିଛିଦିନ ହେବ ଅନୁଦାନ ଅଭାବରୁ ତାଲିମ କେନ୍ଦ୍ର ମଧ୍ୟ ବନ୍ଦ ରହିଛି। ବର୍ତ୍ତମାନ ବ୍ଲକର ଚିଟେଟ୍ଟୁଡ଼ା ଓ ବଳଦିମାଳ ଗ୍ରାମର ବୁଣାକାର ପରିବାର ନିଜ କୌଳିକ ବୃତ୍ତିକୁ ସମ୍ମାନ ଦେଇ ହାବସପୁରୀ ଶାଢ଼ିର ଚମକକୁ ଦେଶ ବିଦେଶରେ ଚମକାଇବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ଯେଉଁ ଗାଁରେ ଏହା ଆରମ୍ଭ ହେଇଥିଲା ସେହି ଗାଁରେ ଏହା ଲୋପ ପାଇଥିବାବେଳେ ଅନ୍ୟ ଗାଁରେ ତିଆରି ହୋଇ ଏବେ ନା କମାଉଛି। ସମ୍ବଲପୁରୀ ଶାଢ଼ିର ମୂର୍ଦ୍ଧରେ ବାନ୍ଧକଳା ଝଟକୁଥିବା ବେଳେ ହାବସପୁରୀ ଶାଢ଼ିର ମୁହଁ ଆଉ ଦେହରେ ବାନ୍ଧ ରହିଛି। ସେହିପରି ଶାଢ଼ିରେ ଆଦିବାସୀଙ୍କ କାଳ୍ପନିକ ଦେହର ଚିତାକୁଟା ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଏହି ଶାଢ଼ିରେ ମାଛ, ହରିଣ, ହାତୀ ଚିତ୍ରକୁ ଧଡ଼ିରେ ବୁଣି ଶାଢ଼ିକୁ ବୁଣାକାର ମନଲୋଭା କରିଥାନ୍ତି। ୧୯୫୧ରେ କଳାହାଣ୍ଡି ଜିଲାର ହାବସପୁରୀ ଶାଢ଼ି ଦିଲ୍ଲୀର ପ୍ରଦର୍ଶନୀ ପଡ଼ିଆରେ ଭାଗ ନେଇ ଆଦୃତ ହୋଇଥିଲା। ଏହି ସମୟରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ମଧ୍ୟ ଏହି ଶାଢ଼ି ବିମୋହିତ କରିପାରିଥିଲା। ଓଡ଼ିଶାରେ ବୟନ ଶିଳ୍ପକୁ ସରକାର ଅଣଦେଖା କରୁଥିବାରୁ ହାବସପୁରୀ ଶାଢ଼ି ଭଳି ବୟନ ଶିଳ୍ପ ଏବେ ଲୋପ ପାଇବାକୁ ବସିଲାଣି। ରାଜ୍ୟ ସରକାର କିମ୍ବା କୌଣସି ସଂସ୍ଥା ପକ୍ଷରୁ ବୁଣାକାରଙ୍କୁ ସୁବିଧାସୁଯୋଗ ଦିଆଗଲେ ହାବସପୁରୀ ଶାଢ଼ି ନିଜର ପୂର୍ବ ପରିଚୟ ଫେରି ପାଇବା ସହ କଳାହାଣ୍ଡି ଜିଲାର କୁଟୀରଶିଳ୍ପ କିଛି ଲୋକଙ୍କ ଜୀବନରେଖା ପାଲଟନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

## ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ

ଲାଞ୍ଜିଗଡ଼,୭।୮(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଆଶ୍ରମପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ରାଉଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହ ଶିକ୍ଷୟିତ୍ରୀ ହେମାମାଳିନୀ ସାହୁ, ଦୁର୍ଯ୍ୟୋଧନ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ସୁଦର୍ଶନ ମୁଣ୍ଡା, ଅଙ୍ଗନୱାଡ଼ି କର୍ମୀ ସବିତା ମୁଣ୍ଡା ଉପସ୍ଥିତ ଥିଲେ। ରାଜ୍ୟରେ ଡ୍ରପଆଉଟ୍ ରୋକିବାକୁ ରାଜ୍ୟ ସରକାର ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା, ବିଦ୍ୟାଳୟ ଯାଇ ନ ଥିବା ପିଲାଙ୍କୁ ବୟସ ଅନୁଯାୟୀ ଶ୍ରେଣୀରେ ନାମଲେଖାଇବା ଅନ୍ତର୍ଭୁକ୍ତ। ଗୃହ ସର୍ବେକ୍ଷଣ ତଥ୍ୟ ଅନୁଯାୟୀ ପାଠ ଛାଡ଼ିଥିବା ଏବଂ ଆଗେ ନାମ ଲେଖାଇ ନ ଥିବା ପିଲାଙ୍କ ତାଲିକା ଦିଆଯିବ। ତଥ୍ୟ ଆଧାରରେ ଶିକ୍ଷକ ଶିକ୍ଷୟିତ୍ରୀ ଘରକୁ ଘର ବୁଲି ଚିହ୍ନଟ ହୋଇଥିବା ପିଲା ଓ ସେମାନଙ୍କ ପିତାମାତାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ପଦଯାତ୍ରା।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."

## ପୋଶ ଆକ୍ଟ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତା।

ଭବାନୀପାଟଣା,୭।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲାପରିଷଦ ସମ୍ମିଳନୀ ଗୃହରେ ପୋଶ ଆକ୍ଟ-୨୦୧୩ ଉପରେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସ୍ଥଳରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବୈତୁରା ଦୀପ ଅଧ୍ୟକ୍ଷତା କରିଥିଲେ। ଜିଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲା ପ୍ରଶାସନ ଓ ସାମାଜିକ ସଂଗଠନ 'କର୍ତ୍ତବ୍ୟ'ର ମିଳିତ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଇଣ୍ଟରନାଲ କମିଟି (ଆଇସି), ଲୋକାଲ କମିଟି (ଏଲସି), ନୋଡାଲ ଅଫିସର, ଜିଲା ସ୍ତରୀୟ ଅଧିକାରୀ ଓ ବିଭିନ୍ନ ଏନଜିଓର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତାଲିମଦାତା ଭାବେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଲୋକାଲ କମିଟି ଅଧ୍ୟକ୍ଷା ସର୍ଣ୍ଣଲତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ପୋଶ ଆକ୍ଟ ଅନୁସାରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ସୁରକ୍ଷା, ଯୌନ ଅତ୍ୟାଚାର ବିରୋଧରେ ତଦନ୍ତ ପ୍ରକ୍ରିୟା, ଆଇସି ଓ ଏଲସିର ଭୂମିକା ବିଷୟରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। 'ଓମେନ ହବ'ର ଜିଲା ସଂଯୋଜକ ଯୋଗେଶ୍ୱର ବୁଢିଆ କେମିତି ସି-ବକ୍ସ ପୋର୍ଟାଲ ମାଧ୍ୟମରେ ଅନଲାଇନ ଅଭିଯୋଗ ଦାଖଲ କରିପାରିବେ ସେ ବିଷୟରେ ବୁଝାଇଥିଲେ। ଶେଷରେ କର୍ତ୍ତବ୍ୟ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## କାର୍ଯ୍ୟରେ ଯୋଗଦେଉ ନାହାନ୍ତି ଅଧିକାରୀ

ଖଡ଼ିଆଳ,୭।୮(ସୁଜିତ କୁମାର ପ୍ରଧାନ):

ନୂଆପଡ଼ା ସଦର ଓ ଖଡ଼ିଆଳ ଗ୍ରାମ୍ୟ ଉନ୍ନୟନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପଦବୀ ଖାଲି ପଡିଥିବା ବେଳେ ରାଜ୍ୟ ସରକାର ଦୁଇଜଣ ଅଧିକାରୀଙ୍କୁ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇ ଅଧିକାରୀ ସରକାରୀ ନିର୍ଦ୍ଦେଶକୁ ଅବମାନନା କରି ନିଜ କାର୍ଯ୍ୟସ୍ଥଳରୁ ଭାରମୁକ୍ତ ହୋଇସାରିଥିବା ବେଳେ ନୂତନ କାର୍ଯ୍ୟସ୍ଥଳ ଖଡ଼ିଆଳ ଓ ନୂଆପଡ଼ାରେ ଯୋଗ ଦେଇନାହାନ୍ତି। ଫଳରେ ଜିଲାର ଦୁଇ ଗୋଟି ଡିଭିଜନର ବିଭିନ୍ନ ଉନ୍ନୟନ କାମ ଠପ ହୋଇପଡିଛି। ଏହାକୁ ନେଇ କାର୍ଯ୍ୟ କରୁଥିବା ଠିକାଦାର ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ **୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପର ପ୍ରଡକ୍ସନ୍ ଶପଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୬,୩୫,୧୨,୦୦୪.୦୪ । **ଅମାନତ ରାଶି:** ₹୪,୬୭,୬୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ । **କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫ । କାର୍ଯ୍ୟର ବର୍ଣ୍ଣନା:** ୱାଗନ୍ ରିପେୟାର୍ ଶପ, ଖଡ଼ଗପୁର ୱାର୍କଶପର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୯୭,୭୩,୧୩୬ । **ଅମାନତ ରାଶି:** ₹୧,୯୫,୫୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୨ ମାସ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ଖୋଲାଯିବା ତାରିଖ:** ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ବିଡିଂ ଆରମ୍ଭ ତାରିଖ:** ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-493)

केनरा बैंक Canara Bank (A Government of India Undertaking) सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଓସ୍ତପୁର ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମେସର୍ସ ସାଇ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ମନସ୍ୱିତା ରାଉତରାୟ,** ସା: ରାହାଣିଆ, ଗୋକୁଳପୁର, କଟକ-୭୫୪୨୦୪, **୨) ଶ୍ରୀମତୀ ମନସ୍ୱିତା ରାଉତରାୟ,** ପିତା: ସଦାନନ୍ଦ ରାଉତରାୟ, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଗ୍ୟାରେଣ୍ଟିଦାତା/ ବନ୍ଧକଦାତା: ଶ୍ରୀ ଅସିତ୍ କୁମାର ମହାନ୍ତି,** ପିତା: ଅଜିତ୍ କୁମାର ମହାନ୍ତି, ସା: କାଳିଅଣ୍ଟି, ପୋ: ଚୟନପାଳ, ଥାନା: ମାହାଙ୍ଗା, ଜିଲ୍ଲା: କଟକ-୭୫୪୨୦୪ / **ଆକାଉଣ୍ଟ ନଂ.: ୧) ୧୨୫୦୦୩୦୮୪୬୦୨ (ଏମଏସଏମଇ), ୨) ୧୭୦୦୦୭୧୪୧୦୬୮(ଏମଏସଏମଇ)** | କ)ଟ.୧୧,୦୦,୦୦୦/- ଖ) ୩୦.୦୪.୨୦୨୪ ଗ) ୦୪.୦୮.୨୦୨୫ | ୦୪.୦୮.୨୦୨୫ ସୁଦ୍ଧା ଟ.୧୩,୧୫,୬୧୧.୭୭ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ଅସିତ୍ କୁମାର ମହାନ୍ତିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୦୩/୩୫୫, ପ୍ଲଟ୍ ନଂ.:୧୭୦୫/୩୩୫୮, କ୍ଷେତ୍ର: ଏକର୦.୦୪୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସାବକ ଖାତା ନଂ.: ୯୦୩/୧୧୩, ପରବର୍ତ୍ତୀ ଅନୁରୂପ ଚକବନ୍ଦୀ ଖାତା ନଂ.: ୫୬୦, ମୌଜା: କାଳିଅଣ୍ଟି, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏସ୍‌ଆରଓ: ମାହାଙ୍ଗା, ଏହାର ଚାରିପାର୍ଶ୍ୱରେ ଉତ୍ତର: କାଳିଅଣ୍ଟି ୟୁପିଏମଇ ସ୍କୁଲ, ଦକ୍ଷିଣ: ପ୍ଲଟ୍ ନଂ.: ୧୭୦୫/୩୩୫୭, ପୂର୍ବ: ଜଚ୍ଛିନ୍ଦ୍ର ମହାନ୍ତି, ପଶ୍ଚିମ: କେନାଲ ବନ୍ଧ ରାସ୍ତା |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି । କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି । ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

ସ୍ଥାନ: କଟକ, ତାରିଖ: ୦୭.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତା

ଖଡ଼ିଆଳ,୭।୮ (ସୁଜିତ କୁମାର ପ୍ରଧାନ):

ଖଡ଼ିଆଳ ଜାତୀୟ ଦିବସ ପାଳନ କମିଟି ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ବ୍ଲକ ସ୍ତରୀୟ ବକ୍ତୃତା ଓ ଦେଶାତ୍ମବୋଧକ ଗୀତ ପ୍ରତିଯୋଗିତା ବିଭିନ୍ନ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଉପସଭାପତି ମେଜର ରାମଚନ୍ଦ୍ର ମିଶ୍ର, ସମ୍ପାଦକ ତଥା ବିଇଓ କାହ୍ନୁଚରଣ ନାଏକ, ଏବିଇଓ ଜୟଦେବ ପଣ୍ଡା, ଉପଦେଷ୍ଟା ସତୀଶ କୁମାର ପଟ୍ଟନାୟକ, ଅଶ୍ୱିନୀ କୁମାର ପାଢ଼ୀ, ସହ ସମ୍ପାଦକ ଅଜିତ ଚନ୍ଦ୍ର ପ୍ରଧାନ ଓ ଗୌରାଙ୍ଗ କୁମାର ସାହୁ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଇଭେଣ୍ଟ ମ୍ୟାନେଜର ଭାବେ ସିଆର୍‌ସିସି ସିଲୁ ମହାନନ୍ଦ, ଅରୁଣ କୁମାର ନାଗ, ମିତ୍ରବାଦୀ ମଲ୍ଲିକ, ଦୁର୍ଗା ଚରଣ ପଣ୍ଡା, ଓମ ପ୍ରକାଶ ଦଣ୍ଡସେନା ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। କମିଟି ସଦସ୍ୟ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ।

## ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ୭ଦଫା ଦାବିପତ୍ର




ଅଙ୍ଗନୱାଡ଼ି କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଥୁଆମୂଳ ରାମପୁର,୭।୮ (ଦୁର୍ଗା କୀର୍ତ୍ତି)

ଅଲ୍ ଓଡ଼ିଶା ଲେଡିଜ୍ ଅଙ୍ଗନୱାଡ଼ି ୱାର୍କର୍ସ ସଂଘ ଥୁଆମୂଳ ରାମପୁର ବ୍ଲକ ଶାଖା ପକ୍ଷରୁ ଗୁରୁବାର ୭ ଦଫା ଦାବି ନେଇ ବିଡ଼ିଓ ଓ ସିଡିପିଓଙ୍କ ଜରିଆରେ ଉପମୁଖ୍ୟମନ୍ତ୍ରୀ, ମହିଳା ଶିଶୁ ବିକାଶ ବିଭାଗ ଓ ମିଶନ ଶକ୍ତି ବିଭାଗ, ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ମା'ମାଣିକେଶ୍ୱରୀ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ବାହାରି କର୍ମକର୍ତ୍ତା ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ସିଡିପିଓ ମଧୁମାଳା ବାଗଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରମୁଖ ଦାବି ମଧ୍ୟରେ ଉନ୍ନତମାନର ମୋବାଇଲ ଯୋଗାଣ ସହ ରିଚାର୍ଜ ବାବଦରେ ତିନିମାସକୁ ୯ଶହ ଟଙ୍କା ପ୍ରଦାନ, ପ୍ରତି ବ୍ଲକରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା, ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଖାଦ୍ୟସାମଗ୍ରୀ ଉନ୍ନତୟମାନର ଯୋଗାଇବା, କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ଆଦି ଅନ୍ୟତମ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଏହି ସମୟରେ ବ୍ଲକ ସଂଘ ସଭାନେତ୍ରୀ ରମାକାନ୍ତି ନାଏକ, ସମ୍ପାଦିକା ବିନୋଦିନୀ ମଙ୍ଗରାଜ, ସବିତାଞ୍ଜଳି ନାଏକ, ପୁଷ୍ପଲତା ବାଗ, ପଦ୍ମାବତୀ ଦୋରା, ଡଙ୍ଗର ମାଝୀ, ସୁକାନ୍ତି ନାଏକ, ବିଜୟିନୀ ମାଝୀ, କୁନ୍ତଳା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ**

नालको NALCO
A NAVRATNA COMPANY

**National Aluminium Company Limited**
(A Government of India Enterprise)
NALCO Bhawan, Plot No. P/1, Nayapalli, Bhubaneswar-751013, Odisha, India
CIN : L27203OR1981GOI000920

अतुल्य एल्युमिनियम... आम जन से अंतरिक्ष तक

### EXTRACTS OF FINANCIAL RESULTS FOR THE QUARTER ENDED JUNE 30, 2025

(₹ in Crore)

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | | Year Ended | Quarter Ended | | | Year Ended |
| | | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) | 30/06/2025 (Unaudited) | 31/03/2025 (Audited) | 30/06/2024 (Unaudited) | 31/03/2025 (Audited) |
| 1. | Total Income from Operations | 3,806.94 | 5,267.83 | 2,856.10 | 16,787.63 | 3,806.94 | 5,267.83 | 2,856.10 | 16,787.63 |
| 2. | Net Profit for the period (before Tax, Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,429.27 | 2,759.64 | 817.01 | 7,135.10 |
| 3. | Net Profit for the period before Tax (after Exceptional and /or Extraordinary items) | 1,429.27 | 2,759.64 | 817.01 | 7,135.10 | 1,414.89 | 2,748.50 | 804.21 | 7,078.37 |
| 4. | Net Profit for the period after Tax ( after Exceptional and /or Extraordinary items) | 1,063.86 | 2,078.37 | 601.22 | 5,324.67 | 1,049.48 | 2,067.23 | 588.42 | 5,267.94 |
| 5. | Total Comprehensive Income for the period comprising Profit/Loss for the period (after tax) and Other Comprehensive Income (after tax) | 1,060.37 | 2,082.21 | 603.20 | 5,310.74 | 1,045.99 | 2,071.05 | 590.40 | 5,253.99 |
| 6. | Equity Share Capital | 918.32 | 918.32 | 918.32 | 918.32 | 918.32 | 918.32 | 918.32 | 918.32 |
| 7. | Reserves (excluding Revaluation Reserve) as shown in the Audited Balance Sheet of the previous year | | | | 17,127.44 | | | | 16,887.12 |
| 8. | Earnings Per Share (before extraordinary items) (of Rs.5/- each) (not annualised): | | | | | | | | |
| | 1. Basic (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |
| | 2. Diluted (Rs.) | 5.79 | 11.32 | 3.27 | 28.99 | 5.71 | 11.26 | 3.20 | 28.68 |

The above is an extract of the detailed format of Quarterly Financial Results filed with the Stock Exchanges under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full format of the above financial results are available on the Stock Exchange websites, **www.nseindia.com** and **www.bseindia.com**; and Company's website, **www.nalcoindia.com.**

**Notes :**

(1) The financial results have been reviewed and recommended by the Audit Committee at the meeting held on 7th August, 2025 and approved by the Board of Directors in its meeting held on 7th August, 2025. Limited Review as required under Regulation 33 of the SEBI (Listing Obligations and Disclosure Requirements) Regulations, 2015 has been carried out by the joint Statutory Auditors of the Company.

(2) The Company has four Joint Venture companies namely- 1. M/s. Angul Aluminium Park Pvt. Limited, 2. M/s. GACL-NALCO Alkalies & Chemicals Private Limited, 3. M/s. Khanij Bidesh India Limited, 4. M/s Utkarsha Aluminium Dhatu Nigam Limited. Out of the four joint venture companies whose financials have been consolidated, financials of M/s. Utkarsha Aluminium Dhatu Nigam Limited and M/s. Angul Aluminium Park Private Limited , has been consolidated on the basis of financials as certified by the Management as on reporting date, the effect of which is not material.

(3) The Board of Directors at its meeting held on 7th August, 2025 has recommended final dividend of ₹ 2.50/- per equity share ( 50% on face value of ₹ 5/- each) amounting to ₹ 459.16 crore for the FY 2024-25.

(4) The Company has not recognised the revenue from its two wind power plants (WPP) located in the State of Rajasthan due to non execution of fresh Power Purchase Agreement (PPA) since 01.04.2019 and such issue is being subjudice before Hon'ble High Court of Rajasthan based on writ petition filed by the Company. Similarly, due to non execution of PPA for WPP-Gandikota, Andhra Pradesh, Power generated is wheeled to captive power plant at Angul, Odisha for internal consumption.

(5) The figures of the quarter ended 31st March, 2025 are the balancing figures in respect of the audited full financial year ended 31st March, 2025 and the unaudited published year to date figures up to the third quarter ended 31st December, 2024.

(6) Figures pertaining to previous periods have been regrouped, recasted and rearranged, wherever necessary.

Place : Bhubaneswar
Dated : 7th August, 2025

Sd/-
(Brijendra Pratap Singh)
Chairman-cum-Managing Director

Scan this QR code to view/download the Financial Results

**National Aluminium Company Limited**
"Unleashing Potential, Shaping New Frontiers"
• Bauxite Mining • Alumina Refinery • Aluminium Smelter • Captive Power Plant • Captive Coal Blocks • Dedicated Port Facilities • Research & Development • Renewable Energy

# ତାମିଲନାଡୁରୁ ଫେରିଲା ଶ୍ରମିକଙ୍କ ମୃତଦେହ


ମହୁଲପାଲିରେ ଶ୍ରମ ଅଧିକାରୀ ଓ ଗାଁର ଲୋକେ।

ଡୁଙ୍ଗୁରିପାଲି,୭।୮ (ଦୀନବନ୍ଧୁ ସୁନା)

ତାମିଲନାଡୁକୁ କାମ କରିବାକୁ ଯାଇଥିବା ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମହୁଲପାଲି ଗ୍ରାମର ହେମନ୍ତ ଯୁଆଡ଼ି(୩୦)ଙ୍କ ମୃତଦେହ ଗୁରୁବାର ଗାଁରେ ପହଞ୍ଚିଛି। ତାମିଲନାଡୁ ରାଜ୍ୟ ଇରୋଡ ଜିଲା ଅଗସରା ସ୍ପିନିଙ୍ଗ ମିଲରେ କାମ କରୁଥିବା ହେମନ୍ତଙ୍କ ମୃତଦେହ ମଧ୍ୟାହ୍ନ ୧୨ଟାରେ ଏଠାରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ବ୍ଲକ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଉଲୁଣ୍ଡା ବ୍ଲକ ଶ୍ରମ ଅଧିକାରୀ ଲିପକରାଜ ନାଏକ ମହୁଲପାଲିରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ତରଫରୁ ସହାୟତା ମିଳିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୃତଦେହକୁ ଗାଁ ମଶାଣିରେ ଅନ୍ତିମ ସତ୍କାର କରାଯାଇଥିଲା। ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ମା' ଗୌରୀ ଓ ବାପା


ମୃତ ଶ୍ରମିକ ହେମନ୍ତ ଯୁଆଡ଼ି।

ଗୌର ଯୁଆଡି ଭାଙ୍ଗି ପଡିଛନ୍ତି। ହେମନ୍ତ ଗତ ୬ବର୍ଷ ହେଲା ତାମିଲନାଡୁ ଇରୋଡ ଜିଲା ଅଗସରା ସ୍ପିନିଙ୍ଗ ମିଲରେ କାମ କରୁଥିଲେ। ଗାଁକୁ ପରିବାର ସହ ଆସି ୩ମାସ ରହିବା ପରେ ପୁଣି କାମରେ ଯୋଗ ଦେବା ପାଇଁ ଗତ ଜୁଲାଇ ୩୦ତାରିଖ ଘରୁ ବାହାରି ଅଗଷ୍ଟ ୧ତାରିଖ ସେଠାରେ ପହଞ୍ଚିଥିଲେ। ମିଲ୍‌ରେ କାମ କରିବା ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସାଙ୍ଗରେ ଥିବା ଓଡ଼ିଆ ଶ୍ରମିକମାନେ ତାଙ୍କୁ ସ୍ଥାନୀୟ ସତ୍ୟମଙ୍ଗଳମ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଗତ ୫ତାରିଖ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ହେମନ୍ତଙ୍କର ମୃତ୍ୟୁ ଘଟିଥିଲା। ତାମିଲନାଡୁରୁ ମରଶରୀର ଆଣିବା ପରିବାର ଲୋକଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ବଳଦେବ ପଧାନ, ଦିଲୀପ ହଂସ, ନିମାଇଚରଣ ସାହୁ, ଅଶୋକ ସାହୁ ପ୍ରମୁଖ ଏ ସମ୍ପର୍କରେ ଜିଲା ଶ୍ରମ ବିଭାଗ ସହ ଯୋଗାଯୋଗ କରିଥିଲେ। ଜିଲା ଶ୍ରମ ଅଧିକାରୀ ଧରୁଆ, ବ୍ଲକ ଅତିରିକ୍ତ ଶ୍ରମ ଅଧିକାରୀ ସାହୁ ତାମିଲନାଡୁର ସମ୍ପୃକ୍ତ ସ୍ପିନିଙ୍ଗ ମିଲ୍ ସହ ଯୋଗଯୋଗ କରିଥିଲେ। ମଙ୍ଗଳବାର ମୃତଦେହ ଏକ ଆମ୍ବୁଲାନ୍ସ ଯୋଗେ ବାହାରି ଗୁରୁବାର ମହୁଲପାଲିରେ ପହଞ୍ଚି ଥିଲା।

## ଘରକାନ୍ଥ ପଡ଼ି ଜଣେ ମୃତ

ଡୁଙ୍ଗୁରିପାଲି,୭।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଚୀନାଙ୍ଗୁରୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପଥରଖଣ୍ଡି ଗ୍ରାମର ଜଣେ ବ୍ୟକ୍ତିଙ୍କର ଘର କାନ୍ଥ ପଡି ଗୁରୁବାର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସୁବାଷ ଭୁଏ(୫୫)। ସକାଳ ୮ ଟାରେ ସୁବାଷ ନିଜ ଘରେ ବସିଥିବାବେଳେ ଦୁର୍ବଳ ଅବସ୍ଥାରେ ଥିବା ଘରର ମାଟି କାନ୍ଥ ହଠାତ୍ ତାଙ୍କ ଉପରେ ଭୁଶୁଡି ପଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ସୁବାଷଙ୍କୁ ମୃତ ଘୋଷଣା କରିଥିଲେ। ଡୁଙ୍ଗୁରିପାଲି ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ତାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୫) ରୁଜୁ ହୋଇଥିବା ଏଏସଆଇ ଏକାମ୍ର ନାହକ କହିଛନ୍ତି।

## ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

ବିନିକା,୭।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ଅଫିସରେ ଗୁରୁବାର ସ୍ୱାଧୀନତା ଦିବସ ପାଳନ ପାଇଁ ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏକଜିକ୍ୟୁଟିଭ ଅଫିସର ମାନସ ରଞ୍ଜନ ଭୋଇ, ଆଇଆଇସି ସତ୍ୟନାରାୟଣ ପଧାନ, ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ଭାଜପା ନଗର ସଭାନେତ୍ରୀ ଚନ୍ଦ୍ରମା ଅଗ୍ରୱାଲ, ଭୁବନେଶ୍ୱର ପାତ୍ର, ସାମାଜିକ କର୍ମୀ ବିଜୟ ବରାଇ, ସମସ୍ତ କାଉନସିଲର, ଶିକ୍ଷାବିତ୍, ବିଭିନ୍ନ ବିଭାଗର ପଦାଧିକାରୀ ଯୋଗଦେଇ କିପରି ସୁଚାରୁରୂପେ ପାଳନ କରାହେବ ସେବିଷୟରେ ଆଲୋଚନା କରିଥିଲେ।


ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ପାଣି ଜମୁଛି।

## ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ପାଣି

**ଖମ୍ବେଶ୍ୱରୀପାଲି ଆରଡ଼ି ରାସ୍ତା**

ସୋନପୁର,୭।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ବ୍ଲକ ବିଶିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ମୁର୍ଗା ବାର ବରଗଛ ଛକଠାରୁ ଖମ୍ବେଶ୍ୱରୀପାଲିକୁ ଯାଇଥିବା ଆରଡ଼ି ରାସ୍ତା ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ପାଣି ଜମା ହୋଇ ରହୁଛି। ରାସ୍ତାରେ ଲୋକେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଖାଲଖମା ରାସ୍ତା ପାଇଁ ଅନେକ ସମୟରେ ଛୋଟ ବଡ ଦୁର୍ଘଟଣା ହେଉଛି। ଫଳରେ ବାଇକ ଓ ସାଇକେଲ ଚାଳକ ଯାତାୟତ ସମୟରେ ବିପଦରେ ପଡୁଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ଜମି ରହୁଛି। ପ୍ରଶାସନ ଯଥାଶୀଘ୍ର ରାସ୍ତା ମରାମତି ଓ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(कोल इण्डिया की एक अनुषंगी ईकाई)/(A Subsidiary of Coal India Ltd.)
गोंदवाना प्लेस, काँके रोड, राँची–834008, झारखंड, भारत

सूचना/NOTICE

"सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कम्पनियों द्वारा जारी सभी निविदाएँ कोल इंडिया लिमिटेड की वेबसाइट www.coalindia.in/ संबंधित अनुषंगी कंपनी (सीएमपीडीआई, www.cmpdi.co.in), सीआईएल ई–प्रोक्योरमेंट पोर्टल https://coalindiatenders.nic.in एवं सेंट्रल पब्लिक प्रोक्योरमेंट पोर्टल https://eprocure.gov.in पर उपलब्ध हैं। इसके अलावा, जीईएम पोर्टल https://gem.gov.in के माध्यम से भी खरीद की जाती है।"/ "All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in."


# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ


ଶିବିରରେ ଉପସ୍ଥିତ ଅଧିକାରୀମାନେ।

ବୀରମହାରାଜପୁର,୭।୮ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଗୁରୁବାର ସକାଳ ୯ଟାରେ ଦୁଇଦିନିଆ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍ସିଭ ରିଭିଜନ ବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଇଆର୍) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ତାଲିମ ଶିବିରରେ ବୀରମହାରାଜପୁର ତହସିଲଦାର ସୁଚିସ୍ମିତା ପାଣିଗ୍ରାହୀ ଓ ଡେପୁଟି କଲେକ୍ଟର ଶୁଭମ ସୁଭାସିଷ ଶତପଥୀ ତାଲିମ ପ୍ରଦାନ କରିଥିଲେ। ଜାତୀୟ ନିର୍ବାଚନ ଆୟୋଗ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ ଲେବେଲ ଅଫିସର୍ ଘରକୁ ଘର ଯାଇ କିପରି ନୂତନ ସଂଶୋଧନ ଭୋଟର ତାଲିକା କାର୍ଯ୍ୟକ୍ରମର ତଦାରଖ କରି ତୃଟିଶୂନ୍ୟ କାର୍ଯ୍ୟ ସମାପନ କରିବେ ତାହା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ବିଲଓ, ସୁପର୍‌ଭାଇଜର୍ ଯୋଗଦାନ କରିଥିଲେ। ଶୁକ୍ରବାର ଏହି ତାଲିମ ଶିବିର ଉଦ୍‌ଯାପିତ ହେବ ବୋଲି ଡେପୁଟି କଲେକ୍ଟର ଶତପଥୀ ପ୍ରକାଶ କରିଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୦୮/୧, ତାରିଖ: ୦୬।୦୮।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର–୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ ଇ–ଟେଣ୍ଡର ଆହ୍ୱାନ କରାଯାଉଛି, ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । କ୍ର.ସଂ.-୧, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୬-୨୦୨୫** । **କାର୍ଯ୍ୟର ବର୍ଣ୍ଣନା:** ରୋଲିଂ ଷ୍ଟକ୍ ବଜାୟ ରଖିବା ପାଇଁ ଖଡ଼ଗପୁର ୱାର୍କଶପ୍‌ର ପ୍ରବନ୍ଧନ୍ ଶପ୍‌ଗୁଡ଼ିକରେ ଭିତ୍ତିଭୂମି ସୁବିଧାଗୁଡ଼ିକର ପରିବର୍ଦ୍ଧନ ଓ ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୬,୩୫,୧୨,୦୦୪.୦୪ । **ଅମାନତ ରାଶି:** ₹୪,୬୭,୬୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ । **କ୍ର.ସଂ.-୨, ଟେଣ୍ଡର ନଂ.: ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୭-୨୦୨୫** । **କାର୍ଯ୍ୟର ବର୍ଣ୍ଣନା:** ୱାଗନ୍ ରିପେୟାର୍ ଶପ୍, ଖଡ଼ଗପୁର ୱାର୍କଶପ୍‌ର ସିବିସି ଓଭରହଲିଂ ସେକ୍ସନ ତଥା କରୋଜନ୍ ରିପେୟାର୍ ଶପ୍‌ର ଉନ୍ନତୀକରଣ । **ଟେଣ୍ଡର ମୂଲ୍ୟ:** ₹୯୭,୭୩,୧୩୬ । **ଅମାନତ ରାଶି:** ₹୧,୯୫,୫୦୦ । **କାର୍ଯ୍ୟ ସମାପ୍ତି ଅବଧି:** ୧୨ ମାସ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୦ (କ୍ର..ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ଖୋଲାଯିବା ତାରିଖ:** ତା୨୮।୦୮।୨୦୨୫ରିଖ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । **ବିଡିଂ ଆରମ୍ଭ ତାରିଖ:** ତା୧୪।୦୮।୨୦୨୫ରିଖରୁ ତା୨୮।୦୮।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୧ ଓ ୨ ପାଇଁ ପ୍ରତ୍ୟେକ) । ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-493)



केनरा बैंक Canara Bank A Government of India Undertaking | सिंडिकेट Syndicate

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ଉପରେ ମନ୍ଦିର ନିର୍ମାଣ ପାଇଁ ବିଭିନ୍ନ ସାମଗ୍ରୀ ପହଞ୍ଚି ପାରିବ ସେ ଦିଗରେ ସମସ୍ତେ ଆଲୋଚନା କରିଥିଲେ। କେବଳ ଶ୍ରମିକଙ୍କ ଦ୍ୱାରା ଉନ୍ନୟନ କାମ ପାଇଁ ବ୍ୟବହୃତ ସାମଗ୍ରୀ ଉପରକୁ ଉଠାଇବା ସମ୍ଭବ ହେଉ ନ ଥିବାରୁ ବାଧ ହୋଇ ଗଧ ସାହାଯ୍ୟ ନେବାକୁ ପଡିଲା ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ବଙ୍ଗୋମୁଣ୍ଡାଠାରେ ବାହାର ରାଜ୍ୟର କିଛି ଗଧ ରହିଥିବା ଖବର ପାଇ ସେଠାକୁ ଯାଇ ମାଲିକଙ୍କ ଠାରୁ ଭଡା ସୂତ୍ରରେ ୪ ଟି ଗଧକୁ ଅଣାଯାଇଥିଲା। ଗଧ ସାହାଯ୍ୟରେ ପାହାଡ ଉପରକୁ ବିଭିନ୍ନ ନିର୍ମାଣ ସାମଗ୍ରୀ ପରିବହନ କରାଯାଇ କାମ ଆରମ୍ଭ କରାଯାଇଥିବା ସ୍ଥାନୀୟ ଗ୍ରାମ୍ୟ କମିଟି ସୂଚନା ଦେଇଛି। ଗାଁ ଲୋକଙ୍କ କହିବାନୁସାରେ ଚାନ୍ଦଲି ପାହାଡ ଉପରେ ନିର୍ମାଣ ଚାଲିଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଶେଷରେ ଗଧ ସାହାଯ୍ୟ ନିଆଯାଇଛି। ଏହାଦ୍ୱାରା ପରିବହନ ଖର୍ଚ୍ଚ କାଟ ହେବା ସହ କମ ସମୟ ମଧ୍ୟରେ କାମ ସରିବ ବୋଲି ଗ୍ରାମବାସୀ ଆଶା ରଖିଛନ୍ତି। ତେବେ କାମରେ ଶ୍ରମିକ ଅଭାବ ଯୋଗୁ ଗଧ ନିୟୋଜିତ କରାଯିବା ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୨୦୦୭ ମସିହାରେ କଂଗ୍ରେସ ସରକାର ଅମଳରେ ଏମଜିଏନଆରଇଜିଏସ ଯୋଜନା ଆରମ୍ଭ ହୋଇଥିଲା । କିନ୍ତୁ ଏହି ଯୋଜନାରେ ଶ୍ରମିକମାନଙ୍କୁ ଠିକ ଭାବେ କାମ ମିଳୁନାହିଁ। ଫଳରେ ପ୍ରତିବର୍ଷ ଉକ୍ତ ଅଞ୍ଚଳରୁ ଶତାଧିକ ଶ୍ରମିକ ରାଜ୍ୟ ବାହାରକୁ କାମ କରି ଯାଉଛନ୍ତି। ଏଥିପ୍ରତି ବର୍ତ୍ତମାନ ପର୍ଯ୍ୟନ୍ତ କେହି ସଚେତନ ହୋଇ ପାରି ନାହାନ୍ତି। ଅଞ୍ଚଳରେ ଭିତ୍ତିଭୂମି ତଥା କଞ୍ଚାମାଲ ଉପଲବ୍ଧ ଥିଲେ ମଧ କୌଣସି କଳକାରଖାନା ନ ଥିବା ଯୋଗୁ ଲୋକେ ବର୍ଷସାରା କାମ ପାଇପାରୁ ନାହାନ୍ତି। ଅପରପକ୍ଷରେ ସରକାରୀ କାମରେ ନିୟୋଜିତ ହେଲେ ହେଁ ଠିକ୍ ସମୟରେ ପାଉଣା ନ ମିଳିବା ଦ୍ୱାରା ଶ୍ରମିକମାନେ ବାଧ ହୋଇ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ଯାଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ରାଜ୍ୟ ସରକାର ଶ୍ରମିକଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିଭାଗର ଉଦାସୀନତା ମନୋଭାବ ଯୋଗୁ ଅଧିକାଂଶ ଶ୍ରମିକ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ରାଜ୍ୟ ସରକାର, ଶ୍ରମ ବିଭାଗ ଏବଂ ବରିଷ୍ଠ ପଦାଧିକାରୀ ପଦକ୍ଷେପ ନେଲେ ଗଧର ସାହାଯ୍ୟ ନେବାକୁ ପଡି ନ ଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

### ସେମାନେ ଯାହା କୁହନ୍ତି...

"ଦେଷଣ୍ଡ ପଞ୍ଚାୟତ ତଥା ଆଖପାଖରେ ଶ୍ରମିକ ଅଭାବ ଦେଖା ଦେଇଛି। ଏଣୁ ପାହାଡ ଉପରକୁ ସାମଗ୍ରୀ ବୋହିବା ପାଇଁ କେହି ରାଜି ନ ହେବାରୁ ଗଧର ସାହାଯ୍ୟ ନେବାକୁ ବାଧ ହେଲୁ।

**ଇନ୍ଦ୍ରଜିତ ରାଉତ, ସଦସ୍ୟ, ଚାନ୍ଦିଲି ପାହାଡ ମହୋତ୍ସବ କମିଟି , ଦେଷଣ୍ଡ**

"ଗ୍ରାମବାସୀଙ୍କ ସହଯୋଗରେ ସାତ ଶହ ଫୁଟ ଉଚ୍ଚ ପାହାଡ ଉପରେ ଏକ ଭବ୍ୟ ମନ୍ଦିର ନିର୍ମାଣ ଚାଲିଛି। ଉପରକୁ ସିମେଣ୍ଟ, ବାଲି, ଇଟା ଆଦି ନେବା ପାଇଁ ଲୋକ ନ ମିଳିବାରୁ କାମ ଅଟକି ଯାଇଥିଲା । ଗଧ ମିଳିବା ପରେ କାମ ଆଗେଇଲା । କାମ ଚାଲୁ ହେବା ଦ୍ୱାରା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

**ରଘୁମଣି ରଣା, ଦେଷଣ୍ଡ**

"ନିର୍ମାଣ କାମରେ ଗଧର ସାହାଯ୍ୟ ନେବା ଆମ ଅଞ୍ଚଳରେ ପ୍ରଥମ ଘଟଣା। ଏହା ଦେଖିବା ପାଇଁ ଲୋକଙ୍କ ମଧ୍ୟରେ କୌତୁହଳ ପ୍ରକାଶ ପାଇଥିବା ବେଳେ ପାହାଡ ନିକଟରେ ଭିଡ ଜମୁଛି।

**ବିଦ୍ୟାଧର ନାଏକ, ଦେଷଣ୍ଡ**

## ବିଧାୟକଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ବିଧାୟକ ଲଣ୍ଡାପଥରରେ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ଦେଓଗାଁ,୭।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଗୁରୁବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଓ ବନ୍ଧପଡା ପଞ୍ଚାୟତରେ ୩ ଟି ପାନୀୟ ଜଳ ପ୍ରକଳ୍ପ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଶୁଶିଲ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ପ୍ରଥମେ ବନ୍ଧପଡାର ଛତାପିପଲ ଓ ପରେ ଲଣ୍ଡାପଥରର ଝିଙ୍କେରମାଲ ଏବଂ ଲଣ୍ଡାପଥର ପଞ୍ଚାୟତ ମୁଖ୍ୟାଳୟରେ ନବନିର୍ମିତ ଓଭରହେଡ ଟ୍ୟାଙ୍କି ଓ ପାନୀୟ ଜଳ ପ୍ରକଳ୍ପକୁ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ନେତା ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ଲକ୍ଷ୍ମଣ କୁମାର ମେହେର, ସ୍ଥାନୀୟ ସରପଞ୍ଚ ଦେବାନ୍ତି କ୍ଷେତି, ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ ଭୋଇ, ରାଜ ପ୍ରତାପ ସିଂଦେଓ, ବୁଦ୍ଧଦେବ ପରୁଆ, କୈଳାସ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଗାଡ଼ି ଭିତରେ ଟ୍ରକ୍ ଚାଳକଙ୍କ ମୃତ୍ୟୁ: କାରଣ ଅସ୍ପଷ୍ଟ

ବେଲପଡା,୭।୮ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ ଭରୁଆପାଲି ଗାଁର ଡ୍ରାଇଭର ଓକିଲ ଜାଲ(୩୫)ଙ୍କ ଗତ ୩ ତାରିଖ ଦିନ ରାଜ୍ୟ ବାହାରେ ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ଓକିଲ ପାଟଣାଗଡ଼ ସହରର ଜଣେ ମାଲିକଙ୍କ ଦଶଚକିଆ ଟ୍ରକ ଚଳାଉଥିଲେ। ମାଲିକଙ୍କ କହିବା ଅନୁସାରେ ଡ୍ରାଇଭର ଓକିଲ ସେହି ଟ୍ରକ ନେଇ ତେଲେଙ୍ଗାନା ରାଜ୍ୟକୁ ଟ୍ରାନ୍ସପର୍ଟିଂରେ ଯାଇଥିଲେ। ଗତ ୩ ତାରିଖ ଦିନ ତେଲେଙ୍ଗାନା ଅନକାପଲି ଥାନା ଅଞ୍ଚଳରେ ଟ୍ରକ ଭିତରେ ଷ୍ଟିୟରିଂ ଧରିଥିବା ଅବସ୍ଥାରେ ଓକିଲଙ୍କ ମୃତ୍ୟୁ ଘଟିଥିବା ମଙ୍ଗଳବାର ପରିବାର ଲୋକେ ଖବର ପାଇଥିଲେ । ଏହାପରେ ମୃତକଙ୍କ ଶ୍ୱଶୁର ହୃଷୀକେଶ ଚନ୍ଦନ ଓ ଶଳା ଉଦ୍ଧବ ଚନ୍ଦନ ସେଠାରେ ପହଞ୍ଚି ଥିଲେ। ସେଠାରେ ପୋଲିସ ଏକ ମାମଲା ରୁଜୁ କରି ପଞ୍ଚନାମା କରିଥିଲା। ପରେ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଥିଲା। ମୃତକଙ୍କ ସମ୍ପର୍କୀୟ ବେଲପଡା ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତ୍ୟୁର କାରଣ ଜଣାପଡିନାହିଁ। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଚଳାଇଛି। ମୃତ ଓକିଲଙ୍କ ସ୍ତ୍ରୀ ସହ ୩ ପୁଅ ଝିଅ ଅଛନ୍ତି। ମୃତ ଯୁବକଙ୍କ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଦାବି ହେଉଛି।

## କେନାଲ ଭିତରୁ ମୃତଦେହ ଜବତ

ଟିଟିଲାଗଡ଼,୭।୮ (ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ଼ ଉପକଣ୍ଠସ୍ଥ ପର୍ଯ୍ୟଟନ କ୍ଷେତ୍ର କୁମୁଡା ପାହାଡ଼ ଶିବମନ୍ଦିରର ପଛ ପଟେ ଥିବା କେନାଲରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଜବତ ହୋଇଛି । ମୃତକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେ ପ୍ୟାଣ୍ଟ ଓ ଶାର୍ଟ ପିନ୍ଧିଥିଲେ। ଗୁରୁବାର ସକାଳେ କେନାଲରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କେନାଲରେ ଖୁବ କମ ପାଣି ଥିବା ବେଳେ ସେ ବୁଡି ମରିବା ସମ୍ଭାବନା ନାହିଁ। ଅନ୍ୟପକ୍ଷରେ ମୃତଦେହର ଶରୀରରେ ଅନେକ କ୍ଷତ ଚିହ୍ନ ରହିଛି। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ମୃତଦେହ କେନାଲରୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଟିଟିଲାଗଡ଼ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ, ଆଇଆଇସି କଲ୍ୟାଣୀ ବେହେରା, ବଲାଙ୍ଗୀର ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେବା ପରେ ଯୁବକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି ।

## ଶିକ୍ଷାବର୍ଷ ଅଧାରେ କାର୍ଯ୍ୟାନୁଷ୍ଠାନ: ଚିନ୍ତାରେ ଛାତ୍ରୀ, ଅଭିଭାବକ

ଲୋଇସିଂହା,୭।୮ (ସୁଶାନ୍ତ ବାରିକ)

### କେଉଁଠି ରହି ପଢ଼ିବେ ପାଠ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ବାଞ୍ଜିପାଲି ଗ୍ରାମରେ ଚାଲିଥିବା ଡ୍ରିମ ସେଣ୍ଟର ଏଜୁକେଶନ ହଷ୍ଟେଲ ବେଆଇନ ଭାବେ ଚାଲିବା ତଥା ସେଠାକାର ଅନ୍ତେବାସୀଙ୍କୁ ଧର୍ମାନ୍ତରୀକରଣ କରାଯାଉଥିବା ନେଇ ଏକ ସଂଗଠନ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି। ବିଭିନ୍ନ ଗଣମାଧମରେ ଏହି ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତନାଘନା ହେବାରୁ ଉକ୍ତ ହଷ୍ଟେଲରେ ରହି ପାଠ ପଢୁଥିବା ଅନ୍ତେବାସୀମାନେ ଘରକୁ ଚାଲି ଯାଇଛନ୍ତି । ଏବେ କେତେଜଣ କର୍ମଚାରୀ କେବଳ ହଷ୍ଟେଲରେ ରହୁଛନ୍ତି । ଅପରପକ୍ଷେ ଜିଲାପାଳ ଉକ୍ତ ହଷ୍ଟେଲକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଥିବା ଜଣାପଡିଛି। ଶିକ୍ଷାବର୍ଷ ଅଧାରେ ଏପରି କାର୍ଯ୍ୟାନୁଷ୍ଠାନ ପରେ ହଷ୍ଟେଲରେ ରହି ପାଠ ପଢୁଥିବା ଅନ୍ତେବାସୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇ ପଡିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ହଷ୍ଟେଲରେ ଜିଲା ତଥା ଜିଲା ବାହାରର କେବଳ ଦଳିତ ବର୍ଗର ଛାତ୍ରୀମାନେ ରହିଛନ୍ତି ।୨୦୨୪-୨୫ ଶିକ୍ଷାବର୍ଷରେ ଉକ୍ତ ହଷ୍ଟେଲରେ ରହି ପାଠ ପଢୁଥିବା ଦଶମ ଶ୍ରେଣୀର ୮ ଜଣ ଏବଂ ଦ୍ୱାଦଶ ଶ୍ରେଣୀର ୮ ଜଣ ଅନ୍ତେବାସୀ ପାସ୍ ହୋଇଛନ୍ତି । ଚଳିତ ଶିକ୍ଷାବର୍ଷରେ ଏଠାରେ ୪ର୍ଥ ଶ୍ରେଣୀରୁ ଆରମ୍ଭ କରି ଯୁକ୍ତ ୨ ଯାଏ ଅଧ୍ୟୟନ କରୁଥିବା ୫୫ ଜଣ ଛାତ୍ରୀ ରହି ନିକଟସ୍ଥ ଶିକ୍ଷାନୁଷ୍ଠାନଗୁଡିକରେ ପାଠ ପଢୁଛନ୍ତି। ବର୍ତ୍ତମାନ ଶିକ୍ଷାବର୍ଷ ଅଧାରେ ପହଞ୍ଚି ସାରିଛି। ଆଗକୁ ଅର୍ଦ୍ଧବାର୍ଷିକ ପରୀକ୍ଷା ଓ ମାସିକ ପରୀକ୍ଷା ଶିକ୍ଷାନୁଷ୍ଠାନରେ ହେବାକୁ ଯାଉଛି। ଏଭଳି ସମୟରେ ଏକ ସଂଗଠନର ଅଭିଯୋଗ କ୍ରମେ ଅନ୍ତେବାସୀ ନିଜ ନିଜ ଘରକୁ ଚାଲି ଯାଇଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ହଷ୍ଟେଲରେ ଅନ୍ତେବାସୀମନେ ରହି ପାଠ ପଢୁଥିଲେ । ପ୍ରଶାସନ ପକ୍ଷରୁ ସେମାନଙ୍କ ପାଠପଢା ବ୍ୟବସ୍ଥା ନ କରି ଘରକୁ ପଠାଇ ଦିଆଯାଇଥିବାରୁ ସେମାନଙ୍କ ଭବିଷ୍ୟତ କ'ଣ ହେବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି । ଯଦି ହଷ୍ଟେଲ ବେଆଇନ ଭାବେ ଚାଲିଛି ତେବେ ଦୀର୍ଘବର୍ଷ ହେଲା କିପରି ଚାଲୁଥିଲା । ଶିକ୍ଷାବର୍ଷ ଆରମ୍ଭରୁ କାହିଁକି ବନ୍ଦ କରାଗଲାନି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଉକ୍ତ ହଷ୍ଟେଲରେ କାର୍ଯ୍ୟରତ ରୋଷେୟା ଅଞ୍ଜଳି ତାଣ୍ଡି କହିଛନ୍ତି ,ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଅସହାୟ ହୋଇପଡିଛି । ଏପରି କି ଘର ଭାଙ୍ଗି ଯିବାରୁ ଏଠିସେଠି ରହୁଥିଲେ। ହେଲେ ବିଗତ ୨ ବର୍ଷ ହେବ ଏଠାରେ କାମକଲା ପରେ ଝିଅକୁ ସେଠାରେ ରଖି ପାଠ ପଢାଉଛି। ଏହାବନ୍ଦ ହେଲେ ଆମେ କଣ କରିବୁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରେ, ଉକ୍ତ ହଷ୍ଟେଲ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଗୁରୁବାର ଏକ ଚିଠି ଆସିଛି। ଶୁକ୍ରବାର ସେ ଉକ୍ତ ହଷ୍ଟେଲକୁ ଯିବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ,କିଛିବର୍ଷ ପୂର୍ବରୁ ମଧ ଏପରି ଅଭିଯୋଗ ହେବାରୁ ଅନ୍ତେବାସୀ ଘରକୁ ଚାଲିଯାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପୁଣି ଚାଲିଥିଲା ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଛାତ୍ର ଆହତ

ସଇଁତଲା,୭।୮ (ରାଖାଲ ପ୍ରସାଦ ଶତପଥି)

ସଇଁତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ା ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ମାଡ଼ରେ ଜଣେ ଛାତ୍ର ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଟିକ୍ରାପଡ଼ା ଗ୍ରାମର ନିରୂପମା ବାଗଙ୍କ ପୁଅ ଉକ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଛନ୍ତି। ଗତ ୩୧ ତାରିଖ ଦିନ କୌଣସି କାରଣରୁ ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ର ଜଣଙ୍କୁ ମାଡ଼ ମାରବାରୁ ସେ ଆହତ ହୋଇଥିଲେ। ତାଙ୍କ ମା' ନିରୂପମା ଏ ବିଷୟରେ ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଅଦ୍ୟାବଧି ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ପୀଡ଼ିତ ଛାତ୍ରଙ୍କୁ ପରିବାର ଲୋକେ ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଘଟଣା ବିଷୟରେ ଜଣାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ସଇଁତଲା ଥାନା ପୋଲିସ ଟିକ୍ରାପଡ଼ାସ୍ଥିତ ଉକ୍ତ ସ୍କୁଲକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଟିକ୍ରାପଡ଼ା ଗ୍ରାମବାସୀ ଦାବୀ କରିଛନ୍ତି ।

## ବାଲ୍ୟ ବିବାହ ନିରୋଧ ସଚେତନତା ଶିବିର



ଶିବିରରେ ମଞ୍ଚାସୀନ ସିଭିଲ କୋର୍ଟ ଜଜ୍ ଓ ଛାତ୍ରୀମାନେ।

କଣ୍ଟାବାଞ୍ଜି,୭।୮ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ବାଳିକା ହାଇସ୍କୁଲରେ ଗୁରୁବାର ଦିନ ଏକ ବାଲ୍ୟ ବିବାହ ନିରୋଧ ସଚେତନତା ଶିବିର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହା ସ୍ଥାନୀୟ ସିଭିଲ କୋର୍ଟ ତାଲୁକ ଆଇନ ସେବା କମିଟି ଦ୍ୱାରା ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ କୁମାର ତରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ୍ ରାଜେଶ କୁମାର ନାୟାର ମୁଖ୍ୟଅତିଥି, ବରିଷ୍ଠ ସିଭିଲ ଜଜ୍ ସରୋଜିନୀ ସାହୁ, ଜେଏମଏଫସି ରାହୁଲ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ଦିନକୁ ଦିନ ନାରୀ ନିର୍ଯାତନା ଏବଂ ବାଲ୍ୟ ବିବାହ ଭଳି କୁସଂସ୍କାର ବୃଦ୍ଧି ପାଇବାରେ ଲାଗିଛି। ଏହାର କିପରି ନିରାକରଣ କରାଯାଇପାରିବ ସେ ନେଇ ଥିବା ବିଭିନ୍ନ ଆଇନ ଉପରେ ସଚେତନ କରାଯାଇଥିଲା। ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀମାନେ ମଧ କିପରି ନିଜେ ସଚେତନ ହେବେ ସେ ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ଆଇନ ଉପରେ ଅବଗତ କରାଯାଇଥିଲା। ଏହି ସଚେତନତା ଶିବିରରେ ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ, କୋର୍ଟ କର୍ମଚାରୀ ସାମିଲ ଥିଲେ।

## ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ସଇଁତଲା,୭।୮ (ରାଖାଲ ପ୍ରସାଦ ଶତପଥି)

ସଇଁତଲା ବ୍ଲକ କଅଁସର ଓ ତେଣ୍ଡିଲିପାଲି ଗ୍ରାମରେ ଏଚଆଇଏମସି ପ୍ରୋଜେକ୍ଟ ଜାଗୃତି ତରଫରୁ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଜନସାଧାରଣଙ୍କୁ ସ୍ତନ୍ୟପାନର ଉପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା । ଘୁମୁରା ନାଚ, ଗୋଷ୍ଠୀ ସଭା, ପୋଷ୍ଟ ପିଅନଙ୍କ ଦ୍ୱାରା ସ୍ତନ୍ୟପାନର ଆବଶ୍ୟକତା ସମ୍ପର୍କରେ ଗର୍ଭବତୀ ତଥା ପ୍ରସୂତି ମହିଳାମାନଙ୍କୁ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରାଯାଇଥିଲା । ମୁଖ୍ୟତଃ ଶିଶୁ ଜନ୍ମର ୪ ଘଣ୍ଟା ମଧ୍ୟରେ ଶିଶୁକୁ ସ୍ତନ୍ୟପାନ କରାଇବା, ମା'ର କଷ କ୍ଷୀର ଶିଶୁ ପାଇଁ କିଭଳି ଉପକାର କରିଥାଏ, ଜନ୍ମ ଠାରୁ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କ୍ଷୀର ପିଆଇବା, ୬ ମାସ ପରେ ଶିଶୁକୁ ଆହାର ସହ ୨ବର୍ଷ ପର୍ଯ୍ୟନ୍ତ ମା' କ୍ଷୀର ନିହାତି ପ୍ରଦାନ କରିବା କଥା ବୋଲି ପ୍ରୋଜେକ୍ଟ ଏସପିଏମ ବୋମିନ ନାୟକ ଉପସ୍ଥିତ ମହିଳାମାନଙ୍କୁ କହିଥିଲେ । କାର୍ଯ୍ୟକ୍ରମକୁ ପ୍ରୋଜେକ୍ଟ ସୁପର ଭାଇଜର ରଞ୍ଜୁ ମଣ୍ଡଳ ପରିଚାଳନା କରିଥିବା ବେଳେ ଉଭୟ ଗ୍ରାମର ବହୁ ମହିଳା ଉପସ୍ଥିତ ଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ଅତିଥିମାନେ।

# ଭେରିଫିକେଶନ ନାଁରେ ପ୍ରହସନ

### ବଲାଙ୍ଗୀର ରେସିଡେଣ୍ଟ ସାର୍ଟିଫିକେଟ୍, ୟୁପିରେ ଚାକିରି ଘଟଣା

ବଲାଙ୍ଗୀର,୭।୮ (ବୀରେନ୍ଦ୍ର କୁମାର ଝାଙ୍କର)

ଉତ୍ତର ପ୍ରଦେଶ ମଥୁରା ଜିଲାର ମୂଳ ନିବାସୀ ଅଜୟ କୁମାର। ତାଙ୍କ ମାତାଙ୍କ ନାମ ନାରଙ୍ଗୀ ଦେବୀ, ବାପାଙ୍କ ନାମ ଯୋଗେନ୍ଦ୍ର ସିଂ। କିନ୍ତୁ ୨୦୨୨ ଫେବୃଆରୀ ୬ରେ ଅଜୟ କୁମାରଙ୍କ ନାଁରେ ବଲାଙ୍ଗୀର ତହସିଲ ଅଫିସରୁ ରେସିଡେଣ୍ଟ ସାର୍ଟିଫିକେଟ୍ ଇସ୍ୟୁ ହୋଇଛି। ଉକ୍ତ ସାର୍ଟିଫିକେଟ୍‌ରେ ସେ ବଲାଙ୍ଗୀର ସହର ଗାନ୍ଧୀ ନଗରପଡ଼ା ନିବାସୀ ବୋଲି ଉଲ୍ଲେଖ ହୋଇଛି। ଠିକ୍ ସେହିପରି ଉତ୍ତର ପ୍ରଦେଶ ମଥୁରା ଜିଲାର ମୂଳ ନିବାସୀ ରଞ୍ଜନ କୁମାର, ଲବ୍ କୁଶ୍, ଶିବ୍ କୁମାର, ରବୀନ୍ଦ୍ର ସିଂ, ରବି କୁମାର ଓ ଅନ୍ୟ କେତେଜଣ ଯୁବକଙ୍କୁ ବଲାଙ୍ଗୀର ସହରର ଗାନ୍ଧୀନଗରପଡ଼ା ନିବାସୀ ଦର୍ଶାଯାଇ ସେମାନଙ୍କ ନାଁରେ ରେସିଡେଣ୍ଟ ସାର୍ଟିଫିକେଟ୍ ଇସ୍ୟୁ ହୋଇଛି। ଉପରୋକ୍ତ ଯେଉଁ ସବୁ ଯୁବକଙ୍କ ନାଁରେ ରେସିଡେଣ୍ଟ ସାର୍ଟିଫିକେଟ୍ ଇସ୍ୟୁ ହୋଇଛି ସେମାନଙ୍କ ବୟସ ୧୮ରୁ ୨୧ ବର୍ଷ ମଧ୍ୟରେ ବୋଲି ଉଲ୍ଲେଖ ରହିଛି। ଉପରୋକ୍ତ ଯୁବକମାନେ ସରକାରୀ ଚାକିରି ହାତେଇବା ପାଇଁ ବଲାଙ୍ଗୀର ତହସିଲରୁ ଅରିଜିନାଲ ରେସିଡେଣ୍ଟ ସାର୍ଟିଫିକେଟ୍ ବାହାର କରିବାରେ ସଫଳ ହୋଇଛନ୍ତି।



FORM No. I
(See Rule 2)
GOVERNMENT OF ODISHA
Office of the Tahasildar Balangir
Miscellaneous Certificate Case No E-RES/2022/217328
RESIDENT CERTIFICATE

This is to certify that Sri SHIV KUMAR son of Smt MANOJ DEVI and Shri SURESH CHAND, is a native/permanent resident of the district of BALANGIR in the state of Odisha and he/ his family is presently residing at Village/Town GANDHINAGAR PADA P.S. GANDHINAGAR Tahasil Balangir in the district of BALANGIR in the state of Odisha for 18 years(s) & 08 month(s).

Digitally signed by HAREKRUSHNA ROUT
Signature of the Revenue Officer
06/02/2022

**** This is a Digitally Signed Document And Does Not Require Signature ****

NOTE
(i) It is a digitally signed electronically generated certificate and therefore needs no ink-signed signature.
(ii) This Certificate is issued as per section 4, 5,& 6 of Information Technology Act 2000 and its subsequent amendments in 2008 and as per Revenue & Disaster Management Department Notification number IMU-13/10-4251/R&DM.
(iii) For any Query or Verification , Agency /Department / Office may visit https://edistrict.odisha.gov.in
(iv) Tampering of this Certificate will attract penal action.

ଅଭିଯୋଗ ଅନୁଯାୟୀ ବଲାଙ୍ଗୀର ତହସିଲ ଅଫିସରୁ ଇସ୍ୟୁ ହୋଇଥିବା ଉତ୍ତର ପ୍ରଦେଶର ଜଣେ ଯୁବକଙ୍କ ରେସିଡେଣ୍ଟ ସାର୍ଟିଫିକେଟ୍।

ଉତ୍ତର ପ୍ରଦେଶର 'ବିନ୍ଦାସ୍' ନାମକ ଜଣେ ବ୍ୟକ୍ତି ଏହି ରେସିଡେଣ୍ଟ ସାର୍ଟିଫିକେଟ୍ ର୍ୟାକେଟ୍ ପରିଚାଳନା କରୁଥିବା ବୁଧବାର ବଲାଙ୍ଗୀର ତହସିଲ ଅଫିସରେ ଅଭିଯୋଗ ହୋଇଥିଲା। ଉତ୍ତର ପ୍ରଦେଶରୁ ଆସିଥିବା ମୁକେଶ ସିଂ ନାମକ ଜଣେ ଯୁବକ ବଲାଙ୍ଗୀର ତହସିଲଦାର ଲଗ୍ନଜିତ ବେହେରାଙ୍କୁ ଏନେଇ ଲିଖିତ ଅଭିଯୋଗକରିବା ସହ ଏଥିରେ ବିପୁଳ ପରିମାଣର ଟଙ୍କା କାରବାର ହୋଇଥିବା କହିଥିଲେ। ବଲାଙ୍ଗୀର ନକ୍ସଲ ପ୍ରଭାବିତ ଜିଲା ହୋଇଥିବାରୁ ଏଠାକାର ରେସିଡେଣ୍ଟ ସାର୍ଟିଫିକେଟ୍‌ରେ ଚାକିରି ପାଇଁ ଆବେଦନ କଲେ ପ୍ରାର୍ଥୀ କମ୍ କଟ୍ ଅଫ୍ ମାର୍କରେ ଚାକିରି ପାଉଥିବାରୁ ଏହି

### ଆନ୍ତଃ ରାଜ୍ୟ ଜାଲ୍ ରେସିଡେଣ୍ଟ ସାର୍ଟିଫିକେଟ୍ ର୍ୟାକେଟ୍ ପ୍ରସଙ୍ଗ

ଆନ୍ତଃ ରାଜ୍ୟ ସାର୍ଟିଫିକେଟ୍ ଜାଲିଆତି ଚାଲିଥିବା ସୂଚନା ଦେଇଥିଲେ। ଏପରି କି ସାର୍ଟିଫିକେଟ୍ ଜାଲିଆତିକରି ଚାକିରି ହାତେଇଥିବା ଉତ୍ତର ପ୍ରଦେଶର କେତେଜଣ ପ୍ରଭାବଶାଳୀ ଯୁବକଙ୍କ ଡକ୍ୟୁମେଣ୍ଟ ପ୍ରଦାନକରି ଏ ଦିଗରେ ବିହିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ସେ ଦାବି କରିଥିଲେ। ଏନେଇ ଗୁରୁବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହି ଆନ୍ତଃ ରାଜ୍ୟ ରେସିଡେଣ୍ଟ ସାର୍ଟିଫିକେଟ୍ ଜାଲିଆତି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଏହି ରେସିଡେଣ୍ଟ ସାର୍ଟିଫିକେଟ୍ ଜାଲିଆତି ଘଟଣା ଜଣାପଡ଼ିବା ପରେ ବଲାଙ୍ଗୀର ତହସିଲ ଅଫିସ ପୁଣି ଥରେ ସାର୍ଟିଫିକେଟ୍ ଜାଲିଆତି ଘଟଣାରେ ଛନ୍ଦିହୋଇଛି। କିଛି ବର୍ଷ ପୂର୍ବରୁ ଜମି ଜାଲିଆତି ଘଟଣାରେ ଉକ୍ତ ଅଫିସର ତହସିଲଦାର ମଘବନ ବାଗ ଓ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କ ସମେତ ଅନେକ କର୍ମଚାରୀ ନିଲମ୍ବିତ ହୋଇଥିଲେ। ମୁକେଶ କରିଥିବା ଅଭିଯୋଗ ମୁତାବକ, ବାହାର ରାଜ୍ୟର ଯେଉଁ ବ୍ୟକ୍ତିମାନେ ବଲାଙ୍ଗୀର ତହସିଲ ଅଫିସରୁ ରେସିଡେଣ୍ଟ ସାର୍ଟିଫିକେଟ୍ ହାସଲ କରିଛନ୍ତି ସେମାନେ କେବେ ବି ବଲାଙ୍ଗୀର ଆସିନାହାନ୍ତି। ସେମାନଙ୍କ କେଉଁ ଡକ୍ୟୁମେଣ୍ଟ ଆଧାରରେ ଏବଂ କାହା ସୁପାରିସରେ ତଥା କିଭଳି ଭାବେ ସେମାନଙ୍କୁ ଏତେ ସହଜରେ ରେସିଡେଣ୍ଟ ସାର୍ଟିଫିକେଟ୍ ଦିଆଗଲା ତାହାର ଉଚିତ ତଦନ୍ତ ହେବା ନିହାତି ଜରୁରୀ ହୋଇପଡିଛି। ଏଯାବତ୍ ଅଭିଯୋଗ ହୋଇଥିବା ଉତ୍ତର ପ୍ରଦେଶର ପ୍ରାୟ ୯୦ ଜଣ ଯୁବକଙ୍କୁ କିଭଳି ଏଠାକାର ରେସିଡେଣ୍ଟ ସାର୍ଟିଫିକେଟ୍ ମିଳିଛି ସେଥିରୁ ବଲାଙ୍ଗୀର ତହସିଲ ଅଫିସରେ ଭେରିଫିକେଶନ ନାଁରେ ପ୍ରହସନ ଚାଲିଥିବା ସ୍ପଷ୍ଟ ହୋଇଛି। ଏହି ସାର୍ଟିଫିକେଟ୍ ଜାଲିଆତି ଘଟଣା ବଲାଙ୍ଗୀର ତହସିଲ ଅଫିସର କେତେଜଣ କର୍ମଚାରୀ, ଅଧିକାରୀ ଓ ଅନ୍ୟ କେତେଜଣ ମଧ୍ୟସ୍ଥଙ୍କ ବେଆଇନ ସମ୍ପୃକ୍ତି ଦିଗକୁ ଇସାରା କରୁଛି। ବଲାଙ୍ଗୀର ତହସିଲଦାର ଲଗ୍ନଜିତ ବେହେରା ଏହାର ଉଚିତ ତଦନ୍ତ ହେବ କହିଥିବାରୁ ଏବେ ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

## ସଂକ୍ଷେପରେ

### ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସୀମାଞ୍ଚଳମ୍



ବରପାଲି, ୭।୮ (ଚିତ୍ତରଞ୍ଜନ ସାହୁ): ଶାରୀରିକ ଅକ୍ଷମ ଥିଲେ ମଧ୍ୟ ଅଦମ୍ୟ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ବଳବାନ କରିଥାଏ। ଏହା ପ୍ରମାଣିତ କରି ଦେଖାଇଛନ୍ତି ବରଗଡ଼ ଜିଲା ବରପାଲି କେନାଲ ରୋଡସ୍ଥିତ ସୀମାଞ୍ଚଳମ୍ ଭୋଇ। ମାତ୍ର ୧୫ ଦିନରେ ୫ଟି ରାଜ୍ୟରୁ ୫୪୭୪ କିଲୋମିଟର ସଡ଼କ ପଥରେ ପରିଭ୍ରମଣ କରି ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇ ବରପାଲି ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବାପା ଧର୍ମେନ୍ଦ୍ର ଭୋଇ ଓ ମାତା ଡାକ୍ତର କଲ୍ୟାଣୀ କାଲସାଏଙ୍କ ପୁଅ ସୀମାଞ୍ଚଳମ୍। ପିଲାଟି ଦିନରୁ ସେ ଚାଲି ପାରନ୍ତି ନାହିଁ। କିନ୍ତୁ ନିଜେ କିଛି କରି ଦେଖାଇବାର ଦୃଢ଼ ପ୍ରୟାସ ରଖିଥାନ୍ତି। ନୂଆ ନୂଆ ଜାଗା ବୁଲିବା, ଲୋକଙ୍କ ସହ ମିଶିବା, ଆମୋଦ ପ୍ରମୋଦ ହେବା ତାଙ୍କର ଭାରି ପସନ୍ଦ। ତାଙ୍କର ସେହି ପ୍ରୟାସ ଯୋଗୁ ସେ ଭାରତର ଏକ ଗୌରବମୟ ରେକର୍ଡ ସୃଷ୍ଟି କରିପାରିଛନ୍ତି। ସୀମାଞ୍ଚଳମ୍ ଗତ ନଭେମ୍ବର ୨ରୁ ନଭେମ୍ବର ୧୭ ତାରିଖ ଯାଏ ଦୀର୍ଘ ୧୫ ଦିନ ଧରି ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟର ପ୍ରମୁଖ ତୀର୍ଥସ୍ଥଳୀ ଓ ଜ୍ୟୋତିର୍ଲିଙ୍ଗ ପରିଭ୍ରମଣ କରିଥିଲେ। ଏଥିପାଇଁ ପୂର୍ବରୁ ରୁଟ ପ୍ଲାନ କରିଥିଲେ। ଏହି ଯାତ୍ରା ପାଇଁ ମା' ବାପା ସହଯୋଗ କରିଥିଲେ ବୋଲି ସୀମାଞ୍ଚଳମ୍ କହିଛନ୍ତି।

### ୧୦୨୪ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଫେରାଇବା ପ୍ରୟାସ

ବରଗଡ଼, ୭।୮ (ପ୍ରେମାନନ୍ଦ ଖମାରୀ) ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଆସ ସ୍କୁଲ ଯିବା ବ୍ଲକ ସ୍ତରୀୟ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନକ୍ରମେ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଭୁକ୍ତଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ବରଗଡ଼ ବ୍ଲକରେ ୧୦୨୪ ଜଣ ଛାତ୍ରୀଛାତ୍ର ସ୍କୁଲ ବାହାରେ ରହିଥିବା ବିଷୟ ସୂଚନା ପ୍ରଦାନ କରି ଥିବାବେଳେ ସେମାନେ କିପରି ସ୍କୁଲକୁ ଫେରିବେ, ସେଥିପାଇଁ ବ୍ଲକ ଶିକ୍ଷା ବିଭାଗ ତରଫରୁ କରାଯାଉଥିବା ମାଇକ୍ରୋ ପ୍ଲାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ୧୦ଟିମ ଗଠନ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସିଡିପିଓ ରେଣୁକା ଷଡ଼ଙ୍ଗୀ, ଜିଲା ମଙ୍ଗଳ ଅଧିକାରୀ ଆଲୋକ ବାରିକ, ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖଙ୍କ ସମେତ ସମସ୍ତ ଏବିଇଓ, ସିଆରସିସିଙ୍କ ଉପସ୍ଥିତ ଥିଲେ।

### ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ

ପଦ୍ମପୁର,୭।୮ (ପ୍ରଦୀପ୍ତ ଦାଶ): ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠପଢ଼ା ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଯାଉଛି। ଜୁଡ଼ାସିଙ୍ଗାର ପ୍ରତିଭା ମେହେର ତୃତୀୟ ଶ୍ରେଣୀରୁ ପାଠ ଛାଡ଼ିଥିଲେ ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଦ୍ମପୁରରେ ନାମ ଲେଖାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଭୋଇ, ଏବିଇଓ ଜୟ କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ବର୍ଷା, ଶେଷଦେବ ସାହୁ ଓ ଏସ୍‌ଏମ୍‌ସି ସଦସ୍ୟା ଉପସ୍ଥିତ ଥିଲେ। ଏବିଇଓ ରାମସିଂ ଭୋଇ ମଧ୍ୟ ବିଭିନ୍ନ କ୍ଲଷ୍ଟର ଯାଇ ଡ୍ରପ ଆଉଟ ଛାତ୍ରଙ୍କୁ ଭେଟି ଶିକ୍ଷାଧାରାକୁ ଫେରିବା ପାଇଁ ପ୍ରବର୍ତ୍ତାଇଛନ୍ତି। ସେହିପରି ବାରିକେଲ କ୍ଲଷ୍ଟରର ମହମ୍ମଦ ତାଜୁଦ୍ଦିନ୍‌ଙ୍କୁ ଏସ୍‌ଆଇଓଏସ୍ ରାଜବୋଡ଼ାସମ୍ବର ହାଇସ୍କୁଲଠାରେ ସିଆରସିସି ରବି ନାରାୟଣ ପଣ୍ଡାଙ୍କ ଉପସ୍ଥିତିରେ ନାମ ଲେଖାଯାଇଛି। ବେଣ୍ଟକାରପୁରର ଶିକ୍ଷକ ଜଗବନ୍ଧୁ ବାବୁ ନିଜସ ଉଦ୍ୟମରେ ଉର୍ମିଳା ମାଝୀ, ସରସ୍ୱତୀ ମଟାରୀ, ଗୀତାଞ୍ଜଳି କାଣ୍ଡ ଓ ଦିବ୍ୟ ପଟେଲଙ୍କୁ ଏସ୍‌ଆଇଓଏସ୍ ରାଜବୋଡ଼ାସମ୍ବର ହାଇସ୍କୁଲଠାରେ ନାମ ଲେଖାଇଛନ୍ତି। ବର୍ତ୍ତମାନ ପୁଣ୍ୟ ୧୫ଜଣ ଛାତ୍ରୀଛାତ୍ରଙ୍କ ନାମ ଲେଖା ସରିଛି।

# ପାକ୍ସରେ ମାରିଲେ ତାଲା, ଡିଆରସିଏସ୍ ଅଫିସ୍‌ରେ ଧାରଣା

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ଖରିଫ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣରେ ରାଜ୍ୟ ସରକାର ଆଣିଥିବା ନୂଆନୀତିକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଅନ୍ୟପଟେ ପଞ୍ଜୀକରଣକୁ ନେଇ ବିଭାଗୀୟ ମନ୍ତ୍ରୀ ଏବଂ ଅଧିକାରୀଙ୍କ ଦୋ ମୁହାଁ ନୀତି ଚାଷୀ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି। ଏହି କ୍ରମରେ ଗୁରୁବାର ବରଗଡ଼ ସମବାୟ ଉପ ନିବନ୍ଧକ(ଡିଆରସିଏସ୍) ଅଫିସକୁ ଚାଷୀମାନେ ଘେରାଉ କରିଥିଲେ। ଘେରାଉ ସମୟରେ ଚାପା ଉତ୍ତେଜନା ଦେଖାଯାଇଥିଲା। ତେବେ ଜିଲାପାଳଙ୍କ ସହିତ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରାଯିବ ବୋଲି ଡିଆରସିଏସ୍ ଯୁଗଳ କିଶୋର ଦାଶ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଆନ୍ଦୋଳନକୁ ଓହରିଥିଲେ। ଦାବି ପୂରଣ ନ ହେଲେ ଆଗକୁ ବୃହତ୍ତର ଆନ୍ଦୋଳନ ହେବ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ।

ସୂଚନା ଅନୁଯାୟୀ, ଏଥର ପଞ୍ଜୀକରଣରେ ଚାଷୀଙ୍କ ଅଂଶୀଦାରଙ୍କ ସହମତି, ପଞ୍ଜୀକୃତ କେନ୍ଦ୍ରରେ ଅଂଶୀଦାରଙ୍କ ଉପସ୍ଥିତି, ଚକ୍ଷୁସ୍କାନ, ସହମତି ପ୍ରଦାନ ଆଦିକୁ ବାଧ୍ୟତାମୂଳକ କରାଯାଇଛି। ଏହି ପ୍ରକ୍ରିୟା ଚାଷୀମାନଙ୍କ କ୍ଷେତ୍ରରେ କାଠିକର ପାଠ ଓ ଅସୁବିଧା ହୋଇ ପଡ଼ିଛି। ଫଳରେ ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏଭଳି ନିୟମ ପ୍ରଣୟନ ଦ୍ୱାରା ଜିଲାର ୭୦ପ୍ରତିଶତ



ବରଗଡ଼ ଡିଆରସିଏସ୍‌ଙ୍କ ଅଫିସ୍ ଆଗରେ ଚାଷୀଙ୍କ ଧାରଣା।

**ନୂଆ ପଞ୍ଜୀକରଣ ନୀତି ବିରୋଧରେ ତେଜିଲା ଚାଷୀ ଆନ୍ଦୋଳନ**

ଚାଷୀ ବଞ୍ଚିତ ହେବେ ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ଗୁଡ଼ିକ ଅଭିଯୋଗ କରିଛନ୍ତି। ବିରୋଧୀ ବିଜେଡି ଏବଂ କଂଗ୍ରେସ ମଧ୍ୟ ଚାଷୀଙ୍କ ସହିତ ସ୍ୱର ମିଳାଇଛି। ନୂତନ ନିୟମ ପ୍ରତ୍ୟାହାର କରିବା ସହିତ ପୁରୁଣା ପଦ୍ଧତିରେ ଧାନ କିଣିବା ତଥା ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଦାବି କରାଯାଇଛି। ଏହି ଦାବି ନେଇ ଜିଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ସମ୍ପାଦକଙ୍କୁ ପୃଥକଭାବେ ଦାବିପତ୍ର ପ୍ରଦାନ କରାଯାଇଥିବାବେଳେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ଼ କୃଷକ ସଙ୍ଗଠନ, ଲଖନପୁର ନେତୃତ୍ୱରେ ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ।

ଏହାସତ୍ତ୍ୱେ ପଞ୍ଜୀକରଣ ପ୍ରକ୍ରିୟା ସରଳୀକରଣ ହୋଇ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କେବଳ ସ୍ୱ ଘୋଷଣାନାମାରେ ପଞ୍ଜୀକରଣ ହୋଇ ପାରିବ ବୋଲି ଗଣମାଧ୍ୟମ ଆଗରେ କହୁଥିବାବେଳେ ବିଭାଗୀୟ ଅଧିକାରୀମାନେ ସେଭଳି କିଛି ନିର୍ଦ୍ଦେଶ ରାଜ୍ୟ ସରକାରଙ୍କଠାରୁ ଆସି ନାହିଁ ବୋଲି କହୁଛନ୍ତି। କିନ୍ତୁ ସ୍ୱ ଘୋଷଣାନାମା ମାଧ୍ୟମରେ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରିବାକୁ ଇତିମଧ୍ୟରେ ବାଲେଶ୍ୱର ଜିଲାପାଳ ବିଜ୍ଞପ୍ତି ପ୍ରକାଶ କରି ସାରି ଥିବାବେଳେ ବରଗଡ଼ ଜିଲା ପ୍ରଶାସନ କାହିଁକି ସେଭଳି ପଦକ୍ଷେପ ନେଇ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ଏଭଳି ଅଭିଯୋଗ କରି ଗୁରୁବାର ପୂର୍ବାହ୍ନ ୧୦ଟାରୁ ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ବରଗଡ଼ ଡିଆରସିଏସ୍‌ଙ୍କ ଅଫିସକୁ ପହଞ୍ଚି ଧାରଣାରେ ବସିଥିଲେ। ଏପରିକି ସୋହେଲା, ସରଣ୍ଡା, ଶନିମାଲ, ଭେଡ଼େନ ପାକ୍ସରେ ତାଲା ବନ୍ଦ କରି ଚାଷୀମାନେ ଉକ୍ତ ଧାରଣାରେ ସାମିଲ ହେବା ସହିତ ଡିଆରସିଏସ୍‌ଙ୍କ ଅଫିସକୁ ଘେରାଉ କରିଥିଲେ। ନୂଆ ପଞ୍ଜୀକରଣ ବ୍ୟବସ୍ଥାରେ ଧାନବିକ୍ରି ପାଇଁ ଯେଉଁଭଳି ଢଙ୍ଗରେ ବଂଶାବଳୀ ପ୍ରସ୍ତୁତିକୁ ବାଧ୍ୟତାମୂଳକ କରାଯାଇଛି, ତାକୁ କାର୍ଯ୍ୟକାରୀ କରାଗଲେ ପାରିବାରିକ ବିବାଦ ଉପୁଜିବା ସ୍ୱାଭାବିକ ବୋଲି ସଂଯୁକ୍ତ କୃଷକ ସଙ୍ଗଠନ ଅଭିଯୋଗ କରିଛି। ଏହି ଆଧାରରେ ଧାନବିକ୍ରି ପାଇଁ ଚାଷୀ ପଞ୍ଜୀକରଣ କରାଗଲେ ଚାଷ କରୁ ନଥିବା ପରିବାରର ବିବାହିତ ମହିଳା ମଧ୍ୟ ଧାନକାର୍ଡ଼ କରି ପାରିବେ। ଏହି ଦୃଷ୍ଟିରୁ ଚାଷ କରିଥିବା ପରିବାର ସଦସ୍ୟ ସମସ୍ତ ବିକ୍ରିଯୋଗ୍ୟ ଧାନ ବିକ୍ରିରୁ ବଞ୍ଚିତ ହେବେ ଏବଂ ମହିଳାମାନଙ୍କୁ ଧାନକାର୍ଡ଼ ମିଳିଲେ, ସେହି କାର୍ଡ ଚଢ଼ାଦରରେ ବିକ୍ରି ହେବ ବୋଲି ସଙ୍ଗଠନ ଆଶଙ୍କା ପ୍ରକାଶ କରିଛି। ଏଭଳି ହେଲେ ଖାଦ୍ୟ ସଂକଟ ଦେଖାଦେବ ଏବଂ କୃଷି ଅର୍ଥନୀତିରେ ଯଥେଷ୍ଟ ପ୍ରଭାବ ପଡ଼ିବା ସହିତ ନକଲି ଚାଷୀଙ୍କୁ ଏହା ବେଶ ସୁହାଇବ ବୋଲି ଅଭିଯୋଗ ହୋଇଛି। ଫଳରେ କେବଳ ସ୍ୱ ଘୋଷଣାନାମାରେ ଚାଷୀ ପଞ୍ଜୀକରଣ କରିବା ଏବଂ ଆବଶ୍ୟକସ୍ଥଳେ ସହମତି ପତ୍ର ମାଗିବାକୁ ସଙ୍ଗଠନ ଦାବି କରିଛି।

ଏଭଳି ଦାବି ନେଇ ଚାଷୀମାନେ ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଡିଆରସିଏସ୍ ଦାଶ ପ୍ରଥମ ପର୍ଯ୍ୟାୟରେ ଆଲୋଚନା କରିଥିଲେ ତାହା ସଫଳ ହୋଇ ନଥିଲା। ଅନ୍ୟପଟେ ଉତ୍ତେଜନା ପ୍ରକାଶ ପାଉଥିଲା ଏବଂ ଚାଷୀମାନେ ଡିଆରସିଏସ୍‌ଙ୍କ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଉପସ୍ଥିତ ପୋଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ଚାଷୀମାନେ ଧାରଣା ଜାରି ରଖିଥିଲେ। ଅପରାହ୍ନ ୩ଟାରେ ଡିଆରସିଏସ୍ ଦାଶ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ଆନ୍ଦୋଳନରତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ସନ୍ଧ୍ୟା ୭ଟାରେ ଜିଲାପାଳଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନିଆଯିବ ବୋଲି ଡିଆରସିଏସ୍ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୪ଟାରେ ଚାଷୀମାନେ ଧାରଣାରୁ ଉଠିଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଉତ୍ତମ କୁମାର ଭୋଇ, ଅଜିତ ଶତପଥୀ, ରମେଶ ମହାପାତ୍ର, ନରେନ୍ଦ୍ର ଭୋଇ, ସୁରେଶ ନେକାଲି, ସୁଦାମ ପାତ୍ର, ନିରଞ୍ଜନ ପ୍ରଧାନ, ପି. ପାପାରାଓ, ଈଶାନ ଭୋଇ, ସୁରେଶ ବିଶ୍ୱାଳ, ରୋହିତ ପ୍ରଧାନ, ସାମନ୍ତ ସାହୁ, ତପନ ମିଶ୍ର, କାରଣ ସାହୁ, ବୁଦ୍ଧଦେବ ନନ୍ଦ, ରବି ଶଙ୍କର ପ୍ରଧାନ, ଟେଲାମଣି ମେହେର, ଅମୂଲ୍ୟ ସ୍ୱାଇଁ, ଶାନ୍ତନୁ ମାଝି, ସୁରେନ ସାହୁ, ସୁବାସ ସାମନ୍ତରାୟ, କୋଶଲ ସେନାର ବିରବଳ ମହାକୁଡ଼ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ରରେ ନାହିଁ ବିଦ୍ୟୁତ, ପାନୀୟଜଳ ସେବା

ଭଟଲି,୭।୮ (ବିଜୟ ମେହେର): ବରଗଡ଼ ଜିଲା ଭଟଲିରେ ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର-୪ ଏବଂ ଅଙ୍ଗନୱାଡ଼ି କେନ୍ଦ୍ର-୬କୁ ବିଦ୍ୟୁତ ଓ ପାନୀୟଜଳ ସେବା ଅପହଞ୍ଚ ହୋଇ ପଡ଼ିଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଉଭୟ ଅଙ୍ଗନୱାଡ଼ି କେନ୍ଦ୍ର ଚାଲିଛି। ତେବେ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଗୃହ କିମ୍ବା ଗୃହରେ ଏହା ଚାଲୁ ନାହିଁ। ପଞ୍ଚାୟତ ଜାଗାରେ ଏହା ଚାଲୁଛି। ତେବେ ଉଭୟ କେନ୍ଦ୍ରକୁ ସ୍ଥାନୀୟ ଶିଶୁମାନେ ନିୟମିତ ଆସୁଥିବାବେଳେ ସେଠାରେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଓ ପାନୀୟଜଳ ସେବା ମିଳି ପାରୁ ନାହିଁ। ଦୀର୍ଘ ୨ବର୍ଷରୁ ଏହି ସମସ୍ୟା ଲାଗି ରହିଥିବାବେଳେ ଏଠାକୁ ଆସୁଥିବା ଶିଶୁମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏହି ସମସ୍ୟା ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦୃଷ୍ଟିରେ ପଡୁଥିଲେ ମଧ୍ୟ ସେପ୍ରତି ସମସ୍ତେ ଆଖିବୁଜି ଦେବା ପରିତାପର ବିଷୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀ(ସିଡିପିଓ) ସେରେଣ୍ଡୀ ମହାନନ୍ଦଙ୍କୁ ପଚାରିବାରୁ ଉପରୋକ୍ତ ଉଭୟ ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଜାଗା ନାହିଁ। ଉଭୟ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଜାଗା ମଞ୍ଜୁର ହୋଇଛି। ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହେଲେ ସବୁ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ବିକାଶ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ଦିବସ

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସ୍ଥିତ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଦିପାଞ୍ଜଳି ପଟେଲ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ସ୍ୱାସ୍ଥ୍ୟ ପ୍ରତି ସ୍ତନ୍ୟପାନର ଉପକାରୀତା ଉପରେ ସେ ଆଲୋଚନା ସହିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲର, ବରଗଡ଼ର ଶିଶୁରୋଗ ବିଶେଷଜ୍ଞ ଡା. ନିଳମଣି ପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସ୍ତନ୍ୟପାନର ଲାଭ, ମା' ଓ ଶିଶୁ ପାଇଁ ସ୍ତନ୍ୟପାନର ଉପକାରୀତା ଏବଂ ବର୍ତ୍ତମାନର ସମସ୍ୟା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ନିବନ୍ଧ ଲିଖନ, ପୋଷ୍ଟର ତିଆରି, କୁଇଜ୍, ପ୍ୟାନେଲ ଆଲୋଚନା, ରଙ୍ଗୋଲି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଡା. ପାତ୍ରଙ୍କୁ ଅନୁଷ୍ଠାନ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଗ୍ଲାଡ଼ିସ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ସାପ କାମୁଡ଼ାରେ ଯୁବତୀ ମୃତ

ତରଭା,୭।୮ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କମସରା ଗ୍ରାମ ପଞ୍ଚାୟତ ଅଧୀନ ପଥରଟେକା ଗାଁର ଜଣେ ଯୁବତୀଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ବୁଧବାର ରାତିରେ ଘରେ ଶୋଇଥିବା ବେଳେ ଗାଁର ଜଗବନ୍ଧୁ ଘିବେଲାଙ୍କ ଝିଅ ସୁବାସିନୀ (୨୨)ଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବଲାଙ୍ଗୀର ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଭୋର ସମୟରେ ଡାକ୍ତର ସୁବାସିନୀଙ୍କୁ ମୃତ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତ ଯୁବତୀଙ୍କ ବାପା ଜଗବନ୍ଧୁ ଗତ ୪ବର୍ଷ ହେଲା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଝିଅର ମୃତ୍ୟୁ ଖବର ଶୁଣିବା ପରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ମୃତ ଯୁବତୀଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

### ଯୁବ ରେଡ୍‌କ୍ରସ ବୈଠକରେ ପ୍ରକୃତି ବନ୍ଧୁ ସମ୍ମାନିତ

ବରପାଲି,୭।୮ (ଚିତ୍ତରଞ୍ଜନ ସାହୁ)

ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରକୃତି ବନ୍ଧୁ ଅନ୍ତର୍ଯ୍ୟାମୀ ପଣ୍ଡାଙ୍କୁ ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ରେ ଜିଲାସ୍ତରୀୟ ଯୁବ ରେଡ଼କ୍ରସ ବୈଠକରେ ସମ୍ମାନିତ କରାଯାଇଥିଲା। ଜୀବନ କାଳ ମଧ୍ୟରେ ୭୪ଥର ରକ୍ତଦାନ କରିବା ସହ ଆଜିଯାଏ ଦଶ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ସମଗ୍ର ଜିଲା ପାଇଁ ଖ୍ୟାତି ଆଣି ଦେଇଛନ୍ତି। ଏହା ପୂର୍ବରୁ ପଣ୍ଡା ନିଜ ଦେହକୁ ଦାନ କରି ଭୁବନେଶ୍ୱରର ଦଧିଚି ସମ୍ମାନରେ ସମ୍ମାନିତ ହୋଇଥିଲେ। ଗତ ବୁଧବାର ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ନକୁଳ ସେଠଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପଦ୍ମପୁର ଅଞ୍ଚଳ କଲେଜ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର ପଦ୍ମାନନ୍ଦ ରଥ ଜଗବନ୍ଧୁ ଦାଶ, ପଦ୍ମିନୀ ଦାଶଙ୍କ ସମେତ ଛାତ୍ରୀମାନେ ଶୁଭେଚ୍ଛା ଜଣାଇଥିଲେ।

## ସ୍ୱାଧୀନତା ଦିବସ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଯୋଗିତା

ବରପାଲି,୭।୮ (ଚିତ୍ତରଞ୍ଜନ ସାହୁ)

ସ୍ୱାଧୀନତା ଦିବସ ପାଳନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଦୁଇ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଗତ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଡ୍ରଇଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଅପରାହ୍ନ ୨ଟାରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ଦିନରେ ପୂର୍ବାହ୍ନ ୧୧ଟାରେ ରଚନା ଓ ଅପରାହ୍ନ ୨ଟାରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଉପସ୍ଥିତ ଶିକ୍ଷୟିତ୍ରୀ, ପ୍ରଶାସନିକ ଅଧିକାରୀ ଓ ଛାତ୍ରୀମାନେ।

ଦୁଇଦିନ ପ୍ରତିଯୋଗିତାରେ ବିଚାରକ ଭାବରେ ଚନ୍ଦ୍ରଶେଖର ରାଉତ, ପଦ୍ମଲୋଚନ ସାହୁ, ରମାକାନ୍ତ ତ୍ରିପାଠୀ, ଧୀରୋଜ ତ୍ରିପାଠୀ, ଉଦ୍ଧବ ଗଡ଼ତିଆ, ଡ. ସୀମାଞ୍ଚଳ ପ୍ରଧାନ, ଅଜିତ ଛତ୍ରିଆ, ସରୋଜ ସାହୁ, ଡ. ଶ୍ରୀମନ୍ତ କୁମାର ଦାସ ବିଚାରକ ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର କନ ଭେନର ତଥା ବରପାଲି ତହସିଲଦାର ରୁଦ୍ରଣ ମେହେର, ବିଇଓ ମୁକୁନ୍ଦ ମହରା ଯୋଗଦାନ କରିଥିବା ବେଳେ, ଆୟୋଜକ କମିଟିର ମୁଖ୍ୟ ଚିତ୍ତରଞ୍ଜନ ସାହୁ ଓ ଅତିରିକ୍ତ ବିଇଓ ରତ୍ନକୁମାର ଭୋଇ, ମୁକୁନ୍ଦ ମେହେର, ଶିକ୍ଷୟିତ୍ରୀ ନିବେଦିତା ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ।

## ଛୁରି ଦେଖାଇ ଛାତ୍ରୀଛାତ୍ରଙ୍କୁ ଟଙ୍କା ଦାବି ଅଭିଯୋଗ



ଛାତ୍ରଙ୍କ ସହିତ ପଦ୍ମପୁର ଆଇଆଇସି ଆଲୋଚନା କରୁଛନ୍ତି।

ପଦ୍ମପୁର,୭।୮ (ପ୍ରଦୀପ୍ତ ଦାଶ)

ଚାଲିଛି ଗୁଣ୍ଡାରାଜ। କଲେଜର ଛାତ୍ରୀଛାତ୍ରଙ୍କୁ ଡିଆଯାଉଛି ଧମକ। ଏଭଳି ଏକ ଘଟଣାର ସମ୍ମୁଖୀନ ହୋଇଛନ୍ତି ପଦ୍ମପୁର ଅଞ୍ଚଳ କଲେଜର କେତେଜଣ ଛାତ୍ରୀଛାତ୍ର। ସ୍ଥାନୀୟ ଫ୍ଲାଏଓଭର ନିକଟରେ ଗୁରୁବାର ଛାତ୍ରୀଛାତ୍ରମାନେ ବସ୍‌କୁ ଅପେକ୍ଷା କରିଥିବା ବେଳେ କେତେଜଣ ଯୁବକ ସେମାନଙ୍କୁ ଛୁରି ଦେଖାଇ ଟଙ୍କା ଦାବି କରିଥିବା ଅଭିଯୋଗ ହୋଇଛି। ଏଭଳି କ୍ରମେ ପଦ୍ମପୁର ଥାନା ଆଇଆଇସି ମମତା ନାଏକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସକାଳେ ଛାତ୍ରୀଛାତ୍ରମାନେ କଲେଜ ଯିବା ପାଇଁ ଫ୍ଲାଏଓଭର ନିକଟରେ ଠିଆ ହୋଇ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାକୁ କେତେଜଣ ଯୁବକ ଆସି ଛାତ୍ରୀଛାତ୍ରଙ୍କୁ ଛୁରି ଦେଖାଇ ଟଙ୍କା ମାଗିଥିଲେ। ପରେ ଧମକଚମକ ଦେଇ ସେଠାରୁ ଚାଲିଯାଇଥିଲେ। ଏହି ଘଟଣା ପରେ ଛାତ୍ରୀଛାତ୍ର ଭୟଭୀତ ହୋଇଯାଇଥିଲେ। ଘଟଣା ବିଷୟରେ ଜାଣିବାପରେ ଏବିଭିପି କଲେଜ ୟୁନିଟ ପଦକ୍ଷେପ ନେଇଥିଲା। ସେମାନେ କଲେଜ ପ୍ରଶାସନ ପାଖରେ ସୁରକ୍ଷା ବ୍ୟବସ୍ଥା ଅଭାବ ନେଇ ପ୍ରଶ୍ନ ଉଠାଇଥିଲେ ଓ ପଦ୍ମପୁର ଆଇଆଇସିଙ୍କୁ ଜଣାଇଥିଲେ। ଆଇଆଇସି ପହଞ୍ଚି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଶୀଘ୍ର ଏକ ପୋଲିସ ଗାର୍ଡ କଲେଜ ପ୍ରାଙ୍ଗଣରେ ନିୟୁକ୍ତ କରାଯିବ। ଏହାସହିତ ଫ୍ଲାଏଓଭର ନିକଟରେ ସିସିଟିଭି କ୍ୟାମେରା ଲଗାଇବାକୁ ଆଶ୍ୱାସନ ଦେଇଛନ୍ତି, ଯାହାକୁ ଗତ ଦିନରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଏବିଭିପି ଦ୍ୱାରା ଅନୁରୋଧ କରାଯାଇଥିଲା।

## ପାଇକମାଳ ହାଇସ୍କୁଲରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପାଇକମାଳ, ୭।୮ (ବସ୍ତ୍ର ଶତପଥୀ)

ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଳ ପ୍ରେକ୍ଷାଳୟରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଡ. ଦାବଶ କୁମାର ପଧାନଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ରେଡ଼କ୍ରସ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଲେଶ୍ୱର ସାହୁ ପ୍ରାଥମିକ ଚିକିତ୍ସାରେ ଦୁର୍ଘଟଣା ସମୟରେ କେମିତି ତତ୍‌କ୍ଷଣାତ୍ ଉଦ୍ଧାର କରି ଜୀବନ ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୧୮୧ ଜଣ ଛାତ୍ରୀଛାତ୍ର ଏହି ପ୍ରଶିକ୍ଷଣ ନେଇଥିଲେ। ବ୍ଲକ ସଂଯୋଜକ ଲୋକନାଥ ସାହୁ ଓ ବିଦ୍ୟାଳୟର କାଉନ୍‌ସେଲର ଆନନ୍ଦିନୀ ସେଠ୍ ମଞ୍ଚାସୀନ ଥିଲେ ।



ଜଣେ ଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଥମୁନି ନିଶା କାରବାର, ଏସ୍‌ପିଙ୍କୁ ଫେରାଦ

ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ନିଶା କାରବାର ବଢ଼ି ଚାଲିଛି। ଏହି କାରବାର ରୋକିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ପୋଲିସ ଏବଂ ଅବକାରୀ ମଧ୍ୟ ବିଭାଗୀୟ ଢଙ୍ଗରେ ବିଭିନ୍ନ ସମୟରେ ଚଢ଼ାଉ କରୁଛନ୍ତି। କିନ୍ତୁ ଜିଲାରେ ନିଶା କାରବାର ଥମିବାର ନାଁ ନେଉ ନାହିଁ। ଏଭଳିଭାବେ ବରଗଡ଼ ପୌର ପରିଷଦର ୱାର୍ଡ ନଂ-୧୫ ଅଧୀନ ଗୋବିନ୍ଦପାଲିରେ ନିଶା କାରବାର ଓ ନିଶା ସେବନ ଦିନକୁ ଦିନ ବଢ଼ିବାରେ ଲାଗିଛି ଏବଂ ଏଥିପାଇଁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଗୁରୁବାର ଗୋବିନ୍ଦପାଲି ପଡ଼ାବାସୀ ମିଳିତଭାବେ



ବରଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ବରଗଡ଼ ଏସ୍‌ପିଙ୍କୁ ଦାବିପତ୍ର ଦେଇଛନ୍ତି। ଏ ନେଇ ଏସପି ପି. ଏସ ମୀନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋବିନ୍ଦପାଲି ସ୍କୁଲ ପଛପଟେ, ନାଗାଚା ମନ୍ଦିର ପଛପଟେ ନିଶାଖୋରଙ୍କ ଆଡ୍ଡା ଜମି ଥିବାରୁ ପଡ଼ାବାସୀଙ୍କ ମନରେ ଭୟ ସୃଷ୍ଟି ହେଉଛି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ବିଭିନ୍ନ ସମୟରେ ପୋଲିସ ପାଟ୍ରୋଲିଂ, ଆଖପାଖକୁ ଚିହ୍ନଟ, ସିସିଟିଭି ଲଗାଇବା, ସ୍ପିଡ଼ ଗାଡ଼ି ଚାଳନ ଉପରେ ଅଙ୍କୁଶ ଲଗାଇବା, ଏଥିପାଇଁ ସଚେତନତା ସୃଷ୍ଟି କରିବା କିମ୍ବା ହେଲ୍ପ ଲାଇନ ନମ୍ବର ଯୋଗାଇ ଦେବାକୁ ପଡ଼ାବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଜନବହୁଳ ଗୋବିନ୍ଦପାଲିରେ ଗୋଟିଏ ପୋଲିସ ଫାଣ୍ଡି ସ୍ଥାପନ କରିବାକୁ ଦାବି ହୋଇଛି। ପଡ଼ାର ଜାପାନ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, ସୁଶାନ୍ତ ଦାଶ, କାଉନସିଲର ଅଙ୍କୁର ବାରିକ, ସୁଜିତ ସାହୁ, ସାତାରାମ ନାଏକ, ଗୋପାଳ ପ୍ରଧାନ, ରାଜେଶ ରଥ, ଉତ୍ପଳ ପ୍ରଧାନ, ତୋଷକର ସାହୁ, କେଦାର ସାହୁ, ସୁରେନ୍ଦ୍ର ସାହୁ, ସଞ୍ଜୀବ ମହାନ୍ତି, ଭବାନୀ ସାହୁ, କୁନା ବିଭାର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବର୍ଷୀୟାନ ନାଗରିକଙ୍କ ପରଲୋକ

ସୁନ୍ଦରଗଡ,୭।୮ (ଜୟ ନାରାୟଣ ମେଣ୍ଡୁଲି):



ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସହରର ଜଣାଶୁଣା ପୁରୁଖା (ବର୍ଷିୟାନ)ନାଗରିକ ଖଲି ପାଢୀ(୯୭)ଙ୍କ ବୁଧବାର ପରଲୋକ ଘଟିଛି। ସହରର ମାନ୍ୟଗନ୍ୟ ବ୍ୟକ୍ତି ଡା. ଦିଲୀପ କୁମାର ମିଶ୍ର, ଧର୍ମଶାଳା ଦୁର୍ଗା ପୂଜା କମିଟିର ସଦସ୍ୟ ତଥା ଜିଲା ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀ, ସମ୍ପାଦକ ବେଣୁମାଧବ ତ୍ରିପାଠି, ସହରର ସମସ୍ତ ମନ୍ଦିର କର୍ମକର୍ତ୍ତା, ବିଧାୟକ ଯୋଗେଶ କୁମାର ସିଂହ ତଥା ଶତାଧିକ ସୁନ୍ଦରଗଡବାସୀ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦେଇ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଗୁରୁବାର ତାଙ୍କର ଶେଷକୃତ ସମ୍ପନ୍ନ ହୋଇଛି।

# ୧୪,୫୫,୩୯୨ଜଣଙ୍କୁ ଦିଆଯିବ ଔଷଧ

## ଫାଇଲେରିଆ ନିରାକରଣ ଅଭିଯାନ ନେଇ ଖରଦାତା ସମ୍ମିଳନୀ

ସୁନ୍ଦରଗଡ଼,୭।୮ (ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ସୁନ୍ଦରଗଡ ଜିଲ୍ଲାର ୧୭ଟି ବ୍ଲକରେ ଲିମ୍ଫାଟିକ ଫାଇଲେରିଆସିସ (ଏଲଏଫ) ଦୂରୀକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମଡିଏ) ଆୟୋଜିତ ହେବ। ସେ ସମ୍ପର୍କରେ ଗୁରୁବାର ମୁଖ୍ୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସୁରେଶ ଚନ୍ଦ୍ର ମହାନ୍ତି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶିବାଶିଷ ମହାରଣା, ଏଡିପିଏଚଓ (ଭିବିଡି) ଡାକ୍ତର ଭକ୍ତ ମୋହନ ସ୍ୱାଇଁ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ବିଶ୍ୱମ୍ଭର ବେହେରା, ଜିଲ୍ଲା ପରାମର୍ଶଦାତା (ଭିବିଡି) ବସନ୍ତ କୁମାର ପଣ୍ଡା ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଫାଇଲେରିଆସିସ ଦୂରୀକରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଉପରେ ଆଲୋଚନା କରାଯାଇଥିଲା। ଚଳିତ ଅଗଷ୍ଟ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲାରେ ଅନୁଷ୍ଠିତ ହେବ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ। ନୂଆଗାଁ ବ୍ଲକ ବ୍ୟତୀତ ଅନ୍ୟ ସମସ୍ତ ୧୬ଟି ବ୍ଲକରେ ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ଏହି ଔଷଧ ସେବନ କରାଇବା ନିମନ୍ତେ ୪୯୦୫ ସଂଖ୍ୟକ ତାଲିମ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ପ୍ରତି ଘରକୁ ଘର, ବିଦ୍ୟାଳୟ, ମହାବିଦ୍ୟାଳୟ, ଫ୍ୟାକ୍ଟ୍ରି ଆଦି ଗୁଡିକରେ ଔଷଧ ସେବନ କରାଇବେ। ଜିଲାର ଏହି ୧୬ଟି ବ୍ଲକର ୧୪ ଲକ୍ଷ ୫୫ ହଜାର ୩୯୨ ଜଣ ଲୋକ ଏହି ଔଷଧ ଖାଇବେ। ଏହି ଅଭିଯାନକୁ ୫୦୨ ଜଣ ସୁପରଭାଇଜର ତଦାରଖ କରିବେ। ୨ ବର୍ଷରୁ କମ ବୟସ୍କ ଶିଶୁ, ଗର୍ଭବତୀ ମହିଳା, ଗୁରୁତର ଅସୁସ୍ଥ ବ୍ୟକ୍ତି ଏହି ଔଷଧ ଖାଇବେ ନାହିଁ। ୬ ବର୍ଷ ଏବଂ ତା' ଠାରୁ ଅଧିକ ବୟସର ପିଲାମାନେ ଆଇଭରମେକଟିନ ବଟିକା ଖାଇବେ। ପ୍ରସବର ପ୍ରଥମ ସପ୍ତାହ ମଧ୍ୟରେ ସ୍ତନ୍ୟପାନ କରାଉଥିବା ମା'ମାନଙ୍କୁ ଆଇଭରମେକଟିନ ବଟିକା ଖାଇବାକୁ ବାରଣ ରହିଛି। ସେହିଭଳି ୨ରୁ ୫ ବର୍ଷ ବୟସର ପିଲାମାନେ କେବଳ ଡିଇସି ଏବଂ ଆଲବେଣ୍ଡାଜୋଲ ବଟିକା ଖାଇବେ। ଆଲବେଣ୍ଡାଜୋଲ ବଟିକାକୁ ଚୋବାଇ ଖାଇବା ଉଚିତ୍। ଖାଲି ପେଟରେ ଏହି ଔଷଧକୁ ଖାଇବାକୁ ବାରଣ ରହିଛି। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ। ଯଦି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା ହେଲେ ଭୟଭୀତ ନ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ। ସେହିଭଳି ସାମୂହିକ ଔଷଧ ସେବନ କରି ସୁନ୍ଦରଗଡ ଜିଲ୍ଲାକୁ ଫାଇଲେରିଆ ମୁକ୍ତ କରିବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ଅଧିକାରୀ ଓ ଅନ୍ୟମାନେ।

# ଜଙ୍ଗଲରେ ବୁଲୁଛି ବାଘ, ସତର୍କ କଲା ବନ ବିଭାଗ


ଉଜ୍ଜ୍ୱଳପୁର ବନାଞ୍ଚଳ ଅନ୍ତର୍ଗତ ସାନପତ୍ରାପାଲିରେ ବନ ବିଭାଗ ପକ୍ଷରୁ ମାଇକ ଯୋଗେ ସତର୍କ କରାଯାଉଛି।

ସୁନ୍ଦରଗଡ,୭।୮ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ଧାଙ୍ଗେରୁଡି ଓ ଆଠକୋଶିଆ ରିଜର୍ଭ ଜଙ୍ଗଲରେ ଗତ ୨ଦିନ ହେବ ପଡୋଶୀ ଛତିଶଗଡ଼ ରାଜ୍ୟ ଜଙ୍ଗଲରୁ ଏକ ବାଘ ଚାଲିଆସିଥିବା ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଦେଖାଯାଇଛି। ଏହି ବାଘକୁ ପ୍ରଥମେ ଲେଫ୍ରିପଡା ବନାଞ୍ଚଳ ବଏଲମା ବିଟର ଧାଙ୍ଗେରଗୁଡି ରିଜର୍ଭ ଜଙ୍ଗଲରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନବିଭାଗ ବାଘର ଗତିବିଧି ଉପରେ ନଜର ରଖିବା ସହ ସ୍ଥାନୀୟ ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରିଛି। ଏହି ସମୟ ଭିତରେ ଜଙ୍ଗଲ ଭିତରକୁ ନ ଯିବା ଓ କୌଣସି ଗୃହପାଳିତ ପଶୁକୁ ମଧ୍ୟ ନ ଛାଡିବାକୁ କୁହାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ବାଘର ଚଳପ୍ରଚଳ ସମ୍ପର୍କରେ କୌଣସି ପ୍ରମାଣ ମିଳିପାରି ନାହିଁ ବୋଲି ଲେଫ୍ରିପଡା ବନାଞ୍ଚଳର ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ନାଏକ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ପଡୋଶୀ ଛତିଶଗଡ଼ ସୀମାକୁ ଲାଗିଥିବା ବଏଲମା ବିଟ ହାଉସ ଅନ୍ତର୍ଗତ ଧାଙ୍ଗେରୁଡି ରିଜର୍ଭ ଜଙ୍ଗଲରେ ବାଘ ବୁଲୁଥିବା ଲୋକେ ଦେଖି ଖବର ଦେଇଥିଲେ। ସେହି ଅଞ୍ଚଳରେ କିଛି ପାଦ ଚିହ୍ନ ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଏହି ପାଦ ଚିହ୍ନ ବାଘର କି ନୁହଁ ସ୍ପଷ୍ଟ ଜଣାପଡିନାହିଁ। ଯଦି ଛତିଶଗଡ଼ ରାଜ୍ୟ ଜଙ୍ଗଲରୁ ଚାଲିଆସିଥାଏ ତା'ହେଲେ ସୁନ୍ଦରଗଡ ଆଠକୋଶିଆ ଜଙ୍ଗଲ ଭିତରକୁ ଚାଲିଯାଇଥିବା ଅନୁମାନ କରାଯାଉଛି। ଗତ ସପ୍ତାହେ ପୂର୍ବରୁ ଓଡ଼ିଶା ସୀମାକୁ ଲାଗିଥିବା ଛତିଶଗଡ଼ ରାଜ୍ୟ ଯମୁନା ବିଟ ହାଉସ ଅଞ୍ଚଳରେ ଗୋଟିଏ ଗୋରୁକୁ ବାଘ ମାରି ଖାଇଥିବା ଖବର ରହିଛି। ସେହିପରି ଉଜ୍ଜ୍ୱଳପୁର ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦ କହିଛନ୍ତି, ବାଘ ଜଙ୍ଗଲରେ ବୁଲୁଥିବାର କୌଣସି ପ୍ରମାଣ ନାହିଁ। ଆଠକୋଶିଆ ରିଜର୍ଭ ଜଙ୍ଗଲରେ ଲାଗିଥିବା ୫ଟି କ୍ୟାମେରାରେ ମଧ୍ୟ କିଛି ରେକର୍ଡ ହୋଇନାହିଁ। ତଥାପି ବାଘ ଯଦି ଆସିଥିବ ତା'ହେଲେ ଆସନ୍ତା ଦୁଇଦିନ ଭିତରେ ଶିକାର କରିବ। ତଥାପି ବନ ବିଭାଗ ପକ୍ଷରୁ ମାଇକ୍ ଯୋଗେ ଲୋକଙ୍କୁ ସତର୍କ କରିଦିଆଯାଇଛି ବୋଲି କହିଛନ୍ତି।

# ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ

ବଡ଼ଗାଁ,୭।୮ (ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପକ୍ଷରୁ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଲେଜ ପରିସରରେ ବିଶ୍ୱ ସ୍ତନ୍ୟପାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ମା' କ୍ଷୀରର ମହତ୍ତ୍ୱ ବିଷୟ ବସ୍ତୁ ଆଧାରିତ ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। ଏଥିରେ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ସାରଦା ପ୍ରସନ୍ନ ଜେନା, ବିପିଏମ ଗୀତାଞ୍ଜଳି ରାଉତରାୟ, ପିଏଚଓ ଚିତ୍ରସେନ ସାହୁ, ବିଏନସି ପ୍ରିନ୍ସିପାଲ ସମାପିକ ରାଉତ, ଭାଇସ ପ୍ରିନ୍ସିପାଲ ବବିତା ପ୍ରଧାନ, ନିର୍ଦ୍ଦେଶକ କେଶବ ସାହୁ, ସୁବ୍ରତ ବିଶ୍ୱାଳ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାଙ୍କ ମଧ୍ୟରେ ସ୍ତନ୍ୟପାନର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଥିଲା। ସେହିପରି ବଡ଼ଗାଁ ନର୍ସିଂ କଲେଜ ପରିସରରେ ବିଶ୍ୱ ସ୍ତନ୍ୟପାନ ଦିବସ ଦିବସ ପାଳିତ ହୋଇଛି। ଛାତ୍ରୀଛାତ୍ରମାନଙ୍କୁ ନେଇ ସ୍ତନ୍ୟପାନ ବିଷୟ ବସ୍ତୁକୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଚେୟାରମେନ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରତିଯୋଗିତା ଗୁଡ଼ିକର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ପୁରସ୍କୃତ ପ୍ରତିଯୋଗୀଙ୍କ ସହିତ ଅତିଥିମାନେ।

# ଛାତ୍ରୀ, ମହିଳା ସୁରକ୍ଷା ନିଶ୍ଚିତ କର



ଦାବିପତ୍ର ଦେବାକୁ ଆସିଥିବା ବିଜେଡି କର୍ମକର୍ତ୍ତାମାନେ।

ସୁନ୍ଦରଗଡ,୭।୮ (ଜୟ ନାରାୟଣ ମେଣ୍ଡୁଲି)

## ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ବିଜେଡିର ସ୍ମାରକପତ୍ର

କଲେଜ ଛାତ୍ରୀ ଓ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯାତନା ସହ ହିଂସାତ୍ମକ ଅପରାଧ ବିରୋଧରେ ପୋଲିସ କର୍ତ୍ତୃପକ୍ଷ ନିରବତା ଅବଲମ୍ବନ ନ କରି ତ୍ୱରିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ୍ୟାୟ ପ୍ରଦାନ କରିବା ଦାବିରେ ସୁନ୍ଦରଗଡ଼ ଜିଲା ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ପୋଲିସ ଡିଜିଙ୍କୁ ଏସପିଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିଦିନ ରାଜ୍ୟରେ ମହିଳା, ଛାତ୍ରୀଙ୍କୁ ଅପହରଣ ସହ ଗଣ ବଳାତ୍କାର, ହତ୍ୟା ପରି ଅପରାଧ ଘଟୁଛି। ଏସବୁ ରୋକିବା ଦିଗରେ ପୋଲିସ ବିଫଳ ହୋଇଥିବାରୁ ଏହାକୁ ପ୍ରତିବାଦ କରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଡିଆରଡିଏ ଛକରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳ କର୍ମୀଙ୍କ ସହ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଏସପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏସପିଙ୍କ ଅନୁପସ୍ଥିତିରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୟଦ ଶେହେବାଜ ହୁସେନଙ୍କ ସମେତ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, ଜୟ ନାରାୟଣ ତ୍ରିପାଠୀ, ମୁକେଶ ପୁରୋହିତ, ସୁମନ୍ତ ସାହୁ, ଅନିରୁଦ୍ଧ ସାହୁ, ଆଶିଷ ତ୍ରିପାଠୀ, ନିଖିଲ ସାହୁ, ନରଦିପ ସିଂ, ସୁଧାଂଶୁ ଦାଶ, ବିସ୍ମୟ ପଟ୍ଟନାୟକ, ଉମେଶ ଶର୍ମା, ବିଶ୍ୱଜିତ ରାଉତ, ମଙ୍ଗଳ ପ୍ରଜାପତି, ଗୌରାଙ୍ଗ ଧଳ, ଏମଡି ସାହିଦ, ରୋସନ ସାହୁ, ସୁନିଲ ମହାପାତ୍ର, ଅମନ ହୁସେନ, ସୌମ୍ୟ ସାହୁ, ଯୁକ୍ତେଶ୍ୱର୍ ସାହୁ, ସୁକାନ୍ତ ରୋଗିଦାସ, ଶୁଭମ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିରିଙ୍ଗାଟୋଲି ଏସ୍‌ବିଆଇ ତରଫରୁ ଜନ ସୁରକ୍ଷା ସମାବେଶ

କୁତ୍ରା,୭।୮ (ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ବିରିଙ୍ଗାଟୋଲିରେ ଗୁରୁବାର ସ୍ଥାନୀୟ ଏସବିଆଇ ଶାଖା ପକ୍ଷରୁ ଜନ ସୁରକ୍ଷା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କୁତ୍ରା ବିଡ଼ିଓ ଯୁଗଳକିଶୋର ବିଶ୍ୱାଳ ଯୋଗଦେଇଥିବା ବେଳେ ଝାରସୁଗୁଡ଼ା ଏସବିଆଇ ଆରଏମ ଭବାନିଶଙ୍କର ମହାକୁଡ଼, ପ୍ରାଶାସନିକ କାର୍ଯ୍ୟାଳୟ ସମ୍ବଲପୁରର ସଙ୍ଗୀତା କ୍ଲିଟସ, ଏଲଡିଏମ ସୁନ୍ଦରଗଡ଼ ଗଗନବିହାରୀ ଡାଲ, ମ୍ୟାନେଜର ଏଫଆଇ ଝାରସୁଗୁଡ଼ା ପ୍ରଦୀପ ଲୁଗୁନ ସମେତ କୁତ୍ରା ଓ ପଞ୍ଚରା ବ୍ୟାଙ୍କ ମ୍ୟାନେଜର ମଞ୍ଚାସିନ ଥିଲେ। ଏହି ଜନ ସୁରକ୍ଷା ସମାବେଶରେ ପିଏସଏସ ବିଓ୍ୱାଇ , ପିଏମ ଜେଜେବିଓ୍ୱାଇ ,ଏପିଓ୍ୱାଇରେ ଅନ୍ତର୍ଭୁକ୍ତ ହେବାକୁ କହିଥିଲେ। ୨ଜଣ ପିଏମ ଜେଜେବିଓ୍ୱାଇ ହିତାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ତାସହିତ କିଭଳି ସାଇବର ଠକେଇ ହେଉଛି ସେ ବିଷୟରେ ସମସ୍ତଙ୍କୁ ସଚେତନ କରିଥିଲେ। ଏହି ଅବସରରେ ବ୍ୟାଙ୍କ ମିତ୍ର କଲ୍ୟାଣି ସା, ପୁଷ୍ପାଞ୍ଜଳି ବାରିକ, ସମସ୍ତ ଏମବିକେ, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ବିରିଙ୍ଗାଟୋଲି ବିଏମ ରିତେସ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।



ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

# ଭେଷଜ ପଟେଲ କଲେଜରେ ନିଶାମୁକ୍ତ କାର୍ଯ୍ୟକ୍ରମ

ସୁନ୍ଦରଗଡ,୭।୮ (ଜୟ ନାରାୟଣ ମେଣ୍ଡୁଲି)

ହେମଗିରି ବ୍ଲକ ସ୍ଥିତ ଭେଷଜ ପଟେଲ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ରେ ଗୁରୁବାର ଏନଏସଏସ ୟୁନିଟ ତରଫରୁ ନିଶାମୁକ୍ତ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିବା ପାଇଁ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ମନ ଓ ଶରୀରର ସୁସ୍ଥତା ପାଇଁ ଏକ ଯୋଗ ଏବଂ ପ୍ରାଣାୟମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମିନତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏନଏସଏସର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ନମିତା ମାଝୀ, ଅଧ୍ୟାପକ ସୁକାନ୍ତ ଆର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅମଲା ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଲହୁଣୀପଡା,୭।୮ (ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ସଭାଗୃହଠାରେ ଗୁରୁବାର ଅମଲା ସଂଘ ପକ୍ଷରୁ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଦାବି ଗୁଡିକ ଯଦି ସରକାର ପୂରଣ ନ କରନ୍ତି ତା ହେଲେ ଅମଲା କର୍ମଚାରୀ ଅଗଷ୍ଟ ୧୧ ତାରିଖରୁ ସମୂହ ଛୁଟିରେ ରହି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିବା ଜଣାପଡିଛି। ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ ଜିଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ମୂଳ ଦରମା ଓଆରଏସପି ୨୦୧୭ ନିୟମ ଅନୁଯାୟୀ ଲେବେଲ ୯କୁ ବୃଦ୍ଧି କରିବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ଚିଠି ଅନୁସାରେ ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ନୂତନ ପଦବୀ ସୃଷ୍ଟି ଓ ପଦବୀ ଗୁଡିକର ପୁନର୍ଗଠନ କରିବା, ୨୦ ଲକ୍ଷ୍ୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିମା ଲାଗୁ ,ପୁନଃ ଥଇଥାନକୁ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳି ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେ କୌଣସି ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ରାଜସ୍ୱ ସେବା ପଦ୍ଧତିରେ ରାଜସ୍ୱ ଅମଲାମାନଙ୍କୁ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନସନ ଯୋଜନାକୁ ରଦ୍ଦ କରି ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ନେଇ ଦାବି ପତ୍ରରେ ଉଲ୍ଲେଖ ଥିବା ଜଣାପଡିଛି। ବଣେଇ ଉପଖଣ୍ଡ ଅମଲା ସଂଘ ପକ୍ଷରୁ ଦେବରାଜ କୀର୍ତ୍ତିଚନ୍ଦ୍ର ନାୟକ, ଅରୁଣ କୁମାର ସାହୁ, ସରୋଜ ପ୍ରଧାନ, ବୁଲୁରାଏ ନାଏକ, ଡ଼ଲିରାଣୀ ପ୍ରଧାନ, ନରେନ୍ଦ୍ର କିଷାନ ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଓପି ଜିନ୍ଦଲଙ୍କ ଜନ୍ମ ବାର୍ଷିକୀରେ ଫୁଟବଲ ଟୁର୍ନାମେଣ୍ଟ

ଟେନ୍‌ସା,୭।୮ (ସମୀର କୁମାର ପାଢ଼ୀ)

ଜିନ୍ଦଲ ଷ୍ଟିଲ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ତଥା ଜିନ୍ଦଲ ପରିବାର ମଧ୍ୟରେ ବାଉଜୀ ଭାବେ ଲୋକପ୍ରିୟ ଓମପ୍ରକାଶ ଜିନ୍ଦଲଙ୍କ ୯୫ତମ ଜନ୍ମ ବାର୍ଷିକୀ ପାଳନ କରିଛି। ଏହି ଅବସରରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ ଓ ଟେନସା ମାଇନ୍ସ ପକ୍ଷରୁ ବିଭିନ୍ନ ଆଧାତ୍ମିକ, ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଟେନସା ୟୁନିଟରେ ମଧ୍ୟ ଟାଉନଶିପ ମନ୍ଦିରରେ ପୂଜାର୍ଚ୍ଚନା ସହ ଜନ୍ମ ବାର୍ଷିକୀ ପାଳିତ ହୋଇଥିଲା। ୟୁନିଟ ହେଡ ଶ୍ରୀ ଆର ଏସ ରଘୁବଂଶୀ, ଅନ୍ୟ କର୍ମଚାରୀ ଓ ସେମାନଙ୍କ ପରିବାର ଏଥିରେ ସାମିଲ ହୋଇଥିଲେ। ଟେନସା ସିଏସଆର ଟିମ ପକ୍ଷରୁ ଓପି ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳର ୧୯ଟି ଦଳ ଅଂଶଗ୍ରହଣ କରିଥିଲେ। ଟିମ ଶସ୍ୟକଳା ଓ ଟିମ ଜିରୋ ପଏଣ୍ଟ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକର ମାଧ୍ୟମରେ ଟିମ ଜିରୋ ପଏଣ୍ଟ ଟିମ ଶସ୍ୟକଳାକୁ ୪-୨ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବଣାଇ ଉପ ଜିଲାପାଳ ପିଲ୍ଲେ ଓ ସମ୍ମାନିତ ଅତିଥିଭାବେ ବିକେଟି କ୍ଲଷ୍ଟର ହେଡ ପ୍ରମୋଦ କୁମାର ପାତ୍ର, ଟେନସା ୟୁନିଟ ହେଡ ଆର ଏସ. ରଘୁବଂଶୀ ଓ ସିଏସଆର ହେଡ ଭର୍ଜିଲ ଲାକ୍ରା ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମାନ୍ୟବର କୁରୁକ୍ଷେତ୍ର ଏମପି ତଥା ଜିନ୍ଦଲ ଷ୍ଟିଲର ଅଧକ୍ଷ ନବୀନ ଜିନ୍ଦଲ ମହାନ ଦୂରଦର୍ଶୀ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଉଲ୍ଲେଖ କରିଛନ୍ତି, ବାଉଜୀ ଓମପ୍ରକାଶ ଜିନ୍ଦଲଜୀ କେବଳ ଜଣେ ମହାନ ଶିଳ୍ପପତି ନ ଥିଲେ, ସେ ଥିଲେ ଜଣେ ବାସ୍ତବ କର୍ମଯୋଗୀ, ଜନସେବକ, ସାମାଜିକ ସଂସ୍କାରକ ଓ ଆତ୍ମନିର୍ଭର ଭାରତ ଗଠନର ଅଗ୍ରଦୂତ। ତାଙ୍କ ଚିନ୍ତା, ମୂଲ୍ୟବୋଧ, ନୀତି ଆମକୁ ଆଜି ବି ମାର୍ଗଦର୍ଶନ କରାଉଛି। ଆଜି ତାଙ୍କ ଜନ୍ମବାର୍ଷିକୀରେ ଆମେ ହୃଦୟରୁ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରଶ୍ନୋତ୍ତରୀ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ହେଡ ପ୍ରମୋଦ କୁମାର ପାତ୍ର ଓ ବଡ଼ବିଲ ୟୁନିଟ ହେଡ ପୁରୁଷୋତ୍ତମ ଏମଡି ୧୮ଜଣ ଅନ୍ତର୍ଜାତୀୟ ଉସୁ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାଶିଆ ୟୁନିଟ ପକ୍ଷରୁ ଆଦିବାସୀ ବିକାଶ ସମିତିର ଶତାଧିକ ଛାତ୍ରୀଛାତ୍ରଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ବିକେଟି ୟୁନିଟର ୟୁନିଟ ହେଡ, ଏଚଆର ମୁଖ୍ୟ ଓ ସିଏସଆର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ସଂକ୍ଷେପରେ

### ଜାତୀୟ କୃମିନାଶକ ଦିବସ କର୍ମଶାଳା

ପଡିଆବାହାଲ,୭।୮ (ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ମହୁଲପାଲି ଅରବିନ୍ଦ ନିକେତନଠାରେ ଗୁରୁବାର ବ୍ଲକସ୍ତରୀୟ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଯୁଯୁମୁରା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶୁଭମ ରଞ୍ଜନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ପିଏଚ୍‌ଇଓ ଅଗସ୍ତି ଚରଣ ଗଡତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡା. ଦେବରାଜ ସାହୁ କୃମି ରୋଗରେ ପ୍ରକାଶ ପାଉଥିବା ବିଭିନ୍ନ ଲକ୍ଷଣ ଓ ତାହାର ପ୍ରତିକାର ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବିଇଓ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଳମଣି ପ୍ରଧାନ, ଆଇସିଡିଏସ ଏଲଏସ ଭାଗ ନେଇଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ଶିକ୍ଷୟିତ୍ରୀ ଶିକ୍ଷକଯୋଗ ଦେଇଥିଲେ।

### ସୂଚନା ଫଳକ ଲାଗିନି, କାମ ଚାଲିଛି

ଜମନକିରା,୭।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ପରିସରରେ ଥିବା ପୁରୁଣା କ୍ୱାର୍ଟର୍ସ ଭଙ୍ଗା ଯାଇ ନୂତନ ନିର୍ମାଣ କରାଯାଉଛି। ମିଶନ ଶକ୍ତି କାର୍ଯ୍ୟାଳୟର ପାଚେରି ଓ ଷ୍ଟାଫ କ୍ୱାର୍ଟର୍ସ କାମ ଆରମ୍ଭ ହୋଇଥିଲେ ହେଁ ହେଲେ ସୂଚନା ଫଳକ ଲାଗନାହିଁ। ଫଳରେ କେଉଁ ଯୋଜନାରେ ଓ କେତେ ଟଙ୍କା ବ୍ୟୟ ଅଟକଳରେ କାମ ଚାଲିଛି ତା ଜଣା ପଡୁନାହିଁ। ଉଭୟ କାର୍ଯ୍ୟର କାର୍ଯ୍ୟାଦେଶ ଜନୈକ ବ୍ଲକ ଯନ୍ତ୍ରୀଙ୍କ ନାମରେ ଦିଆଯାଇଛି। ମାତ୍ର କାମକୁ ସେ ଅନ୍ୟ ଜଣେ ଠିକାଦାରଙ୍କ ଦ୍ୱାରା କରୁଥିବା ଜଣାଯାଇଛି। ଏହି କାମରେ ଫ୍ଲାଇଆସ ଇଟା ବ୍ୟବହାର କରାଯାଉଥିବା ବେଳେ ଉକ୍ତ ଇଟାର ମାନ ଠିକ ନଥିବା ବିଡ଼ିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏହି କୋଠା ୨୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ବେଳେ ଏଭଳି ନିମ୍ନମାନର ସାମଗ୍ରୀ ବ୍ୟବହାର ଏହାର ସ୍ଥାୟିତ୍ୱ ନେଇ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟ ପକ୍ଷରେ ବ୍ଲକ ପରିସରରେ ୨୫ଟି ଷ୍ଟାଫ କ୍ୱାର୍ଟର୍ସ ରହିଛି। କିନ୍ତୁ କାମ କରୁଥିବା ଠିକାଦାର ରାସ୍ତା ମଝିରେ ବାଲି, ଗୋଡ଼ି, ପଥର, ଇଟା ପ୍ରଭୃତି ସାମଗ୍ରୀ ଗଦାଇ ଦେଉଥିବାରୁ ଷ୍ଟାଫ ମାନଙ୍କ ପାଇଁ ଯିବା ଆସିବାରେ ଅସୁବିଧା ହେଉଛି। ଏ ସଂକ୍ରାନ୍ତରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ କାର୍ଯ୍ୟ ଆରମ୍ଭରୁ ସୂଚନା ଫଳକ ଲଗାଇବା କଥା। ଖୁବ୍‌ଶୀଘ୍ର ଲଗାଇବାକୁ କୁହାଯିବ ବୋଲି କହିଥିଲେ।

# ଆଉ ଜଣଙ୍କୁ ବାନ୍ଧିଲା ପୋଲିସ

## ୮୮ ଲକ୍ଷ ସାଇବର ଠକେଇ ମାମଲା

ସମ୍ବଲପୁର, ୭।୮ (ପ୍ରମୋଦ ବହିଦାର)

ଅଇଁଠାପାଲି ଥାନା ଅଞ୍ଚଳରେ ସଂଘଟିତ ୮୮ ଲକ୍ଷ ଟଙ୍କା ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଆଉ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି ସମ୍ବଲପୁର ପୋଲିସ। ଏହାକୁ ମିଶାଇ ଏହି ମାମଲାରେ ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଗିରଫ ଅଭିଯୁକ୍ତ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବ୍ୟାଙ୍କର କର୍ମଚାରୀ ତଥା ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ସଦର ଗାଁ ଟାଙ୍ଗୀର ମୂଳ ବାସିନ୍ଦା ସୁଧାଂଶୁ ଶେଖର ସୁବୁଦ୍ଧି(୩୨)। ତାଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୯ଟି ଡେବିଟ୍ କାର୍ଡ, ସାଇବର ଠକେଇରେ ବ୍ୟବହୃତ ଏକ ମୋବାଇଲ ଫୋନ, ୩ଟି ବ୍ୟାଙ୍କର ପାସବୁକ୍, ୫ଟି ଚେକ୍‌ବୁକ୍ ଓ ୨ଟି ଲାପଟପ୍‌କୁ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା। ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ସମ୍ବଲପୁର ମଣ୍ଡଳ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଏହି ମାମଲାର ତଦନ୍ତ ଜାରି ରହିଛି। ଆଗକୁ ଗିରଫଦାରୀ ବଢ଼ିପାରେ ବୋଲି ପୋଲିସ କହିଛି।

ଅଇଁଠାପାଲିର ରମେଶ ଚନ୍ଦ୍ର ବିଶ୍ୱାଳ ୮୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସାଇବର ଠକେଇର ଶିକାର ହୋଇଥିଲେ। ଏ ନେଇ ସେ କ୍ଷେତରାଜପୁରସ୍ଥିତ ସାଇବର ଥାନାରେ ଗତ ଜୁଲାଇ ୩୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଏତଲା ଆଧାରରେ କ୍ଷେତରାଜପୁର ସାଇବର ଥାନାରେ ଏକ ମାମଲା(ନଂ.୧୪/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଦଳ ତଦନ୍ତ ପୂର୍ବକ ପ୍ରଥମେ ଗତ ୫ତାରିଖରେ ୪ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କର ୨୦ରୁ ଅଧିକ ଡେବିଟ୍ କାର୍ଡ, ପାସ୍‌ବୁକ, ଚେକ୍‌ବୁକ୍, ମୋବାଇଲ୍ ଫୋନ, ନଗଦ ଅଢ଼େଇ ଲକ୍ଷ ଟଙ୍କା ଜବତ ହୋଇଥିଲା। ଅଭିଯୁକ୍ତମାନଙ୍କ ସୂଚନା ଆଧାରରେ ପ୍ରାୟ ୨୦ ଲକ୍ଷ ଟଙ୍କାର ବିଭିନ୍ନ ବ୍ୟାଙ୍କ ଜମାଖାତାକୁ ମଧ୍ୟ ଫ୍ରିଜ୍ କରିଛି ସମ୍ବଲପୁର ପୋଲିସ।




ଗିରଫଦାରୀ ସଂଖ୍ୟା ୫କୁ ବୃଦ୍ଧି

ଅଭିଯୁକ୍ତଙ୍କଠାରୁ ଜବତ ବିଭିନ୍ନ ସାମଗ୍ରୀ।

# ସ୍ତନ୍ୟପାନ ସପ୍ତାହ ପାଳିତ




ଆଦିତ୍ୟ ଆଲୁମିନିୟମ ଆୟୋଜିତ ସ୍ତନ୍ୟପାନ ସପ୍ତାହ ସଚେତନତା ଶୋଭାଯାତ୍ରା।

ସମ୍ବଲପୁର,୭।୮ (ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସ୍ତନ୍ୟପାନ ସପ୍ତାହ ଗୁରୁବାର ପାଳିତ ହୋଯାଇଛି। ଲଇଡା ସିଏଚ୍‌ସି, ମହିଳା ଓ ଶିଶୁ ବିକାଶ ସହଯୋଗରେ ରେଙ୍ଗାଲିର ବ୍ଲକର ପାଞ୍ଚ ଗୋଟି ପଞ୍ଚାୟତରରେ କାର୍ଯ୍ୟକ୍ରମ ହୋଇଥିଲା। ଏହିକ୍ରମରେ ଲପଙ୍ଗା, ବୋମାଲେଇ, କତରବଗା, ଜଙ୍ଗଲା, ଘିଚାମୁରାର ବିଭିନ୍ନ ଅଙ୍ଗନାୱାଡ଼ି କେନ୍ଦ୍ରଠାରେ ଅଗଷ୍ଟ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହରେ ବିଭିନ୍ନ କାର୍ଯ୍ୟ କରାଯାଇଥିଲା। ଏଥିରେ ସ୍ତନ୍ୟପାନର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା। ସେହିପରି ଶିଶୁର ଯତ୍ନ ଓ ସ୍ତନ୍ୟପାନର ବିଭିନ୍ନ ପ୍ରଣାଳୀ ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ପାଇଁ କଙ୍ଗାରୁ ଯତ୍ନର ଆବଶ୍ୟକ ବିଷୟରେ ବକ୍ତାମାନେ କହିଥିଲେ। ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା ରହିଥିଲେ।

# ଏକଲବ୍ୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ



ଜିଲାପାଳ, ବିଡ଼ିଓ, ତହସିଲଦାର ପ୍ରସ୍ତାବିତ ଜମି ପରିଦର୍ଶନ କରୁଛନ୍ତି।

ଜମନକିରା,୭।୮ (ରବୀନ୍ଦ୍ର ପ୍ରସାଦ ଦାନୀ)

ସୁବର୍ଣ୍ଣପୁର ଜିଲା ଜମନକିରା ବ୍ଲକ ସଦର ମହକୁମାରେ ଏକଲବ୍ୟ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜମି ଚିହ୍ନଟ ହୋଇଛି। ବୁଧବାର ଜିଲାପାଳ ସିଦ୍ଧେଶ୍ୱର ବୋଲିରାମ ବୋନ୍ଦର ଜମନକିରା ଗସ୍ତ କରି ଅନେକ ସ୍ଥାନ ପରିଦର୍ଶନ କରିଥିଲେ। ଶେଷରେ ଅଗ୍ନିଶମ କାର୍ଯ୍ୟାଳୟ ନିକଟ ଜମନକିରା ମୌଜାରେ ୧୬ ଏକର ଜମି ଚିହ୍ନଟ ହୋଇଥିବା ତହସିଲଦାର ପ୍ରଭିନା ବିଲୁଙ୍ଗ, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ପ୍ରକାଶ କରିଛନ୍ତି। ଏକଲବ୍ୟ ବିଦ୍ୟାଳୟ ପାଇଁ ପ୍ରଥମେ ତୁଲୁବ ଓ ଟାଙ୍ଗରମାଲ ନିକଟରେ ଜମି ଚିହ୍ନଟ କରାଯାଇଥିଲା। ମାତ୍ର ସେଠାରେ କିଛି ଜମି ଜଙ୍ଗଲ କିସମ ଥିବାରୁ ପ୍ରକଳ୍ପ ହୋଇପାରି ନଥିଲା। ପରେ ଦସଘରିଆ ପଟେ ଜମି ଦେଖାଯାଇଥିଲା। ମାତ୍ର କମ୍ ପରିମାଣ ଜମି ଥିବାରୁ ତାହା ମଧ୍ୟ ସ୍ଥଗିତ ହୋଇ ରହିଥିଲା।

# ତୀଜ ପ୍ରକୃତି ପ୍ରତି ପ୍ରେମ, ସମର୍ପଣର ପର୍ବ



ହରିୟାଲି ତୀଜ ଉତ୍ସବରେ ସାମିଲ ଅତିଥିଙ୍କ ସହ ସଦସ୍ୟାମାନେ।

## ସିଆରପିଏଫ ଗ୍ରୁପ ସେଣ୍ଟରରେ ହରିୟାଲି ତୀଜ ଉତ୍ସବ

ସମ୍ବଲପୁର,୭।୮ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଗୋଶାଳାସ୍ଥିତ ସିଆରପିଏଫ୍ ଗ୍ରୁପ ସେଣ୍ଟରର ପରିବାର କଲ୍ୟାଣ କେନ୍ଦ୍ରଠାରେ ଗୁରୁବାର ହରିୟାଲି ତୀଜ ଉତ୍ସବ ଆୟୋଜିତ ହୋଇଥିଲା। ଆଞ୍ଚଳିକ କାୱା ସଭାପତି ପୁନମ ସିଂହ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଂହ ତାଙ୍କ ଅଭିଭାଷଣରେ କହିଥିଲେ ହରିୟାଲି ତୀଜ ପ୍ରେମ, ସମର୍ପଣ ଏବଂ ପ୍ରକୃତିର ଉତ୍ସବର ଏକ ସୁନ୍ଦର ପର୍ବ। ଏହି ପର୍ବ ମହିଳାମାନଙ୍କ ପାଇଁ ଏକ ବିଶେଷ ଗୁରୁତ୍ୱ ରଖେ। ଏହି ପର୍ବ ସେମାନଙ୍କ ସ୍ୱାମୀଙ୍କ ସହିତ ଏକ ସୁଖଦ ବୈବାହିକ ଜୀବଦ କାମନା କରିବାର ସୁଯୋଗ ଦିଏ। ସାଂସ୍କୃତିକ ଦୃଷ୍ଟିରୁ ମଧ୍ୟ ହରିୟାଲି ତୀଜର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ଅବସରରେ ମହିଳାମାନେ ପାରମ୍ପରିକ ପୋଷାକ ପିନ୍ଧିବା ସହ ଦୋଳି ଖେଳିଥିଲେ। ପ୍ରକୃତିର ସୌନ୍ଦର୍ଯ୍ୟ ଏବଂ ସବୁଜିମା ମଧ୍ୟରେ ଏହି ପର୍ବ ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ମେହେନ୍ଦି ପ୍ରତିଯୋଗିତା, ନୃତ୍ୟ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅତିଥି ପୁନମ ସିଂହଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରପିଏଫ କ୍ୟାମ୍ପରେ ରହୁଥିବା ଯବାନମାନଙ୍କ ପରିବାର ସଦସ୍ୟ ମାନେ ସାମିଲ ହୋଇଥିଲେ।

# ପରିବେଶ ସୁରକ୍ଷା ଚିନ୍ତା କରନ୍ତୁ ଛାତ୍ରୀଛାତ୍ର

## ହୀରାକୁଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୭।୮ (ବି.ଶଙ୍କର)

ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ହୀରାକୁଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧକ୍ଷା ସୁମିତ୍ରା ପଣ୍ଡାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବାଣିଜ୍ୟ ବିଭାଗ ଅଧାପକ ଡ. ସଞ୍ଜୟ ଜେନା। ଓଡିଆ ବିଭାଗର ଅଧାପକ ବିଜେନ୍ଦ୍ର ମାଝି, ଇତିହାସ ବିଭାଗର ଅଧାପିକା ସୌଗନ୍ଧିକା ମିଶ୍ର, ତଥ୍ୟ ପ୍ରବେଶ ଚାଳକ ସାନନ୍ଦ ବାଗ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସଂପ୍ରତି ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ହେଉଛି। ଏହା ଭବିଷ୍ୟତ ପିଢ଼ି ସକାଶେ ବଡ ଚ୍ୟାଲେଞ୍ଜ ହୋଇ ଉଭା ହୋଇଛି। ତେଣୁ ଯୁବ ବର୍ଗ ବାୟୁ ବିଶୋଧନ, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ଜୈବ ବିବିଧତା, ତାପମାତ୍ରା ନିୟମାବଳୀ ମାନିବାକୁ ପଡିବ। ଏଥିସହ ସମସ୍ତ ବୃକ୍ଷରୋପଣ ଓ ତାର ଯତ୍ନ ପ୍ରତି ଗୁରୁତ୍ୱ ଦେବା ଜରୁରି ହୋଇପଡିଛି। ଆମ ସମାଜର ହିତ ଓ ସୁସ୍ଥ ଜୀବନ ଯାପନ ସକାଶେ ସବୁଜ, ସୁସ୍ଥ ପରିବେଶ ନିହାତି ଦରକାର। ତେଣୁ ସମସ୍ତେ ପ୍ରତ୍ୟେକ କ୍ଷେତ୍ରରେ ପରିଶେଷ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଜରୁରି। ସେହିପରି ଛାତ୍ରୀଛାତ୍ରମାନେ ଜନସାଧାରଣ ଓ ପଥଚାରୀଙ୍କୁ ମଧ୍ୟ ପରିବେଶ ସୁରକ୍ଷା ପ୍ରତି ସଚେତନ କରିବା ସମୟ ଆସିଛି ବୋଲି ଅଧାପିକା ଓ ଅଧାପକମାନେ ଗୁରୁତ୍ୱରୋପ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ବୃକ୍ଷଚାରା ରୋପଣ କରିଥିଲେ।

# ଦୃଷ୍ଟି ବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ପ୍ରମାଣ ପତ୍ର ସହ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ସମ୍ବଲପୁର, ୭।୮ (ବି.ଶଙ୍କର)

ବୁର୍ଲା ଦୃଷ୍ଟିବାଧିତ ଓ ମୂକ ବଧିର ବିଦ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍ଥ କିପର ଚେରିଟେବୁଲ ଟ୍ରଷ୍ଟ କାର୍ଯ୍ୟକ୍ରମ ହୋଇଥିଲା। ଶିଶୁମାନେ ଗୀତ ଗାନ କରିଥିଲେ। ସମସ୍ତଙ୍କ ଛାତ୍ରୀଛାତ୍ରମାନଙ୍କୁ ସ୍ମାରକୀ ସ୍ୱରୂପ ପ୍ରମାଣପତ୍ର ଦିଆଯାଇଥିଲା। ପ୍ରେମ ଓ ପ୍ରେରଣା ହିଁ ଏହି ବନ୍ଧନର ମୂଳ ଶକ୍ତି। ଅନ୍ଧକାର ମଧ୍ୟରେ ମଧ୍ୟ ଆଶା ଓ ପ୍ରତିଭା ଦୀପ ଜଳି ରହେ ବୋଲି ଆର୍ଥ କିପର ଚେରିଟେବୁଲ ଟ୍ରଷ୍ଟର ସଭ୍ୟମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭ୍ୟ ବିକାଶ ସ୍ୱାଇଁ, ବିଶ୍ୱଜିତ ବାରିକ, ଚିନ୍ମୟ ମହାନ୍ତି, ରାହୁଲ ଗୁପ୍ତା, ମହେନ୍ଦ୍ର ବଗର୍ତ୍ତି, ସଞ୍ଜୟ ସାହୁ, ବିଶାଳ ସେଲମା, ରାଜା ଦାଶ ପ୍ରମୁଖ ତତ୍ତ୍ୱାବଧାନାରେ କାର୍ଯ୍ୟକ୍ରମ ହୋଇଥିଲା।

# କଫ୍ ସିରପ୍, ଦେଶୀମଦ ଜବତ: ଜଣେ ଗିରଫ

ସମ୍ବଲପୁର,୭।୮ (ପ୍ରମୋଦ ବହିଦାର)

ବୁର୍ଲା ପୋଲିସ ବ୍ୟାପକ ପରିମାଣର ନିଶା କଫ୍ ସିରପ୍ ଓ ଦେଶୀମଦ ଗୁରୁବାର ଜବତ କରିଛି। ଏହାସହ ଏହି ବେଆଇନ୍ କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁର୍ଲା ଶିଶୁ ମନ୍ଦିର ଅଞ୍ଚଳର ଭିକି ରାୟ(୨୨)। ତାଙ୍କ ନିକଟରୁ ଶହେ ମିଲିଲିଟରର ବିଶିଷ୍ଟ ୫୨ ବୋତଲ ସିଲ୍ଡ ନିଶା କଫ୍ ସିରପ(ୱିନସିରେକ୍ସ), ୮ ବୋତଲ ଶହେ ମିଲିଲିଟରର ବିଶିଷ୍ଟ ଖୋଲା କଫ୍ ସିରପ, ୨୯ଟି ୨ଶହ ମିଲିଲିଟରର ବିଶିଷ୍ଟ ଦେଶୀମଦ ପାଉଚ ସହିତ ଗୋଟିଏ ଷ୍ଟ୍ରିପ୍ ନିଶା ବଟିକାକୁ ପୋଲିସ ଜବତ କରିଛି। ସକାଳେ ବୁର୍ଲା ଥାନା ପକ୍ଷରୁ ସହରରେ ପୋଲିସ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ବୁର୍ଲା ପ୍ରାଣୀ ଚିକିତ୍ସାଳୟ ପଛପଟେ ନିଛାଟିଆ ସ୍ଥାନରେ କଫ୍ ସିରପ୍ ଅପମିଶ୍ରଣ ସହିତ ବେଆଇନ୍ କାରବାର ଚାଲିଥିବା ସମ୍ପର୍କରେ ପାଟ୍ରୋଲିଂ ଦଳକୁ ଖବର ମିଳିଥିଲା। ଉକ୍ତ ଖବର ଅନୁସାରେ ପାଟ୍ରୋଲିଂ ଦଳ ଉକ୍ତସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ରାୟଙ୍କୁ ଧରିବା ସହିତ ତାଙ୍କଠାରୁ ନିଶା କଫ୍‌ସିରପ, ଦେଶୀମଦ ପାଉଚ ଓ ନିଶାବଟିକା ଜବତ କରିଥିଲା। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ୍ ଆବଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ମଣ୍ଡଳ ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।

# ଗୁଣାତ୍ମକ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ

ସମ୍ବଲପୁର,୭।୮ (ଭବାନୀ ଶଙ୍କର ଭୋଇ)

## ଆସ ସ୍କୁଲ ଯିବା କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ

ସାମଗ୍ରିକ ଶିକ୍ଷା ସମ୍ମିଳନୀ କକ୍ଷରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦରଙ୍କ ଅଧକ୍ଷତାରେ ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଗୁଣାତ୍ମକ ଶିକ୍ଷାର ପ୍ରସାର ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଆସନ୍ତା ହାଇସ୍କୁଲ ପରୀକ୍ଷାରେ ଜିଲାର ୫ ପ୍ରତିଶତ ଛାତ୍ରୀଛାତ୍ର କିଭଳି ଏ ୧ ଗ୍ରେଡ ରଖି ପାସ୍ କରିବେ ସେ ନେଇ ଶିକ୍ଷକମାନଙ୍କୁ ଯତ୍ନଶୀଳ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଶିକ୍ଷା ଅଧିକାରୀମାନଙ୍କୁ ନିୟମିତଭାବେ ବିଭିନ୍ନ ସ୍କୁଲ ପରିଦର୍ଶନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାସହିତ ରାଜ୍ୟ ସରକାରଙ୍କ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଅଧାରୁ ପାଠ ଛାଡିଥିବା କିମ୍ବା ବିଦ୍ୟାଳୟକୁ ଆଦୌ ଯାଇ ନ ଥିବା ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଜିଲା ଏବଂ ଉପଖଣ୍ଡ ସ୍ତରର ବିଭାଗୀୟ ଅଧିକାରୀ ମାନଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରାଯିବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ବୟସ ଅନୁସାରେ ବିଭିନ୍ନ ଶ୍ରେଣୀରେ ନାମ ଲେଖାଇବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା, ଆଇଟିଆଇ, ପଲିଟେକନିକ ଅନୁଷ୍ଠାନରେ ନାମ ଲେଖାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଆଇଏଏସ ଶିକ୍ଷାନବିସ ଶୁଭ୍ରା ପଣ୍ଡାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ବିକାଶ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଗାଇଡଲାଇନ ପାଳନ କର

କୁଚିଣ୍ଡା, ୭।୮ (ବିରଞ୍ଚି ଦର୍ଭା)

ସମ୍ବଲପୁର ଜିଲା ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷା କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଡିଓ) ପ୍ରସନ୍ନ କୁମାର ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ୨୦୨୪ ଅକ୍ଟୋବର ୧ରୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କୁଚିଣ୍ଡା ବ୍ଲକର ୧୭ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ସମଗ୍ର ଶିକ୍ଷା ଅଭିଯାନରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା ସହ ଜନ ଶୁଣାଣୀ କରାଯାଇଥିଲା। ଜିଲା ସାମାଜିକ ସମୀକ୍ଷକ ଆର୍ତ୍ତତ୍ରାଣ ଶତପଥୀ ଏହି ଅବଧି ମଧ୍ୟରେ ୧୭ପଞ୍ଚାୟତରେ ପ୍ରକଳ୍ପୱାରି ବିବରଣୀ ଉପସ୍ଥାପନ କରିଥିଲେ। ଭିଡିଓ ପାତ୍ର ଏମ୍‌ଜିଏନ୍‌ଆର୍‌ଇଜିଏସ କାର୍ଯ୍ୟରେ ରହିଥିବା ବିଭିନ୍ନ ତ୍ରୁଟିକୁ ଆଗାମୀ ଦିନରେ ସୁଧାରି ଜବକାର୍ଡଧାରୀମାନେ ଯେପରି ୧୦୦ଦିନର କାମ ପାଇବେ ସେ ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୃତ ବ୍ୟକ୍ତିଙ୍କୁ ବାଦ୍ ଦେଇ ପରିବାରର ଯୋଗ୍ୟ ନୂତନ ବ୍ୟକ୍ତିଙ୍କୁ ସାମିଲ କରିବାକୁ କହିଥିଲେ। ଏହାଛଡା ସମଗ୍ର ଶିକ୍ଷା ଅଭିଯାନରେ ସ୍କୁଲ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଡାଇନିଂ ହଲ କରିବା, ନିୟମିତ ହାତଧୁଆ କରାଇବା, ମଧ୍ୟାହ୍ନ ଭୋଜନକୁ ବିଦ୍ୟାଳୟ ପରିଚାଳନା କମିଟି ଅଥବା ଅଭିଭାବକ ସଂଘ ଦ୍ୱାରା ଯାଞ୍ଚ କରାଇବା, ସ୍ୱାସ୍ଥ୍ୟ ଓ ପରିବେଷଣ ସୁରକ୍ଷା ସହ ଭିତ୍ତିଭୂମିକୁ ଉନ୍ନତ କରିବା, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରି ଶୁଣାଣୀ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ ଭୁବନେଶ୍ୱର କିଶାନ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର, ବିଡ଼ିଓ ଜୟନ୍ତ ସାହୁ, ଏପିଓ କୁଳନ୍ତ ବାଆ, ଏମ୍‌ଜିଏନ୍‌ଆର୍‌ଇଜିଏସ ସହାୟକ ନରେନ୍ଦ୍ର କୁମାର ନାୟକ, ବ୍ଲକ ସାମାଜିକ ସମୀକ୍ଷକ ପ୍ରିୟଙ୍କା ପାଣ୍ଡେ, ବ୍ଲକ ଯୋଗାଣ ଅଧିକାରୀ ସୁଧିର ରଞ୍ଜନ ପାତ୍ର, ସମସ୍ତ ପଞ୍ଚାୟତର ପିଇଓ, ଏଡିଇଓ, କନିଷ୍ଠ ଯନ୍ତ୍ରୀ, ଯୋଗାଣ ସହାୟକ, ଭିଆରପି, ଶିକ୍ଷୟିତ୍ରୀ ଶିକ୍ଷକ, ଏମ୍‌ଜିଏନ୍‌ଆର୍‌ଇଜିଏସ ଶ୍ରମିକଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଯୋଗଦେଇଥିଲେ।




ସମୀକ୍ଷା ବୈଠକରେ ଯୋଗଦେଇଥିବା ଅଧିକାରୀ।

## ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା

## ସଂକ୍ଷେପରେ

### ରେଳ ଓଭରବ୍ରିଜ ପାଇଁ ଜମି ଅଧିଗ୍ରହଣ

ନୂଆପଡ଼ା,୭।୮ (ମକାରୁ ବେମାଲ): ନୂଆପଡ଼ା ସହର ରେଳ ଷ୍ଟେଶନ ସନ୍ନିକଟ ନୂଆପଡ଼ା-ସୋହେଲା ରାସ୍ତାରେ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗୋଡଫୁଲା ଗାଁର ଗେଶରାମ ପଟେଲ ଓ ଗୀତା ସାହୁଙ୍କ ନାମରେ ଥିବା ୪୩୨ ଡେସିମିଲ ଜମିକୁ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଳଙ୍କ ତରଫରୁ ପଞ୍ଜିକରଣ କରାଯାଇଛି। ଏହି ସମୟରେ ଜିଲା ଉପଜିଲ୍ଲାପାଳ ରାଜେଶ ପଣ୍ଡିତ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ ଗଡତିଆ, ବିଭାଗୀୟ କର୍ମଚାରୀ ଅଶୋକ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜସ୍ୱ ଗ୍ରାମ ଘୋଷଣା ଅପେକ୍ଷାରେ ୬ ହାମ୍‌ଲେଟ୍

କର୍ଲାମୁଣ୍ଡା,୭।୮ (ପ୍ରଦୀପ କୁମାର ସାହୁ): ରାଜ୍ୟ ସରକାର ହାମଲେଟକୁ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୬ଟି ହାମଲେଟ ରାଜସ୍ୱ ଗ୍ରାମ ହେବା ଏବେ ପ୍ରକାର ନିଶ୍ଚିତ ହେଉଥିବା ବେଳେ ସରକାରୀ ଘୋଷଣା ହେବାକୁ ବାକି ରହିଛି। ସୂଚନା ଅନୁସାରେ ବ୍ଲକ ଅନ୍ତର୍ଗତ ରାଜପୁର ପଞ୍ଚାୟତର ବାଞ୍ଛିପଦର ଓ ସାଲେପାଲି, ସାପଲହରା ପଞ୍ଚାୟତର ବାଞ୍ଜିପଦର, ଜୋରାଡ଼ବରା ପଞ୍ଚାୟତର ସିଆଲଗୁଡା ଓ କର୍ଲାମୁଣ୍ଡା ପଞ୍ଚାୟତର କର୍ଲାମୁଣ୍ଡା (ବସ୍ତି) ଓ ଫକସପଡାକୁ ରାଜସ୍ୱ ଗ୍ରାମ ଘୋଷଣା ପାଇଁ ପ୍ରାଥମିକ ରିପୋର୍ଟ ରାଜସ୍ୱ ବିଭାଗ ପକ୍ଷରୁ ଦାଖଲ ହୋଇଥିବା ଜଣାପଡ଼ିଛି। ହେଲେ ଅନେକ ହାମଲେଟର ଅଧିବାସୀ ରାଜସ୍ୱ ଗ୍ରାମ ମାନ୍ୟତା ଦେବାକୁ ଦାବି କରିଛନ୍ତି। ସେଥିମଧ୍ୟରେ ରେଗଡା ପଞ୍ଚାୟତ ରେଗଡା ରାଜସ୍ୱ ଗ୍ରାମର ଭୋଇପଡା, ତେରେସିଙ୍ଗା ପଞ୍ଚାୟତ ତେରେସିଙ୍ଗା ରାଜସ୍ୱ ଗ୍ରାମର ବେଲପଡା ଓ କଲୋନିପଡା, ଜୋରାଡ଼ବରା ପଞ୍ଚାୟତ କୁଣ୍ଡୁଲି ରାଜସ୍ୱ ଗ୍ରାମର ହଜାରିପଡା ଓ କଲୋନି ପଡା, ଯୋଗିପଲା ରାଜସ୍ୱ ଗ୍ରାମର ଶିଶୋପଡା ଓ କେଶପଡା ଆଦି ରହିଛି। ଏ ନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ୬ଟି ନୂତନ ରାଜସ୍ୱ ଗ୍ରାମ ହେବା ନେଇ ପ୍ରକ୍ରିୟା ଶେଷ ହୋଇଛି, ବାକି ରହିଥିବା ଅନ୍ୟାନ୍ୟ ହାମଲେଟ ରାଜସ୍ୱ ଗ୍ରାମ ହେବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଛନ୍ତି।

# ନେଟ୍‌ୱର୍କ ସମସ୍ୟା, ପିଲାଙ୍କ ପାଠପଢ଼ା ବ୍ୟାହତ

ନୂଆପଡ଼ା, ୭।୮ (ମକାରୁ ବେମାଲ)



ଦୁଇଜଣ ଛାତ୍ର ଇଟାଭାଟିକୁ ଚଢି ନେଟ୍‌ୱାର୍କ ଖୋଜୁଛନ୍ତି।

ନୂଆପଡ଼ା ଜିଲା ସୁନାବେଡା ଅଭୟାରଣ୍ୟ ଭିତରେ ନେଟ୍‌ୱର୍କ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଛି। କୋମନା ବ୍ଲକ ସୁନାବେଡା ପଞ୍ଚାୟତର ଶିବନାରାୟଣପୁର, ଝରଲାଆମ, ଉପକାପାଣି, କମାରଖାଟ ଓ ସୋସେଙ୍ଗ ପଞ୍ଚାୟତର ଭାଓସିଲ ଓ ରାଜାକେନ୍ଦୁ ଗ୍ରାମରେ କୌଣସି କମ୍ପାନୀର ନେଟ୍‌ୱର୍କ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଏହି ସମସ୍ୟା ଯୋଗୁ ପିଲାଙ୍କ ପାଠପଢ଼ା ବ୍ୟାହତ ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଗାଁର ପ୍ରାୟ ସମସ୍ତ ଲୋକଙ୍କ ପାଖରେ ମୋବାଇଲ ଫୋନ ରହିଥିଲେ ବି ତାହା କାମରେ ଆସୁନାହିଁ। ଦୁର୍ଗମ ଅଞ୍ଚଳରେ ଟ୍ୟୁଶନ ମାଷ୍ଟର ନ ଥିବାରୁ ଛାତ୍ରଛାତ୍ରୀ ଅନ୍‌ଲାଇନ ମାଧ୍ୟମରେ ପାଠ ପଢିବାକୁ ଇଚ୍ଛା କରୁଛନ୍ତି। ହେଲେ ନେଟ୍‌ୱର୍କ ସମସ୍ୟା ଯୋଗୁ ତାହା ସମ୍ଭବ ହୋଇପାରୁ ନାହିଁ। କୌଣସି ଜରୁରୀ କାର୍ଯ୍ୟ ପଡିଲେ ଲୋକେ ପାହାଡ ଉପରକୁ କିମ୍ବା ଗଛ ଉପରକୁ ଯାଇ ନେଟ୍‌ୱର୍କ ଖୋଜି ଫୋନ କରୁଛନ୍ତି। ସମୟ ସମୟରେ ପାହାଡ଼ ଉପରେ ମଧ ନେଟ୍‌ୱାର୍କ ଆସୁ ନ ଥିବାରୁ ଜରୁରିକାଳୀନ ଖବର ଆଦାନପ୍ରଦାନ ହୋଇପାରୁ ନ ଥିବା ଲୋକେ ପ୍ରକାଶ କରିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# କୋକସରା ପଞ୍ଚାୟତ ସମିତି ବୈଠକ

କୋକସରା,୭।୮ (ଦୁଷ୍ମନ୍ତ କୁମାର ପାଢୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ସଭାଗୃହଠାରେ ଗୁରୁବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡ଼ିଓ ହିମାଞ୍ଚଳ ମାଝୀ,ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତତ୍ତ୍ୱଦର୍ଶୀ ଦାସ, ଅତିରିକ୍ତ ତହସିଲଦାର ମୋହନ ଚରଣ ଭେନା, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଭାବରେ ପ୍ରମୋଦ ପ୍ରଧାନୀ, ଧର୍ମଗଡ଼ ବିଧାୟକଙ୍କ ପ୍ରତିନିଧି ଭାବରେ ତ୍ରିନାଥ ଶବର, କୋକସରା ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଆମପାଣି ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀ ଓ ମୋଟେର ଜିଲା ପରିଷଦ ସଭ୍ୟା ବୈଦେହୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର ପାତ୍ର ସଭା ସଂଯୋଜନା କରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଉପାନ୍ତ ଆମପାଣି ପଞ୍ଚାୟତଠାରେ ମା' ଗୃହ ନିମନ୍ତେ ପ୍ରସ୍ତାବ ଉଠିଥିଲା। ସେହିଭଳି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏକ୍ସରେ ମେସିନ କାର୍ଯ୍ୟକାରୀ କରିବା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ଗମନାଗମନ ଆଦି ଉନ୍ନୟନ ମୂଳକ କାର୍ଯ୍ୟ ଦିଗରେ ସମସ୍ତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ସହଯୋଗିତା ରହିବା ପାଇଁ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ।

# ଭୂତଳ ପୋଲରେ ହେଲା ଡ୍ରେନେଜ୍ ବ୍ୟବସ୍ଥା

ଲାଞ୍ଜିଗଡ଼, ୭।୮ (ରମେଶ ଚନ୍ଦ୍ର ନାୟକ)

**ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ ରେଲୱେ ଭୂତଳ ପୋଲରେ ଅଧିକାଂଶ ବର୍ଷା ହେଲେ ପାଣି ଜମୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ତତ୍ପର ହୋଇ ଡ୍ରେନେଜ ବ୍ୟବସ୍ଥା କରିଛି। ସୂଚନାନୁସାରେ ଏହି ଭୂତଳ ପୋଲ ତିଆରି ପୂର୍ବରୁ ଅଧିକାଂଶ ସମୟରେ ଟ୍ରେନ ପାଇଁ ଗେଟ ବନ୍ଦ ହୋଇଯାଉଥିବାରୁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ଏହି ଅସୁବିଧା ଯୋଗୁ ଲୋକଙ୍କ ଦାବି ଅନୁସାରେ ରେଲୱେ ପକ୍ଷରୁ ଭୂତଳ ବ୍ରିଜ ତିଆରି କରାଗଲା। ହେଲେ ପୋଲରେ ଜଳ ନିଷ୍କାସନ ବ୍ୟବସ୍ଥା ହୋଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଅଣ୍ଟାଏ ପାଣି ଜମି ରହୁଥିଲା। ଫଳରେ ତଳେ ଶିଉଳି ଓ କାଦୁଅ ଜମୁଥିବାରୁ ଛୋଟବଡ ଦୁର୍ଘଟଣା ଘଟିବା ଆଶଙ୍କା ଦେଖାଦେଉଥିଲା। ଏଥିଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୫ ପଞ୍ଚାୟତବାସୀ ଓ ୬ନମ୍ବର ରାଜ୍ୟ ରାଜପଥ ଦେଇ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରକୁ ଯିବାଆସିବା କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଛାତ୍ରଛାତ୍ରୀ ମଧ୍ୟ ସ୍କୁଲ, କଲେଜ ଯିବା ସମୟରେ ଦୁର୍ଦ୍ଦଶା ଭୋଗୁଥିଲେ। ଉକ୍ତ ରାସ୍ତାରେ ପୋଲ ତଳେ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଥିଲେ। ଗତ ୨୩ରେ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ପୋଲତଳୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯାଇଛି।

# ରାସ୍ତାକାର୍ଯ୍ୟ ନିମ୍ନମାନର, ଭିଜିଲାନ୍ସ ତଦନ୍ତ ଦାବି

କୋକସରା,୭।୮ (ଦୁଷ୍ମନ୍ତ କୁମାର ପାଢୋଷୀ)



ଫାଟି ଯାଇଥିବା ରାସ୍ତା।

ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କୋକସରା ବ୍ଲକ ବାଞ୍ଛିବାହାଲ-ମହାଲଗୁଡ଼ା ଗ୍ରାମ ଅତ୍ୟନ୍ତ ନିମ୍ନମାନର ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଠିକା ସଂସ୍ଥାର ଲାଇସେନ୍ସ ବାତିଲ ସହ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି। ସୂଚନା ଅନୁସାରେ, କାଉଡୋଲା ଗ୍ରାମ ପଞ୍ଚାୟତର ବାଞ୍ଛିବାହାଲଠାରୁ ୨୬ ନମ୍ବର ଜାତୀୟ ରାଜପଥ ମହାଲଗୁଡା ସଂଯୋଗ କରୁଥିବା ରାସ୍ତା ମଝିରେ ଥିବା ପୁରୁରା ନଦୀରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସେତୁ ଓ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଛି। ଏଥିପାଇଁ ୩ କୋଟି ୭୧ ଲକ୍ଷ ୭୫ ହଜାର ୬୮ ଟଙ୍କା ଅନୁଦାନ ରହିଛି। ତେବେ ନିମ୍ନମାନର କାମ ଯୋଗୁ ରାସ୍ତା ଫାଟି ଯାଇଛି। ନିର୍ମାଣ ସମୟରେ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାକୁ ଜଣାଉଥିଲେ ମଧ କେହି ଦୃଷ୍ଟି ଦେଇ ନ ଥିଲେ। ଗୁରୁବାର କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ବାଞ୍ଛିବାହାଲ ଗାଁ ପରିଦର୍ଶନରେ ଆସିଥିବା ସମୟରେ ଗ୍ରାମବାସୀ ରାସ୍ତା ବିଷୟରେ ଅବଗତ କରାଇଥିଲେ। ଏହାପରେ ସେ ରାସ୍ତାଟି ଫାଟିଯାଇଥିବା ଦେଖି ଠିକାସଂସ୍ଥା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପୂର୍ବକ ଲାଇସେନ୍ସ ବାତିଲ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ବାଞ୍ଛିବାହାଲ ଗ୍ରାମର କେଦାର ମାଝୀ, ଦୁର୍ଯ୍ୟୋଧନ ମାଝୀ, ପରମେଶ୍ୱର ମାଝୀ, କାମଦେବ ମାଝୀ, ରୋହିତ ମାଝୀ, ସୁଧୀର ନାୟକ, ହରିହର ମାଝୀ, ହିମାଦ୍ରୀ ମାଝୀ ପ୍ରମୁଖ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ସହ ଭିଜିଲାନ୍ସ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ କାର୍ଯ୍ୟ ନିର୍ମାଣାଧୀନ ରହିଛି, ନୂଆ ମାଟି ପଡ଼ିଥିବାରୁ ରାସ୍ତା ଦବି ଯାଇଛି, ପୁଣି ଥରେ ମରାମତି କରିବା ପାଇଁ ଠିକା ସଂସ୍ଥାକୁ କହିଥିବା ପ୍ରକାଶ କରିଛନ୍ତି।

# ୩ଦିନ ପରେ ଶ୍ରେଣୀଗୃହରେ ପାଠପଢ଼ା ସ୍ୱାଭାବିକ

ଥୁଆମୂଳ ରାମପୁର,୭।୮ (ଦୁର୍ଗା କାର୍ଜି)

ଥୁଆମୂଳ ରାମପୁର ବ୍ଲକ ତେରଙ୍ଗାସିଲ ପ୍ରାଥମିକ ବିଦ୍ୟାଳୟରେ ଜାଗା ସମସ୍ୟାକୁ ନେଇ ଅବ୍ୟବସ୍ଥା ଦେଖାଦେଉଥିବାବେଳେ ୩ଦିନ ପରେ ଏହା ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ ୨୦୦୭ରେ ଗାଁରେ ବିଦ୍ୟାଳୟ ସ୍ଥାପନା ପାଇଁ ଆଲୋଚନା ସମୟରେ ଗ୍ରାମର ବିଦ୍ୟାଧର ନାଏକ ନିଜ ଜାଗା ଦେବାକୁ ରାଜି ହୋଇକୌଣସି କାର୍ଯ୍ୟକ୍ରମ ହେଲେ ତାଙ୍କୁ ପ୍ରାଥମିକତା ଦେବା ପାଇଁ ସର୍ତ୍ତ ରଖିଥିଲେ। ଏଥିରେ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ସେ ସୋମବାର ବିଦ୍ୟାଳୟରେ ତାଲା ମାରିଥିଲେ। ଫଳରେ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ବାହାରେ ପାଠ ପଢାଯାଇଥିଲା। ବୁଧବାର ଏଲ୍ଏଓ ହେମନ୍ତ କୁମାର ପଣ୍ଡାଙ୍କ ସମେତ ସ୍ଥାନୀୟ ସିଆର୍‌ସିସି ଅମର ସିଂ ମାଝୀ, ଥୁଆମୂଳ ରାମପୁର ସିଆର୍‌ସିସି ଝଙ୍କୁରୁ ମାଝୀପ୍ରମୁଖ ଜମି ମାଲିକଙ୍କ ସହ ଆଲୋଚନା କରିଥିଲେ। କୌଣସି କାର୍ଯ୍ୟକ୍ରମ ହେଲେ ତାଙ୍କୁ ପ୍ରାଥମିକତା ଦିଆଯିବ ଓ ପ୍ରତିବର୍ଷ ବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯିବ ବୋଲି କହିଥିଲେ। ଜମି ମାଲିକ ଏଥିରେ ରାଜି ହୋଇ ବିଦ୍ୟାଳୟରୁ ତାଲା ଖୋଲିଥିଲେ।

# ବରିଷ୍ଠ ଘୁମୁରା କଳାକାରଙ୍କ ପରଲୋକ



ଭବାନୀପାଟଣା,୭।୮ (ଉତ୍ତମ କୁମାର ବାଗ): ଭବାନୀପାଟଣା ସହରସ୍ଥିତ ମନ୍ଦାର ବରିଡାପଡ଼ା ନିବାସୀ ବରିଷ୍ଠ ଘୁମୁରା କଳାକାର ଭଗବାନ ଧଙ୍ଗଡାମାଝୀ(୮୬)ଙ୍କ ବୁଧବାର ଅପରାହ୍ନରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ୧୯୭୦ ଓ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଘୁମୁରା ନୃତ୍ୟ ପ୍ରଦର୍ଶନ କରିଥିଲେ। ସେ ଜଣେ ଉଚ୍ଚକୋଟୀର ନିଶାନ ବାଦକ ଭାବେ ଜଣାଶୁଣା। ଘୁମୁରା କଳାକାର ପଗଡ଼ିରେ ବାନ୍ଧିଥିବା ଚାହିଆ ନିର୍ମାଣ କରିବାରେ ଧୁରିଣ କାରିଗର ଥିଲେ। କଳାହାଣ୍ଡି ଉତ୍ସବ ଘୁମୁରା କମିଟି ପକ୍ଷରୁ ତାଙ୍କୁ ଘୁମୁରା ଗୁରୁ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ତାରିଣୀ ମନ୍ଦିର ନିକଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ, ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, କାଉଣ୍ଡ କଳା କେନ୍ଦ୍ରର ସଭାପତି ପଦ୍ମନାଭ ରାଜୁ, ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର, କଳାହାଣ୍ଡି ଲେଖକ କଳା ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ପ୍ରତିଭା ଅନୁଷ୍ଠାନର ଧାନାନନ୍ଦ ପଣ୍ଡା, ସଂସ୍କୃତି ଗବେଷକ ଜୟନ୍ତ କୁମାର ବେହେରା, ଭୀମସେନ ସାହୁ, ବରିଷ୍ଠ ଘୁମୁରା ଗୁରୁ କୈଳାସ ଚନ୍ଦ୍ର ସିଂହ ଓ ଗାଡିକାର ଗୌରାଙ୍ଗ ରାଉତ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ରାସ୍ତା ସମସ୍ୟା ନେଇ ଜିଲାପାଳଙ୍କୁ ଫେରାଦ

ଭବାନୀପାଟଣା,୭।୮ (ଉତ୍ତମ କୁମାର ବାଗ): ଧର୍ମଗଡ଼ ବ୍ଲକ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଥନଟ ଗ୍ରାମରୁ କେବିଡ଼ି ଗୋଡଭଞ୍ଜା ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏ ନେଇ ଗ୍ରାମବାସୀ ଧର୍ମଗଡ଼ ବିଡ଼ିଓ, ବିଧାୟକ, ଜିଲାପାଳଙ୍କୁ ଅବଗତ କରିଥିଲେ ମଧ ସୁଫଳ ମିଳି ପାରିନାହିଁ। ଏହି ରାସ୍ତା ମରାମତି ନାଁରେ ପଞ୍ଚାୟତ, ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ଏହାର ସୁଧାର ଆସିନାହିଁ। ଫଳରେ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ କେବେଡ଼ିରୁ ଗୋଡଭଞ୍ଜା ଭାୟା ଥନଟ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ନବମ ଯାଦବ ମହାସଭା ବୈଠକ

ଲାଞ୍ଜିଗଡ଼, ୭।୮ (ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କର୍ମଦୀ ପଞ୍ଚାୟତଠାରେ ନବମ ଯାଦବ ମହାସଭା ବୈଠକ ଉଲିଗୁଡ଼ାଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ଼ ଯୁବ ଯାଦବ ସଭାପତି ଡିଲେଶ କୁମାର ନାଗ, ଲାଞ୍ଜିଗଡ଼ ରୋଡ୍ ଆଞ୍ଚଳିକ ଯାଦବ ସଭାପତି ପୂର୍ଣ୍ଣଚନ୍ଦ୍ର ଗଉଡ଼ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। କର୍ମଦୀ ଆଞ୍ଚଳିକ ଯାଦବ ସମାଜ ସଭାପତି ତରୁଣ ବରଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସୋନୁରୁ ଗଉଡ଼ ପରିଚାଳନା କରିଥିଲେ। ଏହି ଅବସରରେ କର୍ମଦୀ ଯାଦବ ମହାସଭା ପଞ୍ଚାୟତ ସ୍ତରୀୟ ଆଞ୍ଚଳିକ କମିଟି ପୁନର୍ଗଠନ ହୋଇଥିଲା। ଏଥିରେ ପଞ୍ଚାୟତ ସଭାପତି ଭାବେ ତରୁଣ ବରଗାଁ, ଉପସଭାପତି କାଳାମଣି ଭୋଇ, ସାଧାରଣ ସମ୍ପାଦକ ମନୋଜ ଗଉଡ଼, ସହ ସମ୍ପାଦକ ଲବ ବରଗାଁ, କୋଷାଧ୍ୟକ୍ଷ ଭାବେ ଚିନ୍ତେନ ଗଉଡ଼ଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପଞ୍ଚାୟତର ୬ଟି ଗ୍ରାମ୍ୟ କମିଟି ଓ ୫ ଗୋଟି ଭାବ କମିଟି ଗଠନ କରାଯାଇଥିଲା। ଏଥିରେ ଉପଦେଷ୍ଟା ଭାବେ ବରୁଣ ବରଗାଁ, ହାବୁ ନାଗ, ନୀଳମଣି ଚନ୍ଦନ, ଚକ୍ରଧର ନାଗ, ଗୁରୁମଣି ଜାଲ, ମୁକୁନ୍ଦ ଗଉଡ଼ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-MK-KUR-EnHM-BBSN-312-25

| | |
|---|---|
| କାର୍ଯ୍ୟର ନାମ : | 01 ବର୍ଷ ଅବଧି ନିମନ୍ତେ ଖୁର୍ଦ୍ଧାରୋଡ଼ ଡିଭିଜନରେ ନ୍ୟୁ ଭୁବନେଶ୍ୱର ଷ୍ଟେସନରେ ପ୍ଲାଟଫର୍ମ-1 ଏବଂ 6 & 7, ଫୁଟ୍ ଓଭର ବ୍ରିଜ୍ (FOB) (2 & 3 ଠାରେ 4 & 5 ରେ ସିଡ଼ି ବ୍ୟତୀତ) ଏବଂ ପରିଚାଳନ କ୍ଷେତ୍ରଗୁଡ଼ିକରେ ସଫେଇ କାର୍ଯ୍ୟକଳାପ, ପ୍ଲାଟଫର୍ମ (PF) 1 & 6 କୁ ଛାଡ଼ିଆ ବ୍ୟବସ୍ଥିତକୁ ଆଲିଙ୍ଗନ ଏବଂ ବର୍ଜ୍ୟବସ୍ତୁ ଅପସାରଣ। |
| ବିଜ୍ଞାପିତ ମୂଲ୍ୟ (₹) : | 1,42,83,236.36 |
| EMD (₹) : | 2,21,400.00 |
| ଟେଣ୍ଡର ଦସ୍ତାବିଜ ମୂଲ୍ୟ (₹) : | 5,900.00 |
| ଅବଧି : | 12 ମାସ। |
| ବିଡ଼ ଦାଖଲ ଆରମ୍ଭ ହେବା ତାରିଖ: | ତା.12.08.2025ରିଖ। |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.26.08.2025ରିଖ 1530 ଘଣ୍ଟାରେ। |

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେଗୁଡ଼ିକ ପ୍ରାପ୍ତ ହେଲେ ବିଚାର କରାଯିବ ନାହିଁ। ଇ-ଟେଣ୍ଡର ନୋଟିସ୍ ସହିତ ସମ୍ପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।

PR-442/O/24-25

**ଫର୍ମ ନଂ.୧୩**

**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶା**
**ସି-୬୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**

ଓ.ଏ. ନଂ. ୨୨୨/୨୦୨୪

ଆଇସିଆଇସିଆଇ ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ଼ ............ ଆବେଦନକାରୀ
ବନାମ
ଅଶୋକ କୁମାର ନାୟକ ଓ ଅନ୍ୟକଣେ ............ ପ୍ରତିବାଦୀ(ଗଣ)

୧) ଅଶୋକ କୁମାର ନାୟକ, ବୟସ ପ୍ରାୟ ୪୪ ବର୍ଷ, ପିତା- ଦେବେନ୍ଦ୍ର କୁମାର ନାୟକ, ସ୍ଥାନ- ହରିଓମ୍ କଲୋନୀ, ମିଶନ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼-୭୭୦୦୦୧

୨) ଗୀତା ପଟେଲ, ବୟସ ପ୍ରାୟ ୩୯ ବର୍ଷ, ପିତା- ରାଜକୁମାରୀ ପଟେଲ, ସ୍ଥାନ- ହରିଓମ୍ କଲୋନୀ, ମିଶନ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼- ୭୭୦୦୦୧

**ଖବରକାଗଜରେ ପ୍ରକାଶନ ମାଧ୍ୟମରେ ସମନ**

**ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ**

ନୋଟିସ ଦିଆଯାଉଛି ଯେ ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ନିକଟରେ ଟ.୪୫,୮୦,୯୦୦/- ମାତ୍ର ସୁଧ ସହିତ ଓ ଭବିଷ୍ୟତରେ ସୁଧ, ବ୍ୟୟ ଓ ଅନ୍ୟାନ୍ୟ ଉପଶମ ପାଇଁ ଓ.ଏ. ନଂ. ୨୨୨/୨୦୨୪ ଆରମ୍ଭ କରିଛନ୍ତି। ସେଥିସହିତ, ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ନ୍ୟାୟାଧିକରଣଙ୍କ ଉପସ୍ଥିତ ହେବାକୁ ବାରମ୍ବାର ଚେଷ୍ଟା କରାଯାଇଥିଲା ଓ ପ୍ରତିବାଦୀ ଦ୍ୱୟଙ୍କୁ ସାଧାରଣ ଭାବେ ସମନ ଜାରି କରାଯାଇଥିଲା। ଅଣ୍ଡର ଏକ୍‌ସପ୍ରେସ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ଦିଆଯିବା ନିମିତ୍ତ ପ୍ରତିବାଦୀଙ୍କୁ ଲିଖିତ ବିବୃତ୍ତି ଦାଖଲ କରିବା ପାଇଁ ଓ ତା.୨୦.୦୮.୨୦୨୫ରିଖ ୧୦.୩୦ ଘଣ୍ଟା ଦିନ ପୂର୍ବାହ୍ନରେ ସୂଚନା ଦେବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଉଛି। ନୋଟିସ ଦିଆଯାଉଛି ଯେ, ଏହିଦିନ ଉପସ୍ଥିତ ନ ହେଲେ ଆବେଦନ ଶୁଣାଣି ଓ ଫଇସଲା କରାଯିବ।

ମୋର ଦସ୍ତଖତ ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ ୩୧ ଜୁଲାଇ, ୨୦୨୫ ଦିନ ପ୍ରଦତ୍ତ

ରେଜିଷ୍ଟ୍ରାର
(ନିତ୍ୟାନନ୍ଦ ରଞ୍ଜନ ପତି)

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ/ପୋଷ୍ଟ: ଅମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)

**NOTICE**

**FOR PRADHAN MANTRI GRAM SADAK YOJANA [PMGSY]**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender /14-2025-25/PMGSY/BPR**

No. O-550: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana (Balance Work) in the districts of Ganjam for 01 (One) number of packages with estimated cost totalling to Rs.3.50 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for Bids through e-procurement Dtd.12.08.2025.

**Availability of Bid documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

Last date/time for receipt of bids through e-procurement: 26.08.2025 upto 5.30 P.M.

For further details and corrigendum (if any) please log on to www.pmgsytenders.gov.in.

OIPR-25071/11/0107/2526 — Sd/- Chief Construction Engineer, R.W. Circle, Berhampur

**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 18 of 2025-26**
e-mail ID - angulrbdivision@yahoo.co.in

No.B-374

| | | |
|---|---|---|
| 1 | Number of Works | 02 (Two) number of building works |
| 2 | Approximate estimated cost | Varies from 71.00 lakh to 79.00 lakh |
| 3 | Period of completion | 06 (Six) Calendar months |
| 4 | Date & Time of availability of bid document in the portal | Dt.11.08.2025 at 10.00 A.M. |
| 5 | Last date / time for receipt of bid in the portal | Dt.25.08.2025 up to 5.00 P.M. |
| 6 | Date of opening Bid | Dt.26.08.2025 at 11.00 A.M. |
| 7 | Name and address of the Office Inviting Bid | Superintending Engineer, Angul (R&B) Division, Angul |
| 8 | The bidders must participate in ONLINE bidding only. Further details can be seen from the e-procurement portal https://tendersodisha.gov.in | |

OIPR-34074/11/0031/2526 — Sd/- Superintending Engineer, Angul (R&B) Division

**ODISHA CONSTRUCTION CORPORATION LIMITED**
**BHUBANESWAR**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
GSTIN-21AAACO2571K2ZM

No.CAD-1387 — **"e-Procurement Notice No-33/OCCL/2025-26 (On-line)**

On-line percentage rate tender is invited from the eligible bidders for the following work :

| Sl. No. | Name of Work | Bid Identification No. | Approx value of work | Bid Security (in Rs.) | Period of Completion (in months) | Availability & Submission of Tender (on-line) |
|---|---|---|---|---|---|---|
| 1 | Dredging of Luna river from RD 00 Km (Badagotha) to 17.50 Km (Madhipur) under DOAB-VII in Kanas Block of Satyabadi Constituency for the year 2024-25 (WRD from 00 Km to 16.353 Km) | OCCL_HQP/13/2025-26 | Rs.26.93 Crore | Rs.26,94,000/- | 18 calendar months | From 12/08/2025, 03.30 PM to 11/09/2025, 05.30 PM |

Procurement Officer
Date of Opening of the Tender :
Further details can be seen from the e-Procurement portal

Managing Director, OCCL
12.09.2025, 12.00 noon onwards.
https://www.tendersodisha.gov.in
https://odishaconstruction.com

OIPR-34120/11/0055/2526 — Sd/- MANAGING DIRECTOR

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
Email ID : ccerwcrayagada@gmail.com

No.O-529

Letter No. 1574 — Date : 31.07.2025

**NATIONAL COMPETITIVE BIDDING THROUGH GEPNIC**
**e PROCUREMENT NOTICE**

1. Name of the work — Construction of Building works for the year 2025-2026. (13 Nos)
2. Class of contractor — "B" & "A" (of Odisha PWD) or relevant class of other licensing authority
3. Estimated Cost — Varies from Rs.111.89 Lakhs to Rs.400.17 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-14/ RWCRGDA/ /2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

OIPR-25196/11/0024/2526 — Sd/- Chief Construction Engineer, Rural Works Circle, Rayagada

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
Email ID : ccerwcrayagada@gmail.com

No.O-528

Letter No. 1585 — Date : 31.07.2025

**NATIONAL COMPETITIVE BIDDING THROUGH GEPNIC**
**e PROCUREMENT NOTICE**

1. Name of the work — Construction and Maintenance of Road works for the year 2024-2025. (4 Nos of Works)
2. Class of contractor — "A" & "Special" (of Odisha PWD) or relevant class of other licensing authority
3. Estimated Cost — Varies from Rs.664.24 Lakhs to Rs.1055.00 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding From | To | Last Date & Time of seeking tender clarification | Date & Time of opening of tender Technical Bid | Financial Bids |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-15/ RWCRGDA/ 2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

OIPR-25196/11/0026/2526 — Sd/- Chief Construction Engineer, Rural Works Circle, Rayagada

# ଫାଇଲେରିଆ ନିରାକରଣକୁ ଗୁରୁତ୍ୱ

**ବରଗଡ଼,୭।୮ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଫାଇଲେରିଆ ନିରାକରଣ ପାଇଁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଡା. କୁବେର ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀକୃଷ୍ଣ ବଲ୍ଲଭ ମହାନ୍ତି, ବିଭାଗୀୟ କର୍ମଚାରୀ ଆଲୋକ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ଫାଇଲେରିଆ ରୋଗର ଲକ୍ଷଣ ଏବଂ ଏହାର ନିରାକରଣ ପଦ୍ଧତିର ସବିଶେଷ ବିବରଣୀ ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହନ୍ତ କହିଥିଲେ, ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ବ୍ୟକ୍ତି ଏହି ଔଷଧ ବଟିକାର ଗୋଟିଏ ମାତ୍ରା, ଏହି ରୋଗର ଲକ୍ଷଣ ଥାଉ ବା ନ ଥାଉ ନିଶ୍ଚିତ ସେବନ କରିବେ। ଗର୍ଭବତୀ ମହିଳା ଏବଂ ଶଯ୍ୟାଶାୟୀ ବ୍ୟକ୍ତିଙ୍କୁ ଏହି ଔଷଧ ଖାଇବାକୁ ଦିଆଯିବ ନାହିଁ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଅଟେ ଓ କିଛି ଖାଦ୍ୟ ଖାଇ ସାରିଲା ପରେ ଖାଇବା ଉଚିତ। କେବଳ ଆଲବେଣ୍ଡାଜୋଲ ବଟିକା ୬ ବର୍ଷରୁ କମ ବୟସର ପିଲା, ପ୍ରସବର ସାତ ଦିନ ପର୍ଯ୍ୟନ୍ତର ମହିଳା ଏବଂ ତିନି ଫୁଟରୁ କମ ଉଚ୍ଚତା ଥିବା ବ୍ୟକ୍ତିଙ୍କୁ ଖାଇବାକୁ ଦିଆଯିବ ନାହିଁ ବୋଲି ସେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହାନ୍ତି ସୂଚନା ଦେଇ କହିଥିଲେ, ଏହି ରୋଗର ନିରାକରଣ ପାଇଁ ଜିଲ୍ଲାରେ ଚଳିତ ଅଗଷ୍ଟ ମାସ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ କେବଳ ବରପାଲି ଓ ବିଜେପୁର ଗ୍ରାମାଞ୍ଚଳ ଅଞ୍ଚଳକୁ ବାଦ ଦେଇ ଅନ୍ୟ ସମସ୍ତ ଅଞ୍ଚଳ ଗୁଡ଼ିକରେ ଏକକାଳୀନ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମ ଅଧିନରେ ଏହି ରୋଗର ଔଷଧ ଅଞ୍ଚଳର ତାଲିମପ୍ରାପ୍ତ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ସେମାନଙ୍କ ସାମ୍ନାରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଖାଇବାକୁ ଦେବେ। ଘରକୁ ଘର ବ୍ୟତୀତ ଏହି ଔଷଧ ସ୍କୁଲ, କଲେଜ, ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ ସରକାରୀ ଚିକିତ୍ସାଳୟ ଗୁଡ଼ିକରେ ସେବନ ପାଇଁ ଦିଆଯିବ। ଏହି ଔଷଧର ଗୋଟିଏ ମାତ୍ରାକୁ ସମସ୍ତେ ନିଶ୍ଚିତଭାବେ ଔଷଧ ପ୍ରଦାନକାରୀଙ୍କ ସାମ୍ନାରେ ହିଁ ଖାଇବେ, ଯାହା ଦ୍ୱାରା କି ଫାଇଲେରିଆ (ବାତଗୋଡ଼)କୁ ସମାଜରୁ ଦୂରେଇ ପାରିବା ଏବଂ ବର୍ତ୍ତମାନ ତଥା ଆମ ଭବିଷ୍ୟତ ପିଢ଼ିକୁ ସୁସ୍ଥ ଏବଂ ଏକ ଫାଇଲେରିଆ ମୁକ୍ତ ଜୀବନ ବଞ୍ଚିବାର ସୁଯୋଗ ଦେଇପାରିବା ବୋଲି ଡା. ମହାନ୍ତି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀମାନେ।

# ସିଡିଏମ୍ଏଣ୍ଡପିଏଚ୍ଓ ପଦବୀକୁ ନେଇ ଚାଲିଛି ବଦଳି ପାଲା

**■ ଦେଢ଼ ମାସରେ ବଦଳିଲେଣି ୩ ଜଣ**

**■ ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଅବ୍ୟବସ୍ଥା**

**ସୋନପୁର,୭।୮ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ଏବେ ସବୁ କିଛି ଠିକ୍ଠାକ୍ ଚାଲିନାହିଁ। ପ୍ରଶାସନିକସ୍ତରରେ ଓ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ନାନା ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତ୍ରୁଟିପୂର୍ଣ୍ଣ ବଦଳି ପ୍ରକ୍ରିୟାକୁ ନେଇ ଜିଲ୍ଲାରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଡାକ୍ତର ପ୍ରଦୀପ କୁମାର ଗୁରୁ ଗତ ନଭେମ୍ବର ମାସରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ଏଣ୍ଡପିଏଚ୍ଓ) ଭାବେ ଯୋଗଦାନ କରିଥିଲେ। ରାଜ୍ୟ ସରକାର ତାଙ୍କୁ ଜୁନ୍ ମାସରେ ବଦଳି କରି ପଦୋନ୍ନତି ପାଇଥିବା ଡାକ୍ତର ପ୍ରଦୀପ କୁମାର ହୋତାଙ୍କୁ ନିଯୁକ୍ତି ଦେଇଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୧୮ ତାରିଖରେ ଡାକ୍ତର ଗୁରୁ ଏଠାରୁ ରିଲିଭ୍ ହୋଇଥିଲେ। ସେହିଭଳି ଜୁନ୍ ୨୦ ତାରିଖରେ ଡାକ୍ତର ହୋତା ସିଡିଏମ୍ଏଣ୍ଡପିଏଚ୍ଓ ଭାବରେ ଏଠାରେ ଯୋଗଦାନ କରିଥିଲେ। ତେବେ ଡାକ୍ତର ହୋତାଙ୍କର ସମ୍ବଲପୁର ଡାକ୍ତରଖାନା ଛାଡି ସୁବର୍ଣ୍ଣପୁରରେ ଚାକିରି କରିବା ପାଇଁ ସେତେଟା ଆଗ୍ରହ ନ ଥିଲା। ତେଣୁ ସେ କାର୍ଯ୍ୟରେ ଯୋଗଦେବା ଦିନଠାରୁ ତାଙ୍କର ସମ୍ବଲପୁରକୁ ପୁଣି ବଦଳି ହେବା ନେଇ ଜିଲ୍ଲାର ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ଲାଗି ରହିଥିଲା। ମାତ୍ର ୧ ସପ୍ତାହ ପରେ ତାହା ହିଁ ହେଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ହୋତାଙ୍କୁ ସମ୍ବଲପୁର ସିଡିଏମ୍ଏଣ୍ଡପିଏଚ୍ଓ ଭାବେ ବଦଳି କଲେ। ଜୁଲାଇ ୩୧ ତାରିଖରେ ଡାକ୍ତର ହୋତା ସୁବର୍ଣ୍ଣପୁରରୁ ରିଲିଭ୍ ହେଲେ। ପରେ ରାଜ୍ୟ ସରକାର ପୁଣି ଡାକ୍ତର ଉଷାରାଣୀ ଦାଶଙ୍କୁ ସୁବର୍ଣ୍ଣପୁର ସିଡିଏମ୍ଏଣ୍ଡପିଏଚ୍ଓ ଭାବେ ନୂତନ ନିଯୁକ୍ତ କଲେ। ଡାକ୍ତର ଦାଶ ଅଗଷ୍ଟ ୭ ତାରିଖ ଗୁରୁବାର ସୁବର୍ଣ୍ଣପୁରରେ ନୂତନ ସିଡିଏମ୍ଏଣ୍ଡପିଏଚ୍ଓ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଭଳି ବଦଳି ପାଲାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପଦବୀରେ କେତେବେଳେ କିଏ ଅଛନ୍ତି ତାହା ଜିଲ୍ଲାବାସୀ ଜାଣି ପାରୁନାହାନ୍ତି। ଜିଲ୍ଲାର ଭୌଗଳିକ ସ୍ଥିତି ଓ ପ୍ରଶାସନିକ ବ୍ୟବସ୍ଥାକୁ ବୁଝିଲା ବେଳକୁ ତାଙ୍କର ବଦଳି ହେଉଛି। ଏହି ସୁଯୋଗରେ କିଛି ଡାକ୍ତର ଓ କର୍ମଚାରୀ ମାନେ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବଦଳି ପ୍ରକ୍ରିୟାକୁ ନିଜେ ଅନୁଧ୍ୟାନ କରିବାକୁ ସାଧାରଣରେ ଦାବି ହେଉଛି।

# ବିନିକା ମହିଳା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

**ବିନିକା, ୭।୮ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ମହିଳା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗୁରୁବାର ୭୬ତମ ବନ ମହୋତ୍ସବ ପାଳନ ଅବସରରେ ଚାରାରୋପଣ କରାଯାଇଛି । ପରିବେଶ ସଚେତନତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା କାର୍ଯ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିନିକା ସେକ୍ସନ ବନପାଳ ବନମାଳୀ ପାଣ୍ଡେ, ସମ୍ମାନିତ ଅତିଥି ଭାବେ ରାମପୁର ସେକ୍ସନ ବନପାଳ ଜନ୍ମେଜୟ ମାଝୀ ଯୋଗଦେଇ ପରିବେଶ ଓ ବୃକ୍ଷ ପ୍ରାଣୀ ଜଗତ ପାଇଁ କେତେ ଉପକାରୀ ସେ ବିଷୟରେ କହିଥିଲେ। ଅଧ୍ୟାପିକା ବୈଜୟନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ମା' ପାଇଁ ଗଛଟିଏ ଲଗାଇ ଯତ୍ନ ନେବାକୁ ଅଧ୍ୟକ୍ଷ ସାହ ଛାତ୍ରୀ ମାନଙ୍କୁ ଆହ୍ୱାନ କରିଥିଲେ । ବନପାଳ ବନମାଳି ପାଣ୍ଡେ ବର୍ଷା ଋତୁରେ ଚାରାରୋପଣ କରି ଧରିତ୍ରୀ ମା' ତଥା ଜୀବଜଗତକୁ ସୁରକ୍ଷା ଦେବାକୁ ଅନୁରୋଧ କରିଥିଲେ। ଅଧ୍ୟାପକ ଅଶୋକ ବିଶି ଧନ୍ୟବାଦ ଦେଥିଲେ। ପରେ ବିନିକା ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କରିଥିଲେ।



ବିନିକା ମହିଳା ଉଚ୍ଚ ବିଦ୍ୟାଳୟର ଚାରାରୋପଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

# ଜିଲ୍ଲାସ୍ତରୀୟ ମିଶନ ଏ-୧ ମେଧା ଚୟନ ପରୀକ୍ଷା



ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

**ବୌଦ୍ଧ,୭।୮ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମିଶନ ଏ-୧ ମେଧା ଚୟନ ପରୀକ୍ଷା ଗୁରୁବାରଠାରୁ ଜିଲ୍ଲାର ୯ଟି ପରୀକ୍ଷା କେନ୍ଦ୍ରରେ ଶୁଭାରମ୍ଭ ହୋଇଛି। ଜିଲ୍ଲାର ୭୪ଟି ଉଚ୍ଚ ବିଦ୍ୟାଳୟରୁ ଅତିକମ୍‌ରେ ୫ଜଣ ଲେଖାଏ କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିବା ବେଳେ ମୋଟ ୪୩୫ ଜଣ ପରୀକ୍ଷା ଦେଉଛନ୍ତି। ଗୁରୁବାର ପ୍ରଥମ ଦିନ ଓଡ଼ିଆ, ଗଣିତ ଓ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ଦୁଇଦିନ ଧରି ହେବାକୁ ଥିବାବେଳେ ଶୁକ୍ରବାର ଇଂରାଜୀ, ବିଜ୍ଞାନ ଓ ହିନ୍ଦୀ/ସଂସ୍କୃତ ପରୀକ୍ଷା ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ, ପରୀକ୍ଷା ନିରୀକ୍ଷକ ନିଯୁକ୍ତି କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ନେତୃତ୍ୱରେ ଜିଲ୍ଲାର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଏ-୧ ଓ ଏ-୨ ସଂଖ୍ୟା ବୃଦ୍ଧି କରିବା ପାଇଁ ଏଭଳି ପରୀକ୍ଷା ଆୟୋଜନ କରାଯାଉଛି। ପରୀକ୍ଷା ଦେଉଥିବା ୪୩୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୦ ଜଣଙ୍କୁ ଚୟନ କରାଯାଇ ଜିଲ୍ଲାର ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ଅନ୍‌ଲାଇନ ଓ ବିଭିନ୍ନ ଶିକ୍ଷା ଶିବିରରେ ଶିକ୍ଷାଦାନ କରାଯିବା ଯୋଜନା ରହିଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜ୍ୟୋତିକାନ୍ତ ସାହୁ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା, ଉପେନ୍ଦ୍ର ପ୍ରଧାନ, ଅଶୋଭ ରଞ୍ଜନ ମାଲିଙ୍କ ସମେତ ଉଚ୍ଚ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ସାମିଲ ହୋଇଛନ୍ତି। ଅଗଷ୍ଟ ୧୨, ୧୪, ୧୫, ୧୯ ଓ ୨୦ ତାରିଖରେ ପରୀକ୍ଷା ଫଳ ମୂଲ୍ୟାୟନ ହେବା ସହ ଫଳ ଘୋଷଣା ହେବ।

# ସ୍ୱାଧୀନତା ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା

**ବୌଦ୍ଧ,୭।୮ (ଅଜିତ କୁମାର ବାରିକ)**

ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ଓଡ଼ିଆ, ଇଂଲିଶ ଓ ସଂସ୍କୃତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ବକ୍ତୃତାରେ ସେଣ୍ଟ ଜାଭିୟର ସ୍କୁଲର ଛାତ୍ର ଆର୍ଯ୍ୟନାରାୟଣ ଦେବ(ପ୍ରଥମ) ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାତୀ ସ୍ନେହା ଶାସିନି(ଦ୍ୱିତୀୟ)- ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସନତୃପ୍ତି ସାହୁ (ତୃତୀୟ), ଇଂଲିଶରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ସନତୃପ୍ତି ସାହୁ (ପ୍ରଥମ), ଗୌରି ଶଙ୍କର ପବ୍ଲିକ ସ୍କୁଲର ଶ୍ରୀଜିତ ପାଣିଗ୍ରାହୀ (ଦ୍ୱିତୀୟ), ସେଣ୍ଟ ଜାଭିୟର ସ୍କୁଲର ଆର୍ଯ୍ୟନାରାୟଣ ଦେବ(ତୃତୀୟ) ଓ ସଂସ୍କୃତରେ ଅନୁଶୟା ମହାକୁଳ (ପ୍ରଥମ), ପ୍ରତିମ ମେହେର (ଦ୍ୱିତୀୟ) ଓ ଶ୍ରୀଜିତ ପାଣିଗ୍ରାହୀ (ତୃତୀୟ) ସ୍ଥାନ ଅଧିକାର କରିଛନ୍ତି। ବିଚାରକ ଭାବେ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର, ରାଧାମୋହନ ମାହାଣା, ମଧୁମିତା ମିଶ୍ର, ଟଙ୍କଧର ସାହୁ, ଦୁଖିଶ୍ୟାମ ବେହେରା, ବିଜୟ କୁମାର କ୍ଷେତୀ, ମିତାଳି ଜେନା, ସୁଶାନ୍ତ କୁମାର ପଣ୍ଡା, ସନ୍ଧ୍ୟାରାଣୀ ମିଶ୍ର କାର୍ଯ୍ୟ ତୁଲାଇଥିଲେ।



ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ପ୍ରତିଯୋଗିତାର ବିଚାରକ।

**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 18 of 2025-26**
e-mail ID - angulrbdivision@yahoo.co.in
No.B-374

1 Number of Works : 02 (Two) number of building works
2 Approximate estimated cost : Varies from 71.00 lakh to 79.00 lakh
3 Period of completion : 06 (Six) Calendar months
4 Date & Time of availability of bid document in the portal : **Dt.11.08.2025 at 10.00 A.M.**
5 Last date / time for receipt of bid in the portal : **Dt.25.08.2025 up to 5.00 P.M.**
6 Date of opening Bid : **Dt.26.08.2025 at 11.00 A.M.**
7 Name and address of the Office Inviting Bid : Superintending Engineer, Angul (R&B) Division, Angul
8 The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

OIPR-34074/11/0031/2526
**Sd./- Superintending Engineer, Angul (R&B) Division**

# ବିଲକୁ ଖସିଲା କାର, ଜଣେ ମୃତ

**ତରଭା, ୭।୮ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲ୍ଲା ତରଭା ଥାନା ଖାରୀ ହାଇସ୍କୁଲ ନିକଟରେ ଭାରସାମ୍ୟ ହରାଇ ଏକ କାର ରାସ୍ତାପାର୍ଶ୍ୱ ବିଲକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। ମୃତକ ହେଲେ କାର ଚାଳକ ଘଣ୍ଟାରପାଲି ଗାଁର ସୁବ୍ରତ କୁମାର ଭୋଇ। ବୁଧବାର ବିଳମ୍ବିତ ରାତିରେ ଖାରିରୁ ଘଣ୍ଟାରପାଲିକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ସୁବ୍ରତଙ୍କୁ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତରଭା ଥାନା ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୋନପୁରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-M-KUR-EnHM-BBSN-312-25
**କାର୍ଯ୍ୟର ନାମ :** 01 ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେସନଠାରେ ପ୍ଲାଟଫର୍ମ-1 ଏବଂ 6 & 7, ଫୁଟ୍ ଓଭର ବ୍ରିଜ୍ (FOB) (2 & 3 ତଥା 4 & 5 ର ସିଢ଼ି ବ୍ୟତୀତ) ଏବଂ ପରିଚାଳନ କ୍ଷେତ୍ରଗୁଡ଼ିକର ସଫେଇ କାର୍ଯ୍ୟକଳାପ, ପ୍ଲାଟଫର୍ମ (PF) 1 & 6 ରୁ ଅଳିଆ ଡ୍ରବାଗୁଡ଼ିକୁ ଖାଲିକରିବା ଏବଂ ବର୍ଜ୍ୟବସ୍ତୁ ଅପସାରଣ ।
**ବିଜ୍ଞାପିତ ମୂଲ୍ୟ (₹) :** 1,42,83,236.36, EMD (₹) : 2,21,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.12.08.2025ରିଖ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.08.2025ରିଖ 1530 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ୍
PR-442/Q/24-25

**ଫର୍ମ ନଂ.୧୩**
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶା**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
ଓ.ଏ. ନଂ. ୬୬୬/୨୦୨୪
ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍........................ ଆବେଦନକାରୀ
ବନାମ
ଅଶୋକ କୁମାର ନାଏକ ଓ ଅନ୍ୟଜଣେ ........................ ପ୍ରତିବାଦୀ(ଗଣ)
୧) ଅଶୋକ କୁମାର ନାଏକ, ବୟସ ପ୍ରାୟ ୪୪ ବର୍ଷ, ପିତା- ଦେବେନ୍ଦ୍ର କୁମାର ନାଏକ, ସ୍ଥାନ- ହରିଓମ୍ କଲୋନୀ, ମିଶନ୍ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼-୭୭୦୦୦୧
୨) ରୀତା ପଟେଲ, ବୟସ ପ୍ରାୟ ୩୯ ବର୍ଷ, ପିତା- ରାଜକୁମାରୀ ପଟେଲ, ସ୍ଥାନ- ହରିଓମ୍ କଲୋନୀ, ମିଶନ୍ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼- ୭୭୦୦୦୧
**ଖବରକାଗଜ ପ୍ରକାଶନ ମାଧ୍ୟମରେ ସମନ**
**ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ**
ନୋଟିସ ଦିଆଯାଉଛି ଯେ ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ନିକଟରେ **ଟ.୪୬,୯୦,୯୦୦/-** ମାତ୍ର ସମେତ ଚଳିତ ଓ ଭବିଷ୍ୟତର ସୁଧ, ବ୍ୟୟ ଓ ଅନ୍ୟାନ୍ୟ ଉପଶମ ପାଇଁ **ଓ.ଏ. ନଂ. ୬୬୬/୨୦୨୪** ଆରମ୍ଭ କରିଛନ୍ତି । ତେଣୁକରି, ଉପରନାମିତ ପ୍ରତିବାଦୀମାନଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ବିରୁଦ୍ଧରେ ନିଜର ପ୍ରତିରକ୍ଷା ଲାଗି ପ୍ରକାଶନର ୩୦ ଦିନ ମଧ୍ୟରେ ଅଥବା **ତା୧୪।୧୦।୨୦୨୫ରିଖ ୧୦.୩୦ ଘଟିକା** ସୁଦ୍ଧା ହାଜର ହେବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର ଦଲିଲ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି । ନୋଟିସ୍ ଦିଆଯାଉଛି ଯେ, ଏଥିରେ ଖିଲାପ କରାଯିବା କ୍ଷେତ୍ରରେ ଦରଖାସ୍ତକୁ ସେମାନଙ୍କର ଅନୁପସ୍ଥିତିରେ ଶୁଣାଣି ଓ ଫଇସଲା କରାଯିବ ।
ମୋର ଦସ୍ତଖତ ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ **୩୧ ଜୁଲାଇ, ୨୦୨୫** ଦିନ ପ୍ରଦତ୍ତ
**ନିବନ୍ଧକ**
**(ନିଖିଳ ରଞ୍ଜନ ପତି)**

**ODISHA CONSTRUCTION CORPORATION LIMITED**
**BHUBANESWAR**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
**GSTIN-21AAACO2571K2ZM**
**No.CAD-1387**
**"e-Procurement Notice No-33/OCCL/2025-26 (On-line)**
On-line percentage rate tender is invited from the eligible bidders for the following work ;

| Sl. No. | Name of Work | Bid Identification No. | Approx value of work | Bid Security (in Rs.) | Period of Completion (in months) | Availability & Submission of Tender (on-line) |
|---|---|---|---|---|---|---|
| 1 | Dredging of Luna river from RD 00 Km (Badagotha) to 17.50 Km (Madhipur) under DOAB-VII in Kanas Block of Satyabadi Constituency for the year 2024-25 (WRD from 00 Km to 16.353 Km) | OCCL_HQP/13/2025-26 | Rs.26.93 Crore | Rs.26,94,000/- | **18 calendar months** | From 12/08/2025, 03.30 PM to 11/09/2025, 05.30 PM |

Procurement Officer : Managing Director, OCCL
Date of Opening of the Tender : **12.09.2025, 12.00 noon onwards.**
Further details can be seen from the e-Procurement portal https://www.tendersodisha.gov.in https://odishaconstruction.com
**OIPR-34120/11/0055/2526** **Sd./- MANAGING DIRECTOR**

# ଫସଲ ବୀମା ରଥର ଶୁଭାରମ୍ଭ



ରଥର ଶୁଭାରମ୍ଭ ଜିଲାପାଳ କରୁଛନ୍ତି।

**ବୌଦ୍ଧ,୭।୮ (ଅଜିତ କୁମାର ବାରିକ)**

ପ୍ରଧାନମନ୍ତ୍ରୀ ଫସଲ ବୀମା ରଥର ଗୁରୁବାର ଶୁଭାରମ୍ଭ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୩ଟି ରଥର ଶୁଭାରମ୍ଭ ଜିଲାପାଳ ବିଭୁତି ଭୁଷଣ ନାୟକ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ୩ ଗୋଟି ବ୍ଲକରେ ପରିକ୍ରମା କରିବା ସହିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପିଭିରମଣ ରାଓ ଉପସ୍ଥିତ ଥିଲେ।

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ: ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/P.O.- Ambapua, Near Income Tax Office, Berhampur - 760011, Ganjam, Odisha)
(E-mail: serwbpr2004@yahoo.com, Tel No.: 0680-2404287)
**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender /14-2025-25/PMGSY/BPR**
No. O-550: The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana (Balance Work) in the districts of Ganjam for 01 (One) number of packages with estimated cost totalling to Rs.3.50 Cr. (Approximate) including their maintenance for five years from the eligible contractors registered with State PWD/CPWD/MES/Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.
Date of release of invitation for Bids through e-procurement Dtd.12.08.2025.
**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the Authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B(a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned Divisions on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.
Last date/time for receipt of bids through e-procurement: 26.08.2025 upto 5.30 P.M.
For further details and corrigendum (if any) please log on to **www.pmgsytenders.gov.in**.
**OIPR-25071/11/0107/2526** **Sd./- Chief Construction Engineer, R.W. Circle, Berhampur**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
No.O-529
Email ID : ccerwcrayagada@gmail.com
**Letter No. 1574** **Date : 31.07.2025**
**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**
1. Name of the work : Construction of Building works for the year 2025-2026. (13 Nos)
2. Class of contractor : "B" & "A" of (Odisha PWD) or relevant class of other licensing authority
3. Estimated Cost : **Varies from Rs.111.89 Lakhs to Rs.400.17 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-14/ RWCRGDA/ /2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.
**Sd./- Chief Construction Engineer, Rural Works Circle, Rayagada**
**OIPR-25196/11/0024/2526**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA**
No.O-528
Email ID : ccerwcrayagada@gmail.com
**Letter No. 1585** **Date : 31.07.2025**
**NATIONAL COMPETITIVE BIDDING THROUGH GEPNIC**
**e_PROCUREMENT NOTICE**
1. Name of the work : Construction and Maintenance of Road works for the year 2024-2025. (4 Nos of Works)
2. Class of contractor : "A" & "Special" of (Odisha PWD) or relevant class of other licensing authority
3. Estimated Cost : **Varies from Rs.664.24 Lakhs to Rs.1055.00 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-15/ RWCRGDA/ 2025-26 | Dt.11.08.2025 at 11.00 A.M. | Dt.26.08.2025 Up to 5.00 P.M. | Dt.25.08.2025 Up to 5.00 P.M. | Dt.29.08.2025 at 11.00 A.M. | Will be intimated later |

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.
**Sd./- Chief Construction Engineer, Rural Works Circle, Rayagada**
**OIPR-25196/11/0026/2526**

**ସଂକ୍ଷେପରେ**

## ଷ୍ଟେଶନ ମ୍ୟାନେଜରଙ୍କୁ ଆକ୍ରମଣ, ୨ ଗିରଫ

ରାଉରକେଲା,୭।୮(ସଙ୍ଗୀତା ଜେନା)

ରାଉରକେଲା ରେଲୱେ ଷ୍ଟେଶନ ମ୍ୟାନେଜରଙ୍କୁ ଗୁରୁବାର କିଛି ଭେଣ୍ଡର ଏବଂ ସେମାନଙ୍କ ସମର୍ଥକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ମ୍ୟାନେଜର ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୋପବନ୍ଧୁପାଲୀର ଗୁଲଶନ ଯାଦବ(୨୧) ଏବଂ ସାହାବୀର ଯାଦବ(୨୧)। ଗୁରୁବାର ଅପରାହ୍ନ ୪ଟାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା(ନଂ.୯୦/୨୫) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଗୁରୁବାର ପୂର୍ବାହ୍ନ ୧୧ଟା ୩୦ମିନିଟ୍‌ରେ ପ୍ଲାଟଫର୍ମ ନଂ.୧ରେ ଥିବା ଫୁଡ୍ ପ୍ଲାଜାର ୨ଜଣ କର୍ମଚାରୀ ସାହାବୀର ଏବଂ ଗୁଲଶନ ଷ୍ଟେଶନ ମ୍ୟାନେଜର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ଏବଂ ପ୍ଲାଟଫର୍ମ -୧ରେ ଯାତ୍ରୀବାହୀ ଟ୍ରେନ ରହଣି କରିବାକୁ କହିଥିଲେ। ଟ୍ରେନ ରହଣି ହେଲେ ଅଧିକ ବ୍ୟବସାୟ ହେବ ବୋଲି ସେମାନେ କହିଥିଲେ। ଏହାକୁ ନେଇ ମ୍ୟାନେଜର ଏବଂ ଉକ୍ତ ୨ଯୁବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଉତ୍ତ୍ୟକ୍ତ ହୋଇ ଯୁବକମାନେ କୁଆଡେ ମ୍ୟାନେଜରଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ବେଆଇନ ଭେଣ୍ଡରମାନଙ୍କୁ ଷ୍ଟେଶନରେ ପ୍ରଶୟ ଦେଉ ନ ଥିବା ଯୋଗୁ ଏପରି ଆକ୍ରମଣ ହୋଇଥିବା ମ୍ୟାନେଜର ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷେ, ମ୍ୟାନେଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପ୍ରତ୍ୟେକ ଦିନ ଯାତ୍ରୀବାହୀ ଟ୍ରେନ୍‌ଗୁଡ଼ିକୁ ଅନ୍ୟ ଲାଇନ୍‌ରେ ରଖୁଥିଲେ। ଫଳରେ ପ୍ଲାଟଫର୍ମ-୧ରେ ସେହି ଟ୍ରେନ୍‌ଗୁଡ଼ିକ ଆସିବା କ୍ୱଚିତ୍ ସୁଯୋଗ ପାଉଥିଲା। ଫୁଡ୍‌ପ୍ଲାଜାର କ୍ଷତି ହେଉଥିଲା ବୋଲି ଗୁଲଶନ ଓ ସାହାବୀର ଅଭିଯୋଗ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲହୁଣୀପଡା,୭।୮(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଦର୍ଜିଂ ଗ୍ରାମର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁରୁବାର ପୋଲିସ ଜବତ କରିଛି। ମୃତ ଯୁବକ ହେଲେ ବିକ୍ରମ ସାହୁ( ୨୫)। ଲହୁଣୀପଡା ପୋଲିସ ମୃତଦେହକୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସରେ ରଖିଛି। ଶୁକ୍ରବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବେଆଇନ ବନ୍ଧୁକ କାରବାର, ଅଭିଯୁକ୍ତ ଗିରଫ

**୧୦ ବନ୍ଧୁକ ସହ ଗୁଳି ଜବତ**

ରାଉରକେଲା, ୭।୮(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ବେଆଇନ ବନ୍ଧୁକ କାରବାର ରାକେଟ୍‌ର ପର୍ଦ୍ଦାଫାଶ କରିଛି। ବୁଧବାର ବିଳମ୍ବିତ ରାତିରେ ବନ୍ଧୁକ କାରବାର ବେଳେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ମୁଙ୍ଗେର ଜିଲା ମାସୁମଗଞ୍ଜର ରାଜେଶ ସାହୁ(୨୫)। ସେ ପ୍ଲାଣ୍ଟସାଇଟ୍ ଥାନା ରେଳବାଇ କଲୋନି ରିମ୍‌ଝିମ୍ ବସ୍ତିରେ ରହୁଥିଲେ। ତାଙ୍କଠାରୁ ମେଡ ଇନ୍ ଚାଇନା ପିସ୍ତଲ, ମେଡ ଇନ୍ ୟୁଏସ୍‌ଏର ୩ଟି ପିସ୍ତଲ, କିଙ୍ଗ୍ କେଜିଏଫ୍‌ର ଗୋଟିଏ ପିସ୍ତଲ, ସିଙ୍ଗଲ ସଟ୍‌ର ୪ଟି ପିସ୍ତଲ ସହ ମୋଟ ୧୦ଟି ପିସ୍ତଲ, ଗୋଟିଏ ୭.୬୫ ଏମ୍‌ଏମ୍‌ର ଗୁଳି ଏବଂ ୫ଟି ୮ଏମ୍‌ଏମ୍) ଗୁଳି, ୨ଟି ରିକ୍ତ ମାଗାଜିନ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା( ନଂ.୬୦୪/୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ବିରୋଧରେ ରାଜଗାଙ୍ଗପୁର ଥାନାରେ ଗୋଟିଏ ଆପରାଧିକ ମାମଲା ରହିଥିବା ଗୁରୁବାର ସନ୍ଧ୍ୟା ୬ଟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।



ଗିରଫ ଅଭିଯୁକ୍ତ ଏବଂ ଜବତ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ।

ଏସ୍‌ପି ୱାଧୱାନୀ କହିଥିଲେ, ଝାଡ଼ଖଣ୍ଡ, ବିହାର ତଥା ଅନ୍ୟ ରାଜ୍ୟରୁ ବେଆଇନ ଭାବେ ଓଡ଼ିଶାକୁ ବିପୁଳ ପରିମାଣର ପିସ୍ତଲ, ବନ୍ଧୁକ ଆସୁଥିଲା। ସେଗୁଡ଼ିକ ସ୍ଥାନୀୟ ଅପରାଧୀମାନଙ୍କୁ ୮ରୁ ୧୮ହଜାର ଟଙ୍କାରେ ବିକ୍ରି କରାଯାଉଥିଲା। ବିଭିନ୍ନ ମଡେଲ ହିସାବରେ ବନ୍ଧୁକ ଗୁଡ଼ିକର ଦର ନିର୍ଦ୍ଧାରଣ କରାଯାଉଥିଲା। ଫଳରେ ବିଭିନ୍ନ ସମୟରେ ଅପରାଧୀମାନେ ଏହାକୁ ବ୍ୟବହାର କରି ଆପରାଧିକ କାର୍ଯ୍ୟ କରୁଥିଲେ। ବୁଧବାର ବିଳମ୍ବିତ ରାତିରେ ଗାନ୍ଧୀ ରୋଡ୍‌ରେ କେହି ଜଣେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ କରୁଥିବା ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଗୁପ୍ତ ସୂଚନା ଆଧାରରେ ଚଢ଼ାଉ କରିଥିଲା। ଚଢାଉ ବେଳେ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରାଯାଇଥିଲା। ଏହି ର୍‍ୟାକେଟ୍‌ରେ ଅନ୍ୟମାନଙ୍କ ସମ୍ପୃକ୍ତି ସନ୍ଦେହରେ ତଦନ୍ତ ଜାରି ରହିଛି। ସହରରେ ଏପରି କାରବାର ନିୟନ୍ତ୍ରଣ କରିବା ପାଇଁ ଅଭିଯାନ ଜାରି ରହିଛି। ୨୦୨୪ ଅକ୍ଟୋବର ମାସରୁ ଏଯାଏ ମୋଟ ୧୩ଟି ବେଆଇନ ଅସ୍ତ୍ରଶସ୍ତ୍ର ମାମଲାରେ ସଂଶ୍ଳିଷ୍ଟ ୫୨ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨୭ଟି ବେଆଇନ ଅସ୍ତ୍ର ଜବତ ହୋଇଛି ବୋଲିଏସ୍‌ପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ଉପସ୍ଥିତ ଥିଲେ।

## ରାଉରକେଲାର ମାନସୀଙ୍କୁ ମାଗ୍ନିଫିସେଣ୍ଟ କୁଇନ୍ସ ଟାଇଟଲ

ରାଉରକେଲା,୭।୮(ଦିନେଶ ମିଶ୍ର)

ନୂଆଦିଲ୍ଲୀରେ ଆୟୋଜିତ ଚଳିତ ବର୍ଷର ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଲନାଲ କୁଇନ୍ସ-୨୦୨୫ରେ ରାଉରକେଲାର ମାନସୀ ଦାସ ମହାପାତ୍ର ପ୍ରତିଯୋଗୀ ଭାବେ ଯୋଗଦେଇ ରାଉରକେଲା ସମେତ ସୁନ୍ଦରଗଡ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୮୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ରାଉରକେଲାର ସେକ୍ଟର-୨୦ କ୍ୱାର୍ଟର୍ସ ନମ୍ବର ବି-୧୮୬ରେ ରହୁଥିବା ମାନସୀ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମାଗ୍ନିଫିସେଣ୍ଟ କୁଇନ୍ସ-୨୦୨୫ ଟାଇଟଲ ଜିତିଛନ୍ତି। ଅତିଥିମାନେ ତାଙ୍କୁ କ୍ରାଉନ୍ ସାଙ୍ଗକୁ ସାସ୍ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ମାନସୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡିଶାର ସଂସ୍କୃତି ଓ ପରମ୍ପରା ମଞ୍ଚସ୍ଥ କରିଥିବାରୁ ତାଙ୍କୁ ଏହି ଟାଇଟଲ୍ ପ୍ରଦାନ କରାଯାଇଥିଲା।

ମାନସୀ ଜଣେ ଗୃହିଣୀ ହୋଇଥିବାବେଳେ ତାଙ୍କ ସ୍ୱାମୀ ସୁବ୍ରତ କୁମାର କାନୁନ୍‌ଗୋ ଆର୍‌ଏସ୍‌ପି ହଟ୍ ଷ୍ଟ୍ରିପ୍ ମିଲ୍‌ରେ ଜେନେରାଲ ମ୍ୟାନେଜର ଭାବେ



ମାନସୀ ଦାସ ମହାପାତ୍ର।

କାର୍ଯ୍ୟ କରୁଛନ୍ତି। ମାନସୀ ଜଣେ ଓଡିଶୀ ଡ୍ୟାନ୍ସର ସହ କ୍ଲାସିକାଲ ସଙ୍ଗୀତ ଗାୟକ ଅଟନ୍ତି। ଭାରତର କଲଚର୍ ଉପରେ ଆଧାରିତ ଏହି ପ୍ରତିଯୋଗିତାରେ ସେ ଅଂଶଗ୍ରହଣ କରି ଅନ୍ୟ ରାଜ୍ୟର କଳା, ସଂସ୍କୃତି ଉପରେ ଜାଣିବାକୁ ପାଇଥିବା ପ୍ରକାଶ କରିଛନ୍ତି। ସେ ଏହି ଟାଇଟଲ ଜିତିବା ପରେ ତାଙ୍କୁ ରାଉରକେଲାର ବିଭିନ୍ନ ସଙ୍ଗଠନରୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରତ୍ୟେକ ମହିଳା ନିଜ କମ୍ଫର୍ଟ ଜୋନ୍‌ରୁ ବାହାରି ନିଜ ସଭ୍ୟତା ଓ ସଂସ୍କାର, ସଂସ୍କୃତି ପ୍ରତି ରୁଚି ରଖି ଯଦି ଉଚିତ ପଦକ୍ଷେପ ନେବେ ତେବେ ନିଶ୍ଚିତ ସମାଜରେ ସମ୍ମାନ ସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମାନସୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ପ୍ରତିଯୋଗିତା ଜୁଲାଇ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା।

## ବର୍ଦ୍ଧିତ ପେନ୍‌ସନ ପାଇଁ ଟଙ୍କା ଡିପୋଜିଟ୍ ଅବଧି ବଢ଼ିଲା

ରାଉରକେଲା,୭।୮(ସଙ୍ଗୀତା ଜେନା)

**ଇପିଏସ୍-୯୫ ମାମଲା**

ସେଲ୍ ଆର୍‌ଏସ୍‌ପିରେ କର୍ମଚାରୀମାନେ ବର୍ଦ୍ଧିତ ପେନଶନ ପାଇଁ କୌଣସି କାରଣବଶତଃ ଟଙ୍କା ଡିପୋଜିଟ୍ କରିପାରି ନ ଥିଲେ। ସେମାନଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯାଇଛି। ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଉକ୍ତ ଟଙ୍କା ଜମା କରାଯାଇପାରିବ ବୋଲି ଗୁରୁବାର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଫାଇନାନ୍ସ ବିଭାଗରୁ ଜାରି ସର୍କୁଲାରରେ କୁହାଯାଇଛି। ଏ ନେଇ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ସହବନ୍ଧିତ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆର୍‌ଆଇକେକେଏସ୍) ପକ୍ଷରୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୨୨ ନଭେମ୍ବର ୪ରେ ସୁପ୍ରିମକୋର୍ଟ ଇପିଏସ୍-୯୫ ବର୍ଦ୍ଧିତ ପେନସନ୍ ପାଇଁ ଏକ ଐତିହାସିକ ରାୟ ପ୍ରଦାନ କରିଥିଲେ। ରାୟ ଅନୁଯାୟୀ ୨୦୧୪ ସେପ୍ଟମ୍ବର ୧ ତାରିଖ ପୂର୍ବରୁ ଯେଉଁମାନେ ବର୍ଦ୍ଧିତ ପେନସନ୍ ପାଇଁ ମିଳିତ ଆବେଦନ କରି ନ ଥିଲେ, ସେମାନଙ୍କୁ ଆଉଥରେ ସୁଯୋଗ ପ୍ରଦାନ କରାଯାଉ। ଏହାକୁ ଆଧାର କରି ୨୦୨୩ରେ ମିଳିତ ଆବେଦନ ପାଇଁ ଅନ୍‌ଲାଇନ୍ ସର୍କୁଲାର ପ୍ରକାଶ ପାଇଥିଲା। ଯେଉଁମାନେ ଆବେଦନ କଲେ ସେମାନଙ୍କୁ ଆର୍‌ପିଏଫ୍‌ସି ରାଉରକେଲା ପକ୍ଷରୁ ଡିମାଣ୍ଡ ଲେଟର୍ ଆସିଲା। ସେଥିରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବଳକା ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଥିଲା। ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ଇପିଏଫ୍‌ଓ ସାଇଟ୍‌ରେ ଏହା ରହିଥିଲା। ଅନେକ କର୍ମଚାରୀ ଏହାକୁ ଡାଉନ୍‌ଲୋଡ୍ କରି ପାରି ନ ଥିଲେ। ଯାହାକି ପରବର୍ତ୍ତୀ ସମୟରେ ସାଇଟ୍ ବନ୍ଦ ହୋଇଯାଇଥିଲା। ଯେତେବେଳେ ଏହା ପୁନଃ ଖୋଲିଲା ତାହା ସମୟ ଯାଇଥିଲା। ଆର୍‌ପିଏଫ୍‌ସି ଇସ୍ପାତ କାରଖାନା ଫାଇନାନ୍ସ ବିଭାଗକୁ କର୍ମଚାରୀଙ୍କୁ ଆଉ ଥରେ ସୁଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଆଇକେକେଏସ୍ ସାଧାରଣ ସମ୍ପାଦକ ହିମାଂଶୁ ବଳ ଆର୍‌ପିଏଫ୍‌ସିରେ ପୂର୍ବରୁ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ ବୋଲି ଜଣାଇଛନ୍ତି।

## ଗାଡ଼ି ଧକ୍କାରେ ଯୁବକ ମୃତ

ବଡ଼ଗାଁ, ୭।୮(ଅଶୋକ ଷଡ଼ଙ୍ଗୀ) :

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜାମବାହାଲ ଗାଁ ନିକଟ ରାଜପଥରେ ବୁଧବାର ରାତି ପ୍ରାୟ ସାଢ଼େ ୯ଟାରେ ଭାରିଯାନ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇତମା ଖଡ଼ିଆପଡ଼ା ଗ୍ରାମର ସ୍ୱପ୍ନେଶ୍ୱର ମାଝୀ (୩୨)। ସୂଚନା ପାଇ ଥାନା ଏଏସ୍‌ଆଇ ଶ୍ରୀକାନ୍ତ ପଣ୍ଡା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଗୁରୁବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରକାଶଯୋଗ୍ୟ, ସ୍ୱପ୍ନେଶ୍ୱର ବାଇକ ଯୋଗେ କୌଣସି କାମରେ ସୁନ୍ଦରଗଡ଼ ଯାଇ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।

## ପରିବେଶ ପ୍ରତି ଦାୟିତ୍ୱବୋଧ ରହିଲେ ପୃଥିବୀ ସୁରକ୍ଷିତ ରହିବ

ରାଉରକେଲା,୭।୮(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ସ୍କୁଲ ପରିସରରେ ପ୍ରସିଦ୍ଧ ପରିବେଶ ସଙ୍ଗଠନ ଟ୍ରଷ୍ଟ ପକ୍ଷରୁ ପୃଥିବୀ ବଞ୍ଚାଅ ଦୁଇଦିନିଆ କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ଟ୍ରଷ୍ଟର ସଂସ୍ଥାପକ ନିହାର ରଞ୍ଜନ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କରାଯାଇଥିଲା। ଏଥିରେ କର୍ନେଲ ପ୍ରଫେସର ଡକ୍ଟର ପ୍ରଫୁଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଯଦି ପ୍ରତ୍ୟେକ ନାଗରିକ ପରିବେଶ ପ୍ରତି ଦାୟିତ୍ୱବୋଧ ହୋଇ କାର୍ଯ୍ୟ କରିବେ ତେବେ ପୃଥିବୀ ସୁରକ୍ଷିତ ରହିବ ବୋଲି ଅତିଥି ମହାନ୍ତି


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ମତପ୍ରକାଶ କରିଥିଲେ। ଡା. ଲଳିତ କୁମାର ରଥ, ଡା. ପଦ୍ମିନୀ ପାଣିଗ୍ରାହୀ, ଡା. ହେମନ୍ତ କୁମାର ମିଶ୍ର, ଡା. ଉଷାରାଣୀ ଆଚାର୍ଯ୍ୟ, ପ୍ରଫେସର ସଞ୍ଜୟ ସାମନ୍ତରାୟ, ଡା. ପ୍ରଭାତ କୁମାର ଦାସ, ଡା. ପ୍ରଦୀପ କୁମାର ପାଢୀଯୋଶୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପରିବେଶ ପାଇଁ ବୃକ୍ଷଲତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ବିଦ୍ୟାଳୟ ଓ ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ।

## ଟିପ୍ପର ଓନର୍ସ ଆସୋସିଏଶନ ପକ୍ଷରୁ ବୃକ୍ଷରୋପଣ

ରାଉରକେଲା,୭।୮ (ଦିନେଶ ମିଶ୍ର)

ଫର୍ଟିଲାଇଜର ସ୍ଥିତ ସାରନଗରୀ ବୋଇତ ବନ୍ଦାଣ ପଡିଆରେ ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରଘୁନାଥପାଲି ଟିପ୍ପର ଓନର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆସୋସିଏଶନର କର୍ମକର୍ତ୍ତା ଉପସ୍ଥିତ ରହି ଆମ୍ବ, ଲିମ୍ବ, ପଣସ ଆଦି ବୃକ୍ଷରୋପଣ କରିଥିଲେ। ପରିବେଶ ପାଇଁ ବୃକ୍ଷଲତାର ଆବଶ୍ୟକତା ଜରୁରୀ ଓ ବୃକ୍ଷ ବଞ୍ଚିଲେ ସମାଜ ବଞ୍ଚି ରହିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହୋଇଥିଲା ବୋଲି ପଟ୍ଟନାୟକ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଆସୋସିଏଶନର ବସନ୍ତ କୁମାର ଗିରି, ଦେବ୍ର ପ୍ରସାଦ ମିଶ୍ର, ଅଜିତ କୁମାର ଛୋଟରାୟ, ବ୍ରଜକିଶୋର ସାମଲ, ଶୁଭମ ବେହେରା, ଏମ୍‌ଡି ସାଜିଦ୍, ସୌମ୍ୟରଞ୍ଜନ ନାୟକ, ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମିଶ୍ର, ଅଶ୍ୱିନୀ ପଟ୍ଟନାୟକ, ହରମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସଂଘ କର୍ମକର୍ତ୍ତା।


**GOVERNMENT OF ODISHA**
**e-Procurement Notice, ANGUL (R&B) DIVISION**
**Bid Identification No. 18 of 2025-26**
e-mail ID - angulrbdivision@yahoo.co.in
No.B-374

1 Number of Works : 02 (Two) number of building works
2 Approximate estimated cost : Varies from 71.00 lakh to 79.00 lakh
3 Period of completion : 06 (Six) Calendar months
4 Date & Time of availability of bid document in the portal : **Dt.11.08.2025 at 10.00 A.M.**
5 Last date / time for receipt of bid in the portal : **Dt.25.08.2025 up to 5.00 P.M.**
6 Date of opening Bid : **Dt.26.08.2025 at 11.00 A.M.**
7 Name and address of the Office Inviting Bid : Superintending Engineer, Angul (R&B) Division, Angul
8 The bidders must participate in **ONLINE** bidding only. Further details can be seen from the e-procurement portal https:/tendersodisha.gov.in

OIPR-34074/11/0031/2526
Sd./- Superintending Engineer, Angul (R&B) Division

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. eT-M-KUR-EnHM-BBSN-312-25
କାର୍ଯ୍ୟର ନାମ : 01 ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର ନ୍ୟୁ ରେଲୱେ ଷ୍ଟେସନଠାରେ ପ୍ଲାଟଫର୍ମ-1 ଏବଂ 6 & 7, ଫୁଟ୍ ଓଭର ବ୍ରିଜ୍ (FOB) (2 & 3 ତଥା 4 & 5 ର ସିଢ଼ୀ ବ୍ୟତୀତ) ଏବଂ ପରିଚାଳନ କ୍ଷେତ୍ରଗୁଡ଼ିକର ସଫେଇ କାର୍ଯ୍ୟକଳାପ, ପ୍ଲାଟଫର୍ମ (PF) 1 & 6 ରୁ ଅଳିଆ ଡ୍ରବାଗୁଡ଼ିକୁ ଖାଲିକରିବା ଏବଂ ବର୍ଜ୍ୟବସ୍ତୁ ଅପସାରଣ।
ବିଜ୍ଞାପିତ ମୂଲ୍ୟ (₹) : 1,42,83,236.36, EMD (₹) : 2,21,400.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 12 ମାସ।
ବିଡ୍ ଆରମ୍ଭ ହେବା ତାରିଖ: ତା.12.08.2025ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.08.2025ରିଖ 1530 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ।
ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧା ରୋଡ୍
PR-442/Q/24-25

**ଫର୍ମ ନଂ.୧୩**
**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକ, ଓଡ଼ିଶା**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
ଓ.ଏ. ନଂ. ୬୨୬/୨୦୨୪
ଆଇଡିଏଫ୍‌ସି ଫାର୍ଷ୍ଟ ବ୍ୟାଙ୍କ ଲିମିଟେଡ୍........................ ଆବେଦନକାରୀ
ବନାମ
ଅଶୋକ କୁମାର ନାଏକ ଓ ଅନ୍ୟଜଣେ ........................ ପ୍ରତିବାଦୀ(ଗଣ)
୧) ଅଶୋକ କୁମାର ନାଏକ, ବୟସ ପ୍ରାୟ ୪୪ ବର୍ଷ, ପିତା- ଦେବେନ୍ଦ୍ର କୁମାର ନାଏକ, ସ୍ଥାନ- ହରିଓମ୍ କଲୋନୀ, ମିଶନ୍ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼-୭୭୦୦୦୧
୨) ରୀତା ପଟେଲ, ବୟସ ପ୍ରାୟ ୩୯ ବର୍ଷ, ପିତା- ରାଜକୁମାରୀ ପଟେଲ, ସ୍ଥାନ- ହରିଓମ୍ କଲୋନୀ, ମିଶନ୍ ଚୌକ, ୱାର୍ଡ ନଂ.୧୦, ସୁନ୍ଦରଗଡ଼ ଟାଉନ୍, ସୁନ୍ଦରଗଡ଼- ୭୭୦୦୦୧
**ଖବରକାଗଜ ପ୍ରକାଶନ ମାଧ୍ୟମରେ ସମନ**
**ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ**
ନୋଟିସ ଦିଆଯାଉଛି ଯେ ଆବେଦନକାରୀ ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ, କଟକଙ୍କ ନିକଟରେ **ଟ.୪୬,୯୦,୯୦୦/-** ମାତ୍ର ସମେତ ଚଳିତ ଓ ଭବିଷ୍ୟତର ସୁଧ, ବ୍ୟୟ ଓ ଅନ୍ୟାନ୍ୟ ଉପଶମ ପାଇଁ **ଓ.ଏ. ନଂ. ୬୨୬/୨୦୨୪** ଆରମ୍ଭ କରିଛନ୍ତି। ତେଣୁକରି, ଉପରନାମିତ ପ୍ରତିବାଦୀମାନଙ୍କୁ ଏହି ନ୍ୟାୟାଧିକରଣଙ୍କ ଇଜିଲାସରେ ବ୍ୟକ୍ତିଗତ ଭାବେ କିମ୍ବା ଜଣେ ଓକିଲଙ୍କ ଜରିଆରେ କିମ୍ବା ବିଧିବଦ୍ଧ ଭାବେ ଅଧିକୃତ ଏଜେଣ୍ଟଙ୍କ ମାଧ୍ୟମରେ କାରଣ ଦର୍ଶାଅ ନୋଟିସ ବିରୁଦ୍ଧରେ ନିଜର ପ୍ରତିରକ୍ଷା ଲାଗି ପ୍ରକାଶନର ୩୦ ଦିନ ମଧ୍ୟରେ ଅଥବା **ତା୧୪।୧୦।୨୦୨୫ରିଖ ୧୦.୩୦ ଘଟିକା** ସୁଦ୍ଧା ହାଜର ହେବା ଏବଂ ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର ଦଲିଲ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଉଛି। ନୋଟିସ୍ ଦିଆଯାଉଛି ଯେ, ଏଥିରେ ଖିଲାପ କରାଯିବା କ୍ଷେତ୍ରରେ ଦରଖାସ୍ତକୁ ସେମାନଙ୍କର ଅନୁପସ୍ଥିତିରେ ଶୁଣାଣି ଓ ଫଇସଲା କରାଯିବ।
ମୋର ଦସ୍ତଖତ ଓ ଏହି ନ୍ୟାୟାଧିକରଣର ମୋହର ଅଧୀନରେ **୩୧ ଜୁଲାଇ, ୨୦୨୫** ଦିନ ପ୍ରଦତ୍ତ
**ନିବନ୍ଧକ**
**(ନିଖିଳ ରଞ୍ଜନ ପତି)**

**ODISHA CONSTRUCTION CORPORATION LIMITED**
**BHUBANESWAR**
